



ଯା ଦେବୀ ସର୍ବଭୂତେଷୁ............

ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net
email: pratidhwani.dhwani@gmail.com

ବାଲେଶ୍ୱର ■ ମଙ୍ଗଳବାର, ୦୩ ମଇ ୨୦୨୨ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ TUESDAY 03 MAY 2022
Vol.No. 33 ■ No. 114 ■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore(Odisha)/005/2022





ପ୍ରକାଶକ :
ସୁବର୍ଣ୍ଣଶ୍ରୀ ପ୍ରକାଶିନୀ
ବାଲେଶ୍ୱର-୧
ସୃଷ୍ଟିଧର ପରିଡ଼ାଙ୍କର ଏମିତି ଚାଲିଥିବ
ସୈରିନ୍ଧ୍ରୀ ସାହୁଙ୍କର ରଫ୍‌ଖାତାର ଚିତ୍ର
ପ୍ରାପ୍ତିସ୍ଥାନ
ନଲେଜ୍ କର୍ଣ୍ଣର୍, ସହଦେବଖୁଣ୍ଟା ବସ୍‌ଷ୍ଟାଣ୍ଡ ସାମନା
ବାଲେଶ୍ୱର-୧


# ୟୁକ୍ରେନ-ରୁଷିଆ ଯୁଦ୍ଧରେ କାହାର ହେବନି ବିଜୟୀ : ମୋଦୀ



ନୂଆଦିଲ୍ଲୀ, ୦୨/୦୫ : ୟୁକ୍ରେନ-ରୁଷିଆ ଯୁଦ୍ଧର ଘନଘଟା ମଧ୍ୟରେ ତିନି ଦିନିଆ ୟୁରୋପୀୟ ଦେଶ ଗସ୍ତରେ ଅଛନ୍ତି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ । ବର୍ଲିନ ପହଁଚିବା ପରେ ମୋଦୀଙ୍କୁ ଦିଆଯାଇଛି ଭବ୍ୟ ସ୍ୱାଗତ ସମ୍ବର୍ଦ୍ଧନା । ଯୁଦ୍ଧ ସଂପର୍କରେ ବଡ଼ ବୟାନ ଦେଇଛନ୍ତି ପ୍ରଧାନମନ୍ତ୍ରୀ । କହିଛନ୍ତି, ଏହି ଯୁଦ୍ଧରେ ସମସ୍ତଙ୍କର କ୍ଷତି ହେବ, କାହାର ହେବନି ବିଜୟ । ଏହି ଯୁଦ୍ଧର ପ୍ରଭାବ ସାରା ବିଶ୍ୱର ଶାନ୍ତି ଉପରେ ପଡ଼ିଛି । ପ୍ରତ୍ୟେକ ଦେଶ ପରିସ୍ପର ଉପରେ ନିର୍ଭରଶୀଳ, ତାହା ପ୍ରମାଣିତ ହୋଇଛି । ଯୁଦ୍ଧର ପ୍ରଥମ ଦିନରୁ ଭାରତ ଯୁଦ୍ଧ ବିରାମ ପାଇଁ କହିଆସିଛି । ଆଗକୁ ମଧ ଏହା ଜାରି ରହିବ । ରୁଷ ଓ ୟୁକ୍ରେନରେ ଯେଉଁ ମାନବୀୟ ସଂକଟ ପୁଜିଛି, ତ୍ୱେପାଇଁ ଭାରତ ବିଶେଷ ଭାବେ ଚିନ୍ତିତ ରହିଛି । ଖାିବା ତେଲ ଓ ଖାଦ୍ୟ ସାମଗ୍ରୀର ଦର ସାରା ବିଶ୍ୱରେ ବଢି ଚାଲଇଛି । ୟୁକ୍ରେନକୁ ଭାରତ ମାନବୀୟ ସହାୟତା ଯୋଗାଇ ଆସିଛି । ଏହା ଜାରି ରହିବ । ଆଲେଚେନା ମାଦ୍ରମରେ ଏହାର ସମାଧାନ ହୋଇପାରିବ ବୋଲି କହିଛନ୍ତି ଭାରତର ପ୍ରଧାନମନ୍ତ୍ରୀ । ଗସ୍ତ ମମୟରେ ଜର୍ମାନୀ ଓ ଭାରତ ମଧ୍ୟରେ ଅନେକ ଚୁକ୍ତି ସ୍ୱାକ୍ଷରିତ ହୋଇଛି । ମୋଦୀ ଜର୍ମାନୀ ସମେତ ଡେନମାର୍କ ଏବଂ ଫ୍ରାନ୍ସ ଗସ୍ତ କରିବେ । ଏହି ଗସ୍ତ ବେଳେ ମୋଦୀଙ୍କର ୨୫ଟି ବୈଠକ ରହିଥିବା ବେଳେ ୮ ୟୁରୋପୀୟ ନେତାଙ୍କୁ ଭେଟିବେ । ରାଜଧାନୀ ବର୍ଲିନରେ ପହଁଚିବା ପରେ ଭାରତୀୟ ସମୁଦାୟ ପକ୍ଷରୁ ପ୍ରଧାନମନ୍ତ୍ରୀ ମୋଦୀଙ୍କୁ ଭବ୍ୟ ସ୍ୱାଗତ ସମ୍ବର୍ଦ୍ଧନା କରାଯାଇଛି । ହୋଟେଲ ଆଡଲୋନ କେମ୍ପିନସ୍କିରେ ପହଁଚିବା ପରେ ବନ୍ଦେ ମାତରମ୍ ଓ ଭାରତ ମାତାକି ଜୟ ନାରା ଦେଇ ପ୍ରଧାନମନ୍ତ୍ରୀଙ୍କୁ ସ୍ୱାଗତ କରାଯାଇଥିଲା । ଏହିସମୟରେ ସେଠାରେ ଉପସ୍ଥିତ ଥିବା କିଛି ଛୋଟ ପିଲାଙ୍କ ସହ କଥା ହୋଇଥିଲେ ମୋଦୀ । ଏକ ଛୋଟ ଝିଅ ମୋଦୀଙ୍କୁ ଆଙ୍କିଥିବା ତାଙ୍କର ଏକ ଛବି ଉପହାର ଭାବେ ଦେଇଥିଲେ । ସେହିପରି ଏକ ଛୋଟ ବାଳକ ମୋଦୀଙ୍କ ପାଇଁ ଦେଶାତ୍ମବୋଧ ଗୀତ ଗାଇଥିଲେ ।




ପବିତ୍ର ଇଦ୍-ଉଲ୍-ଫିତର ଅବସରରେ ମୁଁ ଆମ ରାଜ୍ୟର ସମସ୍ତ ମୁସଲମାନ ଭାଉଭଉଣୀମାନଙ୍କୁ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଉଛି । ଶାନ୍ତି-ମୈତ୍ରୀ-ହର୍ଷୋଲ୍ଲାସର ଏହି ପର୍ବରେ ସମସ୍ତେ ସାମିଲ ହେବା ସହ ମୁସଲମାନ ଭାଉଭଉଣୀମାନଙ୍କ ସର୍ବାଙ୍ଗୀନ ବିକାଶ ନିମନ୍ତେ କାର୍ଯ୍ୟ କରିବାକୁ ମୁଁ ଆହ୍ୱାନ ଜଣାଉଛି ।

(ଗଣେଶୀ ଲାଲ)

OIPR : 15001/13/0034/2223


## ନିର୍ବାଚନ ରଣନୀତିକାର ପ୍ରଶାନ୍ତ କିଶୋର ଗଢ଼ିପାରନ୍ତି ନୂଆ ଦଳ



ନୂଆଦିଲ୍ଲୀ, ୦୨/୦୫ : ନିର୍ବାଚନ ରଣନୀତିକାର ପ୍ରଶାନ୍ତ କିଶୋରଙ୍କୁ ନେଇ ରାଜନୀତି ଗଳିରେ ଆଜିକାଲି ବେଶ ଚର୍ଚ୍ଚା ଚାଲିଛି । ଗତ ସପ୍ତାହରେ କଂଗ୍ରେସର ବଡ ଅଫରକୁ ପ୍ରତ୍ୟାଖାନ କରି ପିକେ ଖବରର ଶିରୋନାମା ପାଲଟିଥିଲେ । ଏବେ ପୁଣି ତାଙ୍କୁ ନେଇ ନୂଆ ଖବର ସାମ୍ନାକୁ ଆସୁଛି । ସୋମବାର ସକାଳୁ ପ୍ରଶାନ୍ତଙ୍କ ଏକ ଟୁଇଟ ଦିନ ତମାମ ଚର୍ଚ୍ଚା ବିଷୟ ପାଲଟିଛି । ରାଜନୀତିର ପ୍ରଚ୍ଛଦପଟ ନାୟକ ପ୍ରଶାନ୍ତ ଆଗକୁ ▶▶ପୃଷ୍ଠା ୭

## ବିଡିଓଙ୍କୁ ମାଡ ଅଭିଯୋଗରେ ଦେବଗଡ଼ ବିଧାୟକ ସୁବାସ ପାଣିଗ୍ରାହୀ ଗିରଫ



ଭୁବନେଶ୍ୱର, ୦୨/୦୫ (ନି.ପ୍ର): ତିଲେଇବଣି ବିଡିଓଙ୍କୁ ମାଡ଼ ମାରିବା ଅଭିଯୋଗରେ ବରିଷ୍ଠ ବିଜେପି ନେତା ତଥା ଦେବଗଡ଼ ବିଧାୟକ ସୁବାସ ଚନ୍ଦ୍ର ପାଣିଗ୍ରାହୀଙ୍କୁ ରବିବାର ଗିରଫ କରାଯାଇଛି । ବିଧାୟକ ଶ୍ରୀ ପାଣିଗ୍ରାହୀଙ୍କୁ ଦେବଗଡ଼ ପୁଲିସ୍ ତାଙ୍କ ଭୁବନେଶ୍ୱର ସ୍ଥିତ ସରକାରୀ ବାସଭବନରୁ ଗିରଫ କରାଯାଇଥିଲା ଛି । ବିଧାୟକଙ୍କ ସହିତ ତାଙ୍କ ଦୁଇ ଜଣ ସହଯୋଗୀ- ଅକାଳୁ ଧଳ ଓ କୁମରମଣି ସାହୁଙ୍କୁ ମଧ ଗିରଫ କରାଯାଇଛି । ଗିରଫ ପରେ ତାଙ୍କୁ ଦେବଗଡ ସିଜେଏମ୍ କୋର୍ଟରେ ହାଜର କରାଯାଇଥିଲା । ଜାମିନ୍ ନାମଂଜୁର ହେବାରୁ ତାଙ୍କୁ ୭ ଦିନିଆ ବିଚାରବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି । ଅପରପକ୍ଷରେ ବିଧାୟକଙ୍କୁ ଗିରଫ ପ୍ରତିବାଦରେ ଜିଲ୍ଲା ବିଜେପି ପକ୍ଷରୁ ସୋମବାର ଦିନ ୧୨ ଘଂଟିଆ ବନ୍ଦ ପାଳନ କରାଯାଇଛି । ସେପଟେ ମୁଖ୍ୟ ଶାସନ ସଚିବ ଓ ଗୃହ ବିଭାଗ ଅତିରିକ୍ତ ମୁଖ୍ୟ ସଚିବଙ୍କୁ ଫେରାଦ ହୋଇଛି ଓଏଏସ୍ ସଂଘ । ଅଫିସରଙ୍କୁ ସୁରକ୍ଷା ଯୋଗାଇଦେବାକୁ ସଂଘ ଦାବି କରିଛି । ବିଧାୟକ ନିଜକୁ ବଂଚାଇବାକୁ ଯାଇ ବିଡିଓଙ୍କ ବିରୋଧରେ ଏତଲା ଦାୟର କରିଥିବା ସଂଘ ଅଭିଯୋଗ କରିଛି । ବିଜେଡି ଚାପରେ ତାଙ୍କୁ ଗିରଫ କରାଯାଇଛି ବୋଲି ▶▶ପୃଷ୍ଠା ୭

## ରାଜ୍ୟରେ ପ୍ରତିଷ୍ଠା ହେବ ୩୪ ଟି ନୂଆ କୋର୍ଟ

ଭୁବନେଶ୍ୱର , ୦୨/୦୫ (ନି.ପ୍ର): ରାଜ୍ୟ ସରକାର ବିଭିନ୍ନ ଜିଲ୍ଲାରେ ୩୪ଟି ନୂତନ ଅଦାଲତ ପ୍ରତିଷ୍ଠାପାଇଁ ସ୍ଥିର କରିଛନ୍ତି ବୋଲି ଆଇନ ମନ୍ତ୍ରୀ ପ୍ରତାପ ଜେନା କହିଛନ୍ତି । ଏ ନେଇ ଅର୍ଥମନ୍ତ୍ରୀ ନିରଞ୍ଜନ ପୂଜାରୀଙ୍କ ଅଧ୍ୟକ୍ଷତାରେ ବସିଥିବା ଉଚ୍ଚ କ୍ଷମତା ସମ୍ପନ୍ନ କମିଟି ବୈଠକ ଅଦାଲତ ପ୍ରତିଷ୍ଠା ପ୍ରସ୍ତାବ ଉପରେ ମୋହର ମାରିଛନ୍ତି । ଏହା ମାନ୍ୟବର ଉଚ୍ଚ ନ୍ୟାୟାଳୟର ଅନୁମୋଦନ ପାଇବା ପରେ ବିଜ୍ଞପ୍ତି ପ୍ରକାଶ ପାଇବ । କମିଟିରେ ଆଇନ୍ ମନ୍ତ୍ରୀ ପ୍ରତାପ ଜେନା, ଅର୍ଥ ବିଭାଗର ପ୍ରମୁଖ ସଚିବ ବିଶାଳ ଦେବ ଏବଂ ଆଇନ୍ ସଚିବ ପ୍ରତାପ କୁମାର ପାତ୍ର ପ୍ରମୁଖ ରହିଛନ୍ତି । ଏହି କମିଟି ଗଜପତି ଜିଲ୍ଲାର ପାରଳାଖେମୁଣ୍ଡି ଠାରେ ସ୍ୱତନ୍ତ୍ର ଭିଜିଲାନ୍ସ ଅଦାଲତ ପ୍ରତିଷ୍ଠାପାଇଁ ଅନୁମୋଦନ କରିଥିବାବେଳେ ଅନ୍ୟ ୭ଟି ଜିଲ୍ଲା ଏବଂ ସେସନ କୋର୍ଟ ପ୍ରତିଷ୍ଠାକୁ ମଞ୍ଜୁରୀ ଦେଇଛନ୍ତି । ଏଥି ମଧ୍ୟରେ ଭୁବନେଶ୍ୱରରେ ଦୁଇଟି, ବାଲେଶ୍ୱର ଜିଲ୍ଲାର ସୋରୋ ଓ ଜଳେଶ୍ୱରରେ ଗୋଟିଏ କରି ଯାଜପୁର ଜିଲ୍ଲାର ଚଣ୍ଡିଖୋଲ, କୋରାପୁଟ ଏବଂ ଗଜପତି ଜିଲ୍ଲାର ଆର.ଉଦୟଗିରି ଠାରେ ରହିଛି । ଅନୁରୂପ ଭାବେ ୫ଟି ସିଭିଲ ଜଜ କୋର୍ଟ(ସିନିଅର ଡିଭିଜନ)କୁ ଅନୁମୋଦନ କରାଯାଇଛି । ଏଗୁଡିକ ନୟାଗଡ ଜିଲ୍ଲାର ରଣପୁର, କଟକ ଜିଲ୍ଲାର ▶▶ପୃଷ୍ଠା ୭




ପବିତ୍ର ଇଦ୍-ଉଲ୍-ଫିତର ପର୍ବ ଉପଲକ୍ଷେ ମୁସଲମାନ ଭାଇଭଉଣୀମାନଙ୍କୁ ମୋର ଆନ୍ତରିକ ଶୁଭେଚ୍ଛା ଜଣାଉଛି ଏବଂ ସମସ୍ତଙ୍କର ସୁଖ ଓ ସମୃଦ୍ଧି କାମନା କରୁଛି ।

ନବୀନ ପଟ୍ଟନାୟକ
ମୁଖ୍ୟମନ୍ତ୍ରୀ, ଓଡ଼ିଶା

OIPR : 15001/13/0034/2223


## ଟିକା ନେବାକୁ କାହାକୁ ବାଧ କରାଯାଇ ପାରିବନି : ସୁପ୍ରିମକୋର୍ଟ

ନୂଆଦିଲ୍ଲୀ, ୦୨/୦୫ : କରୋନା ଟିକାକୁ ନେଇ ବଡ଼ ନିଷ୍ପତ୍ତି ଶୁଣାଇଛନ୍ତି ସର୍ବୋଚ୍ଚ ନାୟାଳୟ । ଟିକାକୁ ବାଧ୍ୟତାମୂଳକ କରିବା ବିରୋଧରେ ଏବଂ ଏହାର କ୍ଲିନିକାଲ୍ ଡାଟାକୁ ସାର୍ବଜନୀନ କରିବା ନେଇ ନ୍ୟାସନାଲ୍ ଟେକ୍ନିକାଲ୍ ଆଡଭାଇଜରୀ ଗ୍ରୁପ୍ ଅନ୍ ଇମ୍ୟୁନାଇଜେସନର ପୂର୍ବତନ ସଦସ୍ୟ ଡକ୍ଟର ଜ୍ୟାକବ ପୁଲିୟଲ୍ ସୁପ୍ରିମକୋର୍ଟରେ ଆବେଦନ କରିଥିଲେ । ଏହାର ଶୁଣାଣି କରି ସୁପ୍ରିମକୋର୍ଟ କହିଛନ୍ତି, 'ଜନହିତ ପାଇଁ ଲୋକଙ୍କୁ ସଚେତନ କରିପାରିବେ ସରକାର । ସଂକ୍ରମଣକୁ ରୋକିବା ପାଇଁ କଟକଣା ଲଗାଇପାରିବେ, କିନ୍ତୁ ଟିକା ନେବା ପାଇଁ କାହାରିକୁ ବାଧ କରାଯାଇ ପାରିବନାହିଁ ।' ସୁପ୍ରିମକୋର୍ଟ ଆହୁରି ମଧ କହିଛନ୍ତି, 'କରୋନା ସଂକ୍ରମଣ ଏବେ କମ୍ ଥିବାରୁ ସର୍ବସାଧାରଣ ସ୍ଥାନରେ ଟିକା ନ ନେଇଥିବା ବ୍ୟକ୍ତିଙ୍କ ଉପରେ ପ୍ରତିବନ୍ଧ ଲଗାଇବା ଉଚିତ ନୁହେଁ । କିଛି ରାଜ୍ୟ ଏପରି କରୁଥିବାରୁ ଏହାକୁ ପ୍ରତ୍ୟାହାର କରିଯାଉ ।' ସେହିପରି ଯେଉଁ ବ୍ୟକ୍ତିଙ୍କ ଉପରେ ଟିକାର ପ୍ରତିକୂଳ ପ୍ରଭାବ ପଡିଛି, ସେ ସଂପର୍କରେ ବିବରଣୀ ପ୍ରକାଶ କରିବାକୁ ମଧ କହିଛନ୍ତି ସୁପ୍ରିମକୋର୍ଟ । ଏପଟେ ରାଜ୍ୟ ପରିବାର କଲ୍ୟାଣ ନିର୍ଦ୍ଦେଶକ କହିଛନ୍ତି କାହାକୁ ଟିକା ନେବା ପାଇଁ ବାଧ କରାଯାଉନି । ଯାହାର ଇଚ୍ଛା ସେ ଟିକା ନେଇପାରିବେ । ଟିକା ହେଉଛି କରୋନାରୁ ସୁରକ୍ଷା ଦେବା ପାଇଁ । ତେବେ ସମୟ ହୋଇଥିଲେ ବି ଓଡ଼ିଶାରେ ୨୭ ଲକ୍ଷ ଲୋକ ଦ୍ୱିତୀୟ ଡୋଜ୍ ଟିକା ନେଇନାହାନ୍ତି । ମାତ୍ର ୧୯ ପ୍ରତିଶତ ନେଇଛନ୍ତି ପ୍ରିକସନ ବା ବୁଷ୍ଟର ଡୋଜ୍ ଟିକା ।

## ୩୧ ରେ ବ୍ରଜରାଜନଗର ଉପନିର୍ବାଚନ



ଭୁବନେଶ୍ୱର, ୦୨/୦୫ (ନି.ପ୍ର): ବ୍ରଜରାଜନଗର ବିଧାନସଭା ଆସନରେ ଉପନିର୍ବାଚନ ପାଇଁ ବାଜିଛି ବିଗୁଲ । ଆସନ୍ତା ମେ' ୩୧ ତାରିଖରେ ଏଠାରେ ଭୋଟ୍ ଗ୍ରହଣ ହେବ । ସୋମବାର ଦିନ ଭାରତୀୟ ନିର୍ବାଚନ କମିଶନ ଏନେଇ ଘୋଷଣା କରିଛନ୍ତି । ଏହା ସହିତ ଝାରସୁଗୁଡ଼ା ଜିଲ୍ଲାରେ ଆଜିଠାରୁ ଲାଗୁ ହୋଇଯାଇଛି ନିର୍ବାଚନ ଆଚରଣବିଧି । ବିଜେଡି ବିଧାୟକ କିଶୋର କୁମାର ମହାନ୍ତିଙ୍କ ପରଲୋକ ପରେ ଏହି ଆସନ ଖାଲି ପଡ଼ିଛି । ନିର୍ବାଚନ କମିଶନଙ୍କ ପକ୍ଷରୁ ଜାରି ବଜ୍ଞପ୍ତି ଅନୁଯାୟୀ ବ୍ରଜରାଜନଗର ଉପନିର୍ବାଚନ ପାଇଁ ମେ' ୪ ତାରିଖରେ ଗେଜେଟ ବିଜ୍ଞପ୍ତି ପ୍ରକାଶ ପାଇବ । ମେ' ୧୧ ତାରିଖ ପର୍ଯ୍ୟନ୍ତ ଆଶାୟୀମାନେ ନାମାଙ୍କନପତ୍ର ଦାଖଲ କରିପାରିବେ । ମେ' ୧୨ରେ ନାମାଙ୍କନପତ୍ର ଯାଂଚ କରାଯିବ । ୧୭ ତାରିଖ ପର୍ଯ୍ୟନ୍ତ ପ୍ରାର୍ଥୀମାନେ ଚାହିଁଲେ ସେମାନଙ୍କ ନାମାଙ୍କନପତ୍ର ପ୍ରତ୍ୟାହାର କରିପାରିବେ । ଏହା ପରେ ମେ' ୩୧ରେ ଭୋଟ୍ ଗ୍ରହଣ କରାଯିବ । ଜୁନ୍ ୩ରେ ଭୋଟ୍ ଗଣତି ହେବ । ଜୁନ୍ ୫ ସୁଦ୍ଧା ନିର୍ବାଚନ ସମ୍ପର୍କିତ ସମସ୍ତ ପ୍ରକ୍ରିୟା ଶେଷ ହେବ । ଓଡିଶାର ବ୍ରଜରାଜନଗର ସମେତ କେରଳ ଓ ଉତରାଖଣ୍ଡର ଗୋଟିଏ ଲେଖାଏଁ ଆସନରେ ମେ ୩୧ ରେ ଭୋଟ୍ ଗ୍ରହଣ ହେବ । ଏହି ଉପନିର୍ବାଚନରେ ଇଭିଏମ୍ ଓ ଭିଭିପାଟ୍ ଉପଯୋଗ କରାଯିବ । ଆବଶ୍ୟକ ସଂଖ୍ୟକ ଇଭିଏମ୍ ଓ ଭିଭିପାଟ୍ ଉପଲବ୍ଧ କରାଯାଇଥିବା ନିର୍ବାଚନ କମିଶନ କହିବା ସହ ୨୦୨୨ ଜାନୁଆରୀ ପହିଲା ସୁଦ୍ଧା ନିର୍ବାଚନ ମଣ୍ଡଳୀରେ ଜାରି ହୋଇଥିବା ଭୋଟର ତାଲିକା ହିଁ ଉପନିର୍ବାଚନରେ ଉପଯୋଗ ହେବ ।




ପବିତ୍ର ଇଦ୍-ଉଲ୍-ଫିତର ପର୍ବ ଅବସରରେ ରାଜ୍ୟର ସମସ୍ତ ମୁସଲମାନ ଭାଉଭଉଣୀମାନଙ୍କୁ ମୋର ହାର୍ଦ୍ଦିକ ଶୁଭେଚ୍ଛା ଓ ଅଭିନନ୍ଦନ ଜ୍ଞାପନ କରିବା ସହ ସେମାନଙ୍କ ସୁଖ ଓ ସମୃଦ୍ଧି କାମନା କରୁଛି ।

(ରଘୁନନ୍ଦନ ଦାସ)
ସୂଚନା ଓ ଲୋକସମ୍ପର୍କ, ଜଳସଂପଦ ମନ୍ତ୍ରୀ

OIPR : 15001/13/0034/2223

# ନାଳ ପାଣି ଉପରେ ନିର୍ଭର କରୁଛନ୍ତି ଟିଆଖାଇ ବାସିନ୍ଦା



ଉଦଳା ,୨/୦୫ (ନି.ପ୍ର): କପ୍ତିପଦା ପଞ୍ଚାୟତ ସମିତି ଅନ୍ତର୍ଗତ କୋଳିଅଳମ ଗ୍ରାମପଞ୍ଚାୟତ ଅଧିନରେ ଥିବା ଟିଆଖାଇ ଗ୍ରାମର ଲୋକେ ନାଳ ପାଣି ଉପରେ ନିର୍ଭର କରୁଛନ୍ତି । ଉକ୍ତ ଗ୍ରାମରେ ୨୦ଟି ଆଦିବାସୀ ପରିବାର ଦିର୍ଘ ବର୍ଷ ଧରି ବସବାସ କରିଆସୁଛନ୍ତି । ପିଇବା ପାଣି ପାଇଁ ସରକାର ଗ୍ରାମରେ ୨ଟି ନଳକୂପ ବସାଇଥିଲେ । କିନ୍ତୁ ଦିର୍ଘଦିନ ହେବ ୨ଟି ଯାକ ନଳକୂପ ଅଚଳ ଅବସ୍ଥାରେ ପଡ଼ି ରହିଛି । ପାଣି ପାଇଁ ଟିଆଖାଇ ଗ୍ରାମର ଲୋକେ ନାହିଁନଥିବା ଅସୁବିଧାରେ ପଡୁଥିଲେ ମଧ୍ୟ କେହି ତାଙ୍କର ଗୁହାରୀ କର୍ଣ୍ଣପାତ କରୁନାହାଁନ୍ତି । ନାଳପାଣି ପିଇବା ଯୋଗୁଁ ବାରମ୍ବାର ଲୋକେ ଅସୁସ୍ଥ ହେଉଥିବାର ଖବର ମଧ୍ୟ ଆମର ହସ୍ତଗତ ହୋଇଛି ।

## ଅଧା ରହିଲା ମା’ ତାରିଣୀ ଦର୍ଶନ: ଗଛରେ ପିଟି ହେଲା କାର

ଅନୁଗୋଳ,୨/୦୫ (ନି.ପ୍ର): ଅନୁଗୋଳ ଜିଲ୍ଲା ପାଲଲହଡ଼ା ଥାନା ଅନ୍ତର୍ଗତ ୧୪୯ନମ୍ବର ଜାତୀୟ ରାଜପଥ ଝିମିରିପାଲି ଛକରେ ଏକ କାର ଭାରସାମ୍ୟ ହରାଇ ଗଛରେ ପିଟିହେବାରୁ ୬ଜଣ ଆହତ ହୋଇଛନ୍ତି । ସମସ୍ତଙ୍କୁ ପାଲଲହଡ଼ା ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି । ଆହତମାନଙ୍କ ମଧ୍ୟରେ ନଅ ବର୍ଷର ପିଲା ସହିତ ଦୁଇ ଜଣ ମହିଳା ଓ ତିନିଜଣ ପୁରୁଷ ଅଛନ୍ତି । ଆଜି ସକାଳେ ଫୁଲବାଣୀରୁ ଏକ ପରିବାର କାର ଯୋଗେ ଘଟଗାଁ ମା’ ତାରୀଣିଙ୍କ ଦର୍ଶନ କରିବା ପାଇଁ ଯାଉଥିଲେ । ଝିମିରିପାଲି ଛକ ନିକଟରେ କାରର ଆଗ ଚକ ହଠାତ୍ ଫାଟିଯାଇଥିଲା । ପରେ କାରଟି ଭାରସାମ୍ୟ ହରାଇ ରାସ୍ତାକଡ଼ରେ ଥିବା ଗଛରେ ପିଟି ହୋଇଯାଇଥିଲା ।

# ଧରା ପଡ଼ିଲା ଲୁଟେରା ଗ୍ୟାଙ୍ଗ : ଗୋଟିଏ ରାତିରେ ୩, ୪ ଘରେ ବୁଲାଉଥିଲେ କଳାକନା



କଟକ,୨/୦୫ (ନି.ପ୍ର): ଲୁଟ୍ ପାଇଁ ପ୍ରସ୍ତୁତ କରୁଥିଲେ ବ୍ଲୁ ପ୍ରିଣ୍ଟ । ଏଥିପାଇଁ ଜନଗହଳିପୂର୍ଣ୍ଣ ଅଞ୍ଚଳକୁ ବାଛୁଥିବା ବେଳେ ପୂର୍ବରୁ କରୁଥିଲେ ରେକି । କେଉଁ ଘରେ ତାଲା ଝୁଲୁଛି, କେଉଁ ଘରେ ଲୋକ ରହୁଥିଲେ ବି କେଉଁ ରୁମ୍ ଫାଙ୍କା ରହୁଛି, ସେ ସବୁ ବିଷୟରେ ସଂଗ୍ରହ କରୁଥିଲେ ଅପଡେଟ୍ ଡାଟା । ଏହାପରେ ରାତି ଅଧରେ ଆରମ୍ଭ କରୁଥିଲେ ନିଜ ଅପରେସନ୍ । ପୂର୍ବରୁ ଟାର୍ଗେଟ କରୁଥିବା ଘର କବାଟ, ଝରକା ତାଡ଼ି ଲୁଟି ନେଉଥିଲେ ସୁନା, ରୁପା ସହ ଟଙ୍କା । ଏପରିକି ଗୋଟିଏ ଗୋଟିଏ ରାତିରେ ଏକାଥରେ ୩ରୁ ୪ଟି ଲୁଟ୍ କରୁଥିଲେ । କଟକ ପୁଲିସ୍ ଏପରି ଏକ ଗ୍ୟାଙ୍ଗର ପର୍ଦ୍ଦାଫାସ କରିଥିବା ବେଳେ ଏହାର ୪ ସଦସ୍ୟଙ୍କୁ ବାନ୍ଧିଛି । ଏହି ଗ୍ୟାଙ୍ଗର ସମୁଦାୟ ୬ ସଦସ୍ୟ ଥିବା ବେଳେ ୨ ଜଣଙ୍କ ପତ୍ତା ମିଳିପାରିନି । ଗିରଫ ସମସ୍ତ ଲୁଟେରାଙ୍କ ଘର କେନ୍ଦ୍ରାପଡ଼ା ଜିଲ୍ଲାରେ ବୋଲି ଜଣାପଡ଼ିଛି । ସେମାନଙ୍କ ନିକଟରୁ ପୁଲିସ୍ ୧୫୭ ଗ୍ରାମ ସୁନା, ୧୭୦ ଗ୍ରାମ ରୂପା, ୨ଟି ମୋବାଇଲ ଜବତ କରିଥିବା ବେଳେ ବୋଲେରୋ ସିଜ କରିଛି । ଏନେଇ ଆଜି ଏକ ସାମ୍ବାଦିକ ସମ୍ମିଳନୀରେ ସୂଚନା ଦେଇଛନ୍ତି କଟକ ଡିସିପି ପ୍ରତୀକ ସିଂ ।

ଏହି ଲୁଟେରା ଗ୍ୟାଙ୍ଗ ବିଭିନ୍ନ ଜିଲ୍ଲାରେ ଲୁଟ୍ କରୁଥିବା ବେଳେ ମୁଖ୍ୟତଃ କଟକ, ଜଗତସିଂହପୁର, କେନ୍ଦ୍ରାପଡ଼ା, ପାରାଦୀପ, ଚୌଦ୍ୱାରରେ ଅଧିକ ଲୁଟତରାଜ ଘଟାଉଥିଲେ । ଚହଟା ଲେନ୍‌ରେ ସିରିଜ ଲୁଟ୍ ହୋଇଥିବା ନେଇ ଗତ ମାର୍ଚ୍ଚ ୯ ତାରିଖରେ ଏନେଇ ବିଡାନାସୀ ଥାନାରେ ମାମଲା ହୋଇଥିଲା ।

କଟକ ପୁଲିସ୍ ତଦନ୍ତ ଆରମ୍ଭ କରିଥିବା ବେଳେ ପ୍ରଥମେ ସାଇଣ୍ଟିଫିକ୍ ଟିମ୍, ଟେକନିକାଲ ଟିମ୍, ଡଗ ସ୍କ୍ୱାର୍ଡ ସହ ଦ୍ୱାରା ଯାଞ୍ଚ କରାଯାଇଥିଲା । ଲୁଟେରାମାନେ ପ୍ରଥମେ ସ୍ଥାନୀୟ ଅଞ୍ଚଳ ବୁଲି ଦେଖୁଥିଲେ । ଏହାପରେ ରାତିରେ ବୋଲେରୋରେ ଆସି ଯେଉଁ ରୁମ୍‌ରେ କେହି ଶୋଉ ନ ଥିଲେ ସେହି ରୁମ୍‌ର ଝରକା ତାଡ଼ି ସୁନା ଗହଣା ଲୁଟି ନେଇଥିଲେ ବୋଲି ତଦନ୍ତ ବେଳେ ପୁଲିସ୍ ଜାଣିବାକୁ ପାଇଥିଲା । ଏହାପରେ ସୋଶାଲ ମିଡିଆରେ ଅପରାଧୀଙ୍କ ଫଟୋ ଛଡ଼ାଯିବା ସହ ବିଭିନ୍ନ ଜିଲ୍ଲା ବୁଲିଲେ କ୍ରାଇମ୍ ଟିମ୍ । ବହୁ ଖୋଳତାଡ଼ ପରେ ଏଥିରେ ଏକ ୬ ଜଣିଆ ଟିମ୍ ସାମିଲ ଥିବା ପୁଲିସ୍ ଜାଣିପାରିଥିଲା । ଏହାପରେ ବିଭିନ୍ନ ସ୍ଥାନରେ ଚଢ଼ାଉ କରି ଏହି ଗ୍ୟାଙ୍ଗର ୪ ଜଣଙ୍କୁ ଗିରଫ କରିବାରେ ସକ୍ଷମ ହୋଇଛି ।

# କନିକା ନାଳରେ ଏମ୍‌ସିଏଲ୍‌ର କଳା ଜହର : ସଫେଇ ନାମକୁ ମାତ୍ର



ସୁନ୍ଦରଗଡ଼,୨/୦୫ (ନି.ପ୍ର): ହେମଗିର ବ୍ଲକ୍ କନିକା ଗ୍ରାମର ଖଲିଆବାହାଲ ଓ ଝୁପୁଡ଼ିପଡ଼ା ପାଇଁ ଏକଦା ବରଦାନ ପାଲଟିଥିବା ଚିରସ୍ରୋତା କନିକା ନାଳ(ଯୋର) ମହାନଦୀ ଖୋଲାମୁହଁ କୋଇଲା ଖଣି (ଏମ୍‌ସିଏଲ୍) ଯୋଗୁ ଅଭିଶାପ ପାଲଟିଛି । ଏମ୍‌ସିଏଲ୍ କୋଇଲା ସାଇଡିଂର ସବୁ କୋଇଲା ଗୁଣ୍ଡ ଓ ମଇଳା ପାଣି ସିଧା ନାଳରେ ଛାଡ଼ିବା ଦ୍ୱାରା କନିକା ନାଳରେ ଭରିଯାଇଛି କଳା ଜହର । ଲୋକେ ଏଥିରେ ସ୍ନାନ କରିବା ତ ଦୂରର କଥା, ଶୈଚ ପାଇଁ ବି ନାକ ଟେକିବାକୁ ବାଧ ହେଉଛନ୍ତି । କୋଇଲା କଳାପାଣିର ପ୍ରକ୍ରିୟାକରଣ କରି ନାଳରେ ଛାଡ଼ିବାକୁ ଲୋକେ ବର୍ଷ ବର୍ଷ ଧରି ଦାବି କରିବା ପରେ ଚଳିତ ବର୍ଷ ଏମ୍‌ସିଏଲ୍ ନାଳ ସଫେଇ ପାଇଁ ପଦକ୍ଷେପ ନେଇଛି । କିନ୍ତୁ ଧର୍ମକୁ ଆଖି ଠାର । ନାଳ ସଫେଇ ପାଇଁ ଏମ୍‌ସିଏଲ୍ ୧୩ ଲକ୍ଷ ଟଙ୍କା ଯୋଗାଇଦେଇଛି । କିନ୍ତୁ ସଫେଇ କାମ ନାମକୁ ମାତ୍ର । ନାଳରେ ଭରିଥିବା କୋଇଲା ଗୁଣ୍ଡ ଠିକ୍ ଭାବେ ଉଠାଯାଉଛି କି ନାହିଁ, ମଇଳା ପାଣି ସଫା ହେଉଛି କି ନାହିଁ, ତା’ର ତଦାରଖ ପାଇଁ କେହି ନାହିଁ । ଏମ୍‌ସିଏଲ୍ ଅର୍ଥ ଯୋଗାଇଦେଇ ହାତ ଝାଡ଼ିଦେଇଛି । ୧୩ ଲକ୍ଷ ଟଙ୍କାରେ ଏମ୍‌ସିଏଲ୍ ସାଇଡିଂ ନିକଟ ରେଲୱେ ପୋଲଠାରୁ ଶିବମନ୍ଦିର ପର୍ଯ୍ୟନ୍ତ ୨ କିଲୋମିଟର ଅଂଶରୁ ୨ ହଜାର କ୍ୟୁବିକ୍ ମିଟର କୋଇଲାଗୁଣ୍ଡ ଉଠାଇବାକୁ ବୈଷୟିକ ନିର୍ଦ୍ଦେଶ ରହିଛି । ନାଳରୁ ୫-୬ ଫୁଟ୍ କୋଇଲା ଆସ୍ତରଣ ଉଠାଇ ସମ୍ପୂର୍ଣ୍ଣ ସଫେଇ କରିବା କଥା । କିନ୍ତୁ ଠିକାଦାର କେବଳ ଗାଧୁଆ ଘାଟ ଓ ଜନବସତି ନିକଟ ସ୍ଥାନରୁ ନିର୍ଦ୍ଦେଶ ମୁତାବକ ଉଠାଇ ବାକି ଅଂଶରୁ ମାତ୍ର ୧-୨ ଫୁଟ୍ କୋଇଲା ଗୁଣ୍ଡ ଉଠାଇ ଯେନତେନ ପ୍ରକାରେ କାମ ଶେଷ କରିଦେବାକୁ ଉଦ୍ୟମ କରୁଥିବା ଅଭିଯୋଗ ହୋଇଛି ।

ପ୍ରକାଶଯୋଗ୍ୟ, ଚିରସ୍ରୋତା କନିକା ନାଳ ଉପରେ କାହିଁ କେଉଁ କାଳରୁ ନିର୍ଭର କରି ଆସୁଥିଲେ କନିକା ଗ୍ରାମର ଖଲିଆବାହାଲ ଓ ଝୁପୁଡ଼ିପଡ଼ାର ଲୋକେ । ହଜାରେ ଜନସଂଖ୍ୟା ବିଶିଷ୍ଟ ଏହି ପଡ଼ା ପାଇଁ ଏହା ହିଁ ଥିଲା ଏକମାତ୍ର ଉପାଦେୟ ଜଳଉତ୍ସ । ଟାଇଁଟାଇଁ ଖରାରେ ମଧ୍ୟ ନାଳରେ ଜଳ ଉଣା ପଡୁ ନଥିଲା । ୨୦୦୫ରେ ଏମ୍‌ସିଏଲ୍ କୋଇଲା ଖଣିର କନିକା ରେଲୱେ ସାଇଡିଂ ହେବା ପରଠୁ ସେଥିର କୋଇଲା ମିଶ୍ରିତ ପାଣି କନିକା ନାଳରେ ସିଧା ମିଶିଲା । ୧୬ ବର୍ଷ ହେଲା ଏହି ସାଇଡିଂରୁ ଅନବରତ ନିର୍ଗତ କୋଇଲା ପାଣିକୁ ପ୍ରକ୍ରିୟାକରଣ ମାଧ୍ୟମରେ ଛାଣି ସ୍ୱଚ୍ଛ ପାଣି ନାଳରେ ଛାଡ଼ିବାକୁ ଲୋକେ ବାରମ୍ବାର ଦାବି କରି ଆସୁଥିଲେ ମଧ୍ୟ ଏମ୍‌ସିଏଲ୍ କେବଳ ପ୍ରତିଶ୍ରୁତି ଦେଇ ଚାଲିଥିଲା । ଏପଟେ କୋଇଲାର କଳା ଦୂଷିତ ପାଣି ନିର୍ଗତ କରି ଚାଲିଥିବାରୁ ନାଳଟି କୋଇଲା ପାଣିର ଏକ ଡ୍ରେନ୍ ?ରେ ପରିଣତ ହୋଇଛି । କିଛିବର୍ଷ ପୂର୍ବରୁ ସାଇଡିଂ ପାର୍ଶ୍ୱବର୍ତ୍ତୀ ଦୁଇଫସଲ ଉତ୍ପାଦନକ୍ଷମ ଅତି ଉର୍ବର ଚାଷଜମିରେ ଦୁଇ ଫୁଟ୍‌ର କୋଇଲାଗୁଣ୍ଡ ଜମିଯିବା ଫଳରେ ସେ ଜମି ସବୁ ଆଉ ଚାଷପୋଯୋଗୀ ହୋଇ ରହିନାହିଁ । ତା’ ସହ ନାଳ ସଂଲଗ୍ନ ଆହୁରି ଅନେକ ଉର୍ବର ଜମି ମଧ୍ୟ ସେପରି ଅବସ୍ଥାକୁ ଚାଲିଗଲାଣି । ତେବେ କେବଳ ଖଲିଆବାହାଲ କି ଝୁପୁଡ଼ିପଡ଼ା ନୁହେଁ, ଏହି ନାଳ ଉପରେ ନିର୍ଭରଶୀଳ ଥିବା ତଳମୁଣ୍ଡର ଆହୁରି ଅନେକ ଗାଁ ମଧ୍ୟ ଏ ଜଳଜହରର ଯନ୍ତ୍ରଣା ଭୋଗି ଚାଲିଛନ୍ତି ।

# ବିଧାୟକଙ୍କ ଗିରଫ ପ୍ରତିବାଦ ଏବଂ ତିଲେଇବଣି ବିଡିଓଙ୍କ ଗିରଫ ଦାବିରେ ବିଜେପିର ଦେବଗଡ଼ ୧୨ ଘଣ୍ଟିଆ ବନ୍ଦ ପାଳନ



ଦେବଗଡ଼: ବିଧାୟକ ସୁବାସ ଚନ୍ଦ୍ର ପାଣିଗ୍ରାହୀଙ୍କ ଗିରଫ ପ୍ରତିବାଦରେ ଏବଂ ତିଲେଇବଣି ବିଡ଼ିଓ କୃଷ୍ଣଚନ୍ଦ୍ର ଦଳପତିଙ୍କ ଗିରଫ ଦାବିରେ ବିଜେପି ପକ୍ଷରୁ ୧୨ ଘଣ୍ଟିଆ ଦେବଗଡ଼ ବନ୍ଦ ପାଳନ କରାଯାଉଛି । ସକାଳ ୬ଟାରୁ ସନ୍ଧ୍ୟା ୬ଟା ପର୍ଯ୍ୟନ୍ତ ଦେବଗଡ଼ ବନ୍ଦ ପାଳନ କରାଯାଉଛି । ବିଜେପି କର୍ମୀମାନେ ପିକେଟିଂ କରି ସହରର ଦୋକାନ ବଜାର ଓ ସରକାରୀ ଅଫିସ ବନ୍ଦ କରୁଛନ୍ତି । ଆଜି ଦେବଗଡ଼ରେ ଯାନବାହାନ ଚଳାଚଳ ସମ୍ପୂର୍ଣ୍ଣ ଠପ୍ ହୋଇଯାଇଛି । ବନ୍ଦ ଡାକରା ନେଇ ସୂଚନା ନେଇ ବିଜେପି ମୁଖ୍ୟ ସଚେତକ ମୋହନ ମାଝୀ ଗତକାଲି ସୂଚନା ଦେଇଥିଲେ । ବିଜେପି ପକ୍ଷରୁ ତିଲେଇବଣି ବିଡ଼ିଓଙ୍କ ଗିରଫ ଦାବି ହୋଇଛି । ବିଜେପି ବିଧାୟକ ସୁବାସ ପାଣିଗ୍ରାହୀ ଗିରଫ ହେବା ପରେ ଆଜି ଦଳୀୟ କର୍ମୀମାନେ ଦେବଗଡ଼ ଥାନା ଘେରାଉ କରିଥିଲେ । ଏଥି ସହିତ ବିଜେପି କର୍ମୀମାନେ ଥାନା ସମ୍ମୁଖରେ ଟାୟାର ଜାଳି ବିକ୍ଷୋଭ ପ୍ରଦର୍ଶନ କରିଥିଲେ । ଆଜି ସନ୍ଧ୍ୟାରେ ବିଜେପି କର୍ମୀମାନେ ଥାନା ଘେରାଉ କରିବା ସହ କହିଛନ୍ତି, ତିଲେଇବଣି ବିଡିଓ କୃଷ୍ଣଚନ୍ଦ୍ର ଦଳପତିଙ୍କୁ ତୁରନ୍ତ ଗିରଫ କରାଯାଉ । ବିଡିଓ ଶ୍ରୀ ଦଳପତିଙ୍କ ବିରୋଧରେ ବିଧାୟକଙ୍କ ପକ୍ଷରୁ ଏତଲା ଦିଆଯାଇଥିଲେ ମଧ୍ୟ ପୁଲିସ ତାଙ୍କୁ ଗିରଫ କରୁନାହିଁ । ବିଜେପି କର୍ମୀମାନେ ବିଧାୟକଙ୍କ ଗିରଫକୁ ତୀବ୍ର ନିନ୍ଦା କରିଛନ୍ତି । ବିଜେପିର ସୁନ୍ଦରଗଡ଼ ବିଧାୟିକା କୁସୁମ ଟେଟେ, କେନ୍ଦୁଝର ବିଧାୟକ ମୋହନ ମାଝି, ତଳସରା ବିଧାୟକ ଭବାନୀ ଭୋଇ, ବୀରମିତ୍ରପୁର ବିଧାୟକ ଶଙ୍କର ଓରାମ, ଜିଲ୍ଲା ବିଜେପି ସଭାପତି ମୀନକେତନ ପ୍ରଧାନ, ରାଜ୍ୟ ବିଜେପି କାର୍ଯ୍ୟକାରିଣୀ ସଦସ୍ୟ ଅରୁଣ କୁମାର ସାହୁ, କୁଚିଣ୍ଡା ପୂର୍ବତନ ବିଧାୟକ ରବି ନାୟକଙ୍କ ସମେତ ଦଳୀୟ କର୍ମୀମାନେ ଥାନା ଘେରାଉ ସମୟରେ ଉପସ୍ଥିତ ଥିଲେ ।

## ଓଡିଶାର ମହିଳା ଶିକ୍ଷା କ୍ଷେତ୍ରରେ ମାଲକାନଗିରି ଜିଲ୍ଲାକୁ ସର୍ବାଧିକ ଉନ୍ନତ ଜିଲ୍ଲା ଭାବେ ପୁରସ୍କୃତ

ମାଲକାନଗିରି ,୨/୦୫ (ନି.ପ୍ର): ଶୁକ୍ରବାର ଦିନ ଭୁବନେଶ୍ୱରର କିଟ ଅଡିଟୋରିୟମରେ ଇଣ୍ଡିଆ ଟୁଡେ ଷ୍ଟେଟ କନକ୍ଲେଭ ଓଡିଶାର ମହିଳା ଶିକ୍ଷା କ୍ଷେତ୍ରରେ ମାଲକାନଗିରି ଜିଲ୍ଲାକୁ ସର୍ବାଧିକ ଉନ୍ନତ ଜିଲ୍ଲା ଭାବରେ ପୁରସ୍କୃତ କରାଯାଇଥିଲା !୨୦୦୩ ମସିହା ପରଠାରୁ ଭାରତର ସମସ୍ତ ରାଜ୍ୟକୁ ବିଭିନ୍ନ ବିକାଶ ପାରାମିଟର ତୁଳନାରେ ଇଣ୍ଡିଆ ଟୁଡେ ମାଗାଜିନ ଅଗ୍ରଣୀ ଭାବରେ କାର୍ଯ୍ୟ କରିଆସୁଛି । । ଇଣ୍ଡିଆ ଟୁଡେ ଷ୍ଟେଟ୍ ଅଫ୍ ଷ୍ଟେଟ୍ କନକ୍ଲେଭ୍ ଓଡିଶା ଶୁକ୍ରବାର ଦିନ ଭୁବନେଶ୍ୱରର କିଟ ଅଡିଟୋରିୟମରେ ଆୟୋଜିତ ହୋଇଥିଲା । ଇଣ୍ଡିଆ ଟୁଡେ ପାଞ୍ଚ ବର୍ଷ ମଧ୍ୟରେ ପ୍ରଗତିଶୀଳ ରାଜ୍ୟଗୁଡିକର ଜିଲ୍ଲା ସମୀକ୍ଷା କରିଛି । ଅର୍ଥନୀତି, ଭିତିଭୂମି, ଶିକ୍ଷା, ସ୍ୱାସ୍ଥ୍ୟ, କୃଷି, ଆଇନ ଶୃଙ୍ଖଳା, ସାମାଜିକ ସୁରକ୍ଷା, ମହିଳା ଶିକ୍ଷା, ଦକ୍ଷତା ବିକାଶ, ପରିମଳ, ଡିଜିଟାଲ୍ କଭରେଜ୍ ସହିତ ପ୍ରମୁଖ ସୂଚକାଙ୍କ ଉପରେ ଆଧାର କରି ଇଣ୍ଡିଆ ଟୁଡେରେ କାର୍ଯ୍ୟର ଏକ ଗଭୀର, ଜିଲ୍ଲା-ଜ୍ଞାନୀ ଏବଂ ତାଲୁକା ଜ୍ଞାନର ମୂଲ୍ୟାଙ୍କନ ରହିଛି । ମୂଲ୍ୟାଙ୍କନ ପରେ ଇଣ୍ଡିଆ ଟୁଡେ ମାଲକାନଗିରି ଜିଲ୍ଲାକୁ ମହିଳା ଶିକ୍ଷାର ସବୁଠାରୁ ଉନ୍ନତ ଜିଲ୍ଲା ଭାବରେ ଚୟନ କରିଛି ।ରାଜ୍ୟ ଓଡ଼ିଶା କନକ୍ଲେଭରେ ଇଣ୍ଡିଆ ଟୁଡେ ଦ୍ୱାରା ମହିଳା ଶିକ୍ଷା କ୍ଷେତ୍ରରେ ମାଲକାନଗିରିକୁ ‘ମୋଷ୍ଟ ଇମ୍ପ୍ରୋଭେଡ୍ ଡିଷ୍ଟ୍ରିକ୍ଟ’ ଭାବରେ ପୁରସ୍କୃତ କରାଯାଇଛି ।

# ପାଣି ଟୋପେ ପାଇଁ ବାଜିରେ ମହିଳାଙ୍କ ଜୀବନ

## ବିପଦସଙ୍କୁଳ ଜଙ୍ଗଲ ରାସ୍ତାରେ ଦିନକୁ ଦୁଇ କିଲୋମିଟର ଯାତ୍ରା



ରାଜନଗର,୨/୦୫ (ନି.ପ୍ର): ଡ଼ହଡହ ଖରାରେ ଅଢେଇ କିଲୋମିଟର ଚାଲି ଚାଲି ଗଲେ ମିଳୁଛି ପିଇବା ପାଣି । ଖରାର ପ୍ରକୋପ ଦୃଷ୍ଟିରୁ ଗାଁର ମହିଳା ଓ ପିଲାମାନେ ବାଟ କମ୍ କରିବା ପାଇଁ ବାଧ ହୋଇ ଭିତରକନିକା ଜଙ୍ଗଲ ଭିତରେ ପଶି ପାଣି ପାଇଁ ଯାଉଛନ୍ତି । ଜଙ୍ଗଲରେ ହିଂସ୍ର ବାରହା ଓ ବିଷଧର ସାପ ରହିଥିଲେ ବି ପାଣି ଟୋପାଏ ପାଇଁ ଜୀବନକୁ ବାଜି ଲଗାଇବାକୁ ବାଧ ହେଉଛନ୍ତି ପାଖାପାଖି ଶହେ ପରିବାର । କେନ୍ଦ୍ରାପଡା ଜିଲ୍ଲା ରାଜନଗର ବ୍ଲକ୍ ଅନ୍ତର୍ଗତ ରଂଗଣୀ ପଂଚାୟତର ଭେଷ୍କା ଗାଁରେ ଏଭଳି ଜଳ ଯନ୍ତ୍ରଣା ଉଦ୍‌ବେଗର କାରଣ ହୋଇଛି । ଏହି ଗାଁରେ ୪୫୦ ପରିବାରର ପ୍ରାୟ ୨୬ଶହ ଲୋକ ବସବାସ କରୁଛନ୍ତି । ଦୁଇଟି ୱାର୍ଡରେ ଭୋଟରଙ୍କ ସଂଖ୍ୟା ୧୧ ଶହରୁ ଅଧିକ । ଭୌଗୋଳିକ ଦୃଷ୍ଟିରୁ ଏହି ଗାଁର ପରିସୀମା ୮ କିଲୋମିଟରରୁ ଅଧିକ ହେବ । ଏଠାରେ ବସବାସ କରୁଥିବା ବଂଗୀୟ ଭାଷାଭାଷୀ ଲୋକେ ଛାଡି ଛାଡି ଘର କରି ପରିବାର ସହ ରହୁଛନ୍ତି । ଗାଁର ୧ ନଂ ୱାର୍ଡରେ ୬ଟି ଓ ୨ ନମ୍ବର ୱାର୍ଡରେ ୫ଟି ନଳକୂପ ଲୋକଙ୍କ ପାଣି ଆବଶ୍ୟକତା ପୂରଣ କରୁଥିଲା । କିନ୍ତୁ ୧ ନମ୍ବର ୱାର୍ଡରେ ୪ଟି ନଳକୂପ ଭଲ ଥିବା ବେଳେ ୨ଟି ନଳକୂପ ୩ ବର୍ଷ ହେଲା ଅଚଳ ହୋଇପଡିଛି । ୨ ନମ୍ବର ୱାର୍ଡରେ ୨ଟି ନଳକୂପ ଭଲ ଥିବା ବେଳେ ମସଜିଦ ନିକଟ ନଳକୂପ, ଭୀମ ଜେନାଙ୍କ ଘର ପାଖ ନଳକୂପ ଓ ମାନା ସାହି ନଳକୂପ ଦୁଇ ବର୍ଷ ହେଲା ଅଚଳ ହୋଇ ପଡିଛି । ଏହି ୱାର୍ଡର ଗୋଟିଏ ପଟେ ପ୍ରଭାତ ଜେନାଙ୍କ ଘର ନିକଟ ନଳକୂପ ଓ ଶେଷ ମୁଣ୍ଡରେ ଚୌରାଙ୍ଗୀ ଛକ ନିକଟ ନଳକୂପ ଭଲ ଥିବା ବେଳେ ମଝିରେ ଥିବା ୩ଟି ନଳକୂପ ଅଚଳ ହୋଇପଡିଛି । ୨ ନମ୍ବର ୱାର୍ଡର ପ୍ରଥମ ମୁଣ୍ଡରୁ ଶେଷ ମୁଣ୍ଡର ଦୂରତା ୩ କିଲୋମିଟର । ଏହି ୱାର୍ଡର ପ୍ରାୟ ଶହେ ପରିବାର ପାଣି ପାଇଁ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ଦୁଇ ଅଢେଇ କିଲୋମିଟର ଚାଲି ଚାଲି ଯାଇ ମହିଳାମାନେ ପିଇବା ପାଣି ଘରକୁ ଆଣୁଛନ୍ତି । ଘର ପାଖରୁ କାଦୁଅ ରାସ୍ତାରେ ନଳକୂପର ଦୂରତା ୨ କିଲୋମିଟରରୁ ଅଧିକ ହୋଇଥିବାରୁ ଚାଲି ଚାଲି ଯାଇ ଧାଡିରେ ଛିଡା ହୋଇ ପାଣି ଆଣି ଫେରିବା ମହିଳାଙ୍କ ପାଇଁ ଯନ୍ତ୍ରଣା ପାଲଟିଛି । ମାଟିରାସ୍ତାର ବିକଳ୍ପ ଭାବେ ଜଙ୍ଗଲ ଭିତରେ ନଳକୂପ ନିକଟକୁ ଦୂରତା ୧ କିଲୋମିଟରରୁ ସାମାନ୍ୟ ଅଧିକ ଥିବାରୁ କମ୍ ବାଟ ପାଇଁ ମହିଳାମାନେ ଜଙ୍ଗଲ ଭିତରେ ପଶି ନଳକୂପ ନିକଟକୁ ପାଣି ପାଇଁ ଯାଉଛନ୍ତି ଓ ଜଙ୍ଗଲ ଦେଇ ପାଣି ନେଇ ଫେରୁଛନ୍ତି । ହିଂସ୍ର ବାରହା ଓ ବିଷଧର ସାପ ଏହି ମହିଳାଙ୍କ ପାଇଁ ବିପଦର କାରଣ ହୋଇଛନ୍ତି ।

ଆମିନା ବେଓ୍ୱା, ରୁବୁନ ବିବିଙ୍କ କହିବା କଥା ହେଲା ପାଣି ପାଇଁ ଆମେ ନର୍କ ଯନ୍ତ୍ରଣା ଭୋଗୁଛୁ । ସକାଳ ୬ଟା ରେ ପାଣି ପାଇଁ ଯାଇ ଲାଇନରେ ଛିଡା ହୋଇ ପାଣି ଆଣି ଘରେ ପହଞ୍ଚିବା ବେଳକୁ ଦିନ ୧୧ଟା ହୋଇଯାଉଛି । ଜଙ୍ଗଲ ଭିତରେ ହିଂସ୍ର ଜନ୍ତୁ ଥିବାରୁ ସବୁ ବେଳେ ୪/୫ ଜଣ ମହିଳା ସାଙ୍ଗ ହୋଇ ପାଣି ପାଇଁ ଯିବାକୁ ପଡୁଛି । ନଳକୂପ ଅଚଳ ହେବା ପରେ ନୂଆ ନଳକୂପ ବସାଇବା ପାଇଁ ପ୍ରଶାସନକୁ ବାରମ୍ବାର ନେହୁରା ହୋଇଥିଲେ ମଧ୍ୟ ସମସ୍ୟାର ସମାଧାନ ହେଉ ନାହିଁ । ଆମର ଜୀବନ ବଂଚିବା ପାଇଁ ପାଣି ଟୋପେର ବ୍ୟବସ୍ଥା ସରକାର କରନ୍ତୁ ବୋଲି ଇନସାର ଅଲ୍ଲୀ ସାହା, ସେକ୍ କାସୀମୁଦ୍ଦିନ, ଝାଡୁ ଅଲ୍ଲୀ ସାହା, ସେକ୍ ଇସଲାମ, ସେକ ଖଇରୁଲ ପ୍ରମୁଖ ଅନୁରୋଧ କରିଛନ୍ତି ।

## ବରିଷ୍ଠ ନାଗରିକଙ୍କ ପାଇଁ ଷ୍ଟେଟ ବ୍ୟାଙ୍କରେ ସ୍ୱତନ୍ତ୍ର କାଉଂଟର

କେନ୍ଦ୍ରାପଡ଼ା,୨/୦୫ (ନି.ପ୍ର): ଭାରତୀୟ ଷ୍ଟେଟ ବ୍ୟାଙ୍କ କେନ୍ଦ୍ରାପଡା ମୁଖ୍ୟ ଶାଖା ପରିସରରେ ବରିଷ୍ଠ ନାଗରିକଙ୍କ ପାଇଁ ସ୍ୱତନ୍ତ୍ର କାଉଣ୍ଟର ଖୋଲା ଯିବାକୁ ନିଷ୍ପତି ନିଆଯାଇଛି । ପ୍ରତି ମାସର ପ୍ରଥମ ୭ଦିନ ଏହି କାଉଣ୍ଟର କାର୍ଯ୍ୟ କରିବା ସହ ବ୍ରାଂଚକୁ ଆସୁଥିବା ପେନଶନ ଭୋଗୀ ବରିଷ୍ଠ ନାଗରିକ ଶୃଙ୍ଖଳିତ ଭାବେ ସେମାନଙ୍କ ପ୍ରାପ୍ୟ ଏହି କାଉଣ୍ଟର ରୁ ଆହୋରଣ କରିପାରିବେ ବୋଲି କେନ୍ଦ୍ରାପଡା ଶାଖା ମୁଖ୍ୟ ପରିଚାଳକ ପ୍ରକାଶ ଚନ୍ଦ୍ର ଗ୍ରହାଚାର୍ଯ୍ୟ ଅବସରପ୍ରପ୍ତ ସରକାରୀ କର୍ମଚାରୀ ସଂଘ ସଂପାଦକ ହେମନ୍ତ କୁମାର ଜେନାଙ୍କୁ ସୂଚନା ଦେଇଛନ୍ତି । ବରିଷ୍ଠ ନାଗରିକଙ୍କ ସୁବିଧା ପାଇଁ ସଂଘ ପକ୍ଷରୁ ଷ୍ଟେଟ ବ୍ୟାଙ୍କ ପରିଚାଳକଙ୍କୁ ଦୀର୍ଘ ଦିନରୁ ଦାବି କରାଯାଇ ଥିଲା । ଏହା ମଇ ମାସ ଠାରୁ କାର୍ଯ୍ୟକାରୀ ହେବ ବୋଲି ସୂଚନା ମିଳିଛି ।

# ଆଦିବାସୀଙ୍କୁ ମିଳୁନି ମହୁଲର ଉଚିତ ମୁଲ

ଦଶପଲ୍ଲା ,୨/୦୫ (ନି.ପ୍ର): ଖରାତରାରେ ବଣ ଜଙ୍ଗଲ ବୁଲି ମହୁଲ ସଂଗ୍ରହ କରିଥିବା ଆଦିବାସୀଙ୍କୁ ମିଳିପାରୁନି ମହୁଲର ଉଚିତ ମୂଲ୍ୟ । ମୁଣ୍ଡଝାଳ ତୁଣ୍ଡରେ ମାରି ନିଜର ଜୀବିକା ନିର୍ବାହ କରିଥିବା ଦଶପଲ୍ଲା ବ୍ଲକ୍‌ର ଶହଶହ ଆଦିବାସୀ ପରିବାର ଏବେ ଶୋଷଣର ଶିକାର ହେଉଛନ୍ତି । ମହୁଲ ସଂଗ୍ରହ କରି ଆଦିବାସୀମାନେ ଏସବୁକୁ ଶୁଖାଇ ରଖିଥିବା ବେଳେ ବ୍ୟବସାୟୀମାନେ ଗାଁଗହଳିରେ ବୁଲି ଏସବୁକୁ ଶାଗମାଛ ଦରରେ କ୍ରୟ କରୁଛନ୍ତି । ବିଶେଷକରି ଚଳିତ ବର୍ଷ ସରକାର ନୟାଗଡ଼ ଜିଲ୍ଲା ପାଇଁ ଲଘୁବନଜାତ ଦ୍ରବ୍ୟର ମୂଲ୍ୟ ନିର୍ଦ୍ଧାରଣ କରିନଥିବା ଆଦିବାସୀ ସଂଗଠନ ପକ୍ଷରୁ ଅଭିଯୋଗ ହୋଇ ଆସୁଥିବା ବେଳେ ଟିଡିସିସି କର୍ତ୍ତୃପକ୍ଷ ଏବଂ ଆଦିବାସୀଙ୍କ ମଧ୍ୟରେ କୌଣସି ସମନ୍ୱୟ ମଧ୍ୟ ରହିନାହିଁ । ଯାହାର ସୁଯୋଗ ନେଇ ବ୍ୟବସାୟୀମାନେ ଚୋରାରେ ଏସବୁ ମହୁଲ ସଂଗ୍ରହ କରିବାରେ ଲାଗିପଡ଼ିଛନ୍ତି । କିଲୋ ପ୍ରତି ୨୫ରୁ ୩୦ ଟଙ୍କା ମୂଲ୍ୟରେ ମହୁଲ ସଂଗ୍ରହ କରାଯାଉଛି । ବ୍ୟବସାୟୀମାନେ ବିଭିନ୍ନ ସ୍ଥାନରେ ଗୋଦାମ କରି କ୍ୱିଣ୍ଟାଲ୍ କ୍ୱିଣ୍ଟାଲ୍ ମହୁଲ ମହଜୁଦ୍ କରି ରଖୁଥିବା ବେଳେ ଏସବୁକୁ ବାହାର ରାଜ୍ୟକୁ ଚଢ଼ା ଦରରେ ଚାଲାଣ କରାଯାଉଛି । ବିଶେଷକରି ଜିଲ୍ଲା ପ୍ରଶାସନର କୋହଳ ମନୋଭାବ ପାଇଁ ଆଦିବାସୀ ପରିବାରଗୁଡ଼ିକ ପରିଶ୍ରମର ଉଚିତ ପ୍ରାପ୍ୟ ପାଇବାରୁ ବଞ୍ଚିତ ହେଉଥିବା ବେଳେ ସ୍ଥାନୀୟ ପ୍ରଶାସନର ସ୍ଥାଣୁତାର ସୁଯୋଗ ନେଇ ବେଧଡ଼କ ଭାବେ ଚୋରା ଚାଲାଣ ବଢ଼ିଚାଲିଛି । ଏ ଦିଗରେ ପ୍ରଶାସନ ତୁରନ୍ତ ଦୃଷ୍ଟି ଦେବା ଆବଶ୍ୟକ ହୋଇପଡ଼ିଛି ।

# ନାଗେଶ୍ୱରପୁର ଗ୍ରାମବାସୀମାନେ ପାଉନାହାଁନ୍ତି ପିଇବା ପାଣି

କେନ୍ଦ୍ରାପଡ଼ା,୨/୦୫ (ନି.ପ୍ର): କେନ୍ଦ୍ରାପଡା ସହର ନିକଟବର୍ତ୍ତୀ ନାଗେଶ୍ୱରପୁର ଗ୍ରାମର ବାସିନ୍ଦା ମାନେ ପିଇବା ପାଣି ଟୋପେ ପାଇବା ପାଇଁ ଡହଳ ବିକଳ ହେଉଥିବା ଅଭିଯୋଗ ହୋଇଛି । ପ୍ରବଳ ଖରାରେ ଏହି ଗ୍ରାମରେ ଥିବା କୂଅ ଗୁଡିକ ଶୁଖିଯାଉ ଥିବାରୁ ପିଇବା ପାଣି ପାଇବା ପାଇଁ ଲୋକମାନେ ନାନା ଅସୁବିଧାର ସମ୍ମୁଖୀନ ହେଉଥିବା ଦେଖିବାକୁ ମିଳୁଛି । ଏନେଇ ଗ୍ରାମାବସୀଙ୍କ ପକ୍ଷରୁ ସ୍ଥାନୀୟ ସରପଂଚଙ୍କୁ ବହୁବାର ନିବେଦନ କରାଗଲେ ମଧ୍ୟ କୌଣସି ସୁଫଳ ମିଳିନାହିଁ । ପାନୀୟ ଜଳ ସମସ୍ୟା ଦୂର କରିବା ପାଇଁ କିମ୍ୱା ନଳକୂପ ଟିଏ ବସାଇବା ପାଇଁ ଗ୍ରାମାବସୀ ମାନେ ଗ୍ରାମୀଣ ଜଳ ଯୋଗାଣ ସଂସ୍ଥା ଓ ଜିଲ୍ଲାପାଳଙ୍କୁ ଏକମାସ ତଳେ ଜଣାଇଥିଲେ ମଧ୍ୟ ଏପର୍ଯ୍ୟନ୍ତ କୌଣସି ପ୍ରତିକାର ହୋଇପାରି ନାହିଁ । ତୁରନ୍ତ ଏହି ସମସ୍ୟାର ସମାଧାନ ପାଇଁ ଓ ପିଇବା ପାଣି ଯୋଗାଇ ଦେବା ପାଇଁ ଗ୍ରାମର ବିଜୟ କୁମାର ଧଳ, ପରୀକ୍ଷିତ ଦାସ, ଅରକ୍ଷୀତ ନାୟକ, କବିତା ବଳ, ଲକ୍ଷ୍ମଣ ସ୍ୱାଇଁ, ବାଇଧର ବେହେରା ପ୍ରମୁଖ ପୁନର୍ବାର ଆରଡବ୍ଲୁଏସଏସ ର ନିର୍ବାହୀ ଅଧିକାରୀଙ୍କୁ ଲିଖିତ ଭାବେ ଜଣାଇଛନ୍ତି ।

ଧ୍ୱନି ପ୍ରତିଧ୍ୱନି
୩ | ବାଲେଶ୍ୱର, ମଙ୍ଗଳବାର, ୦୩ ମଇ ୨୦୨୨

# ପ୍ରଣମ୍ୟ ବୀଣାପାଣି



ଆବିର୍ଭାବ : ନଭେମ୍ବର ୧୧, ୧୯୩୬
ତିରୋଧାନ : ଅପ୍ରେଲ ୨୪, ୨୦୨୨

## କାଚଘର: କାଚ ପ୍ୟାଲେସ

**ଡ. ଲକ୍ଷ୍ମୀକାନ୍ତ ତ୍ରିପାଠୀ**

ଝିଅଟିର ନାଁ ଥିଲା କୁନ୍ତୀ । ଅଭାବ ଅନଟନରେ ସଂସାର ଚଳୁଥିଲା ବୋଲି ତାର ବାପା ସାହୁ ମହାଜନଠାରୁ ଟଙ୍କା କରଜ ଆଣି ଋଣୀ ହୋଇଯାଇଥିଲେ । ଟଙ୍କା ଶୁଝିଯିବ ବୋଲି ତାର ବାପା ଛୋଟ ଝିଅ କୁନ୍ତୀକୁ ବୁଢ଼ାସାଧୁ ମହାଜନ ସାଙ୍ଗରେ ବାହା କରେଇ ଦେଲେ । କୁନ୍ତୀ ହୋଇଗଲା ସାଧୁ ମହାଜନର ତୃତୀୟ ପକ୍ଷ । ବୁଢ଼ା ହୋଇଯାଇଥିବାରୁ ସାଧୁ ମହାଜନ କୁନ୍ତୀକୁ ସାଂସାରିକ ସୁଖ ଦେଇପାରୁ ନଥିଲା । ବୁଢ଼ା ତାର ଭଣଜା ମନୁଆକୁ ଜାଣିଜାଣି ସେହି ସୁଯୋଗ ଦେଇଥିଲା । ଫଳରେ ମନୁଆ ମାଧ୍ୟମରେ କୁନ୍ତୀ ଗର୍ଭବତୀ ହୋଇଗଲା ।

ଝିଅଟିଏ ଜନ୍ମ ହୋଇଗଲା ପରେ କୁନ୍ତୀ ସେଭଳି ଏକ ପଙ୍କିଳ ପରିବେଶରେ ରହିବାକୁ ଇଚ୍ଛା କରିନାହିଁ । ଅସ୍ଥିର ଚିତ୍ତରେ ଝିଅକୁ ଛାଡ଼ିଦେଇ ଟ୍ରେନ୍‌ରେ ବସି ଅନିର୍ଦ୍ଦିଷ୍ଟ ପଥରେ ପଳାଇ ଯାଇଛି । ସଂଜ୍ଞାହୀନ ଅବସ୍ଥାରେ ଥିବାବେଳେ ସମାଜସେବୀ ସୁମିତ୍ରାଦେବୀ ତାଙ୍କୁ ଉଦ୍ଧାର କରି ନିଜ ଘରକୁ ନେଇଯାଇଛନ୍ତି । ସେଠାରେ କୁନ୍ତଳା ନାମରେ ସେ ଏକ ନୂଆ ଜୀବନ ଆରମ୍ଭ କରିଛି । ସୁମିତ୍ରା ଦେବୀଙ୍କ ଘରେ ଦୁଇଟି ପୁରୁଷ ଚରିତ୍ର ତାର ଜୀବନରେ ଆବିର୍ଭୂତ ହୋଇଛନ୍ତି । ଗୋଟିଏ ଚରିତ୍ର ଚରିତ୍ର ତପନର ଜୀବନରେ ବି ଭରି ରହିଥିଲା କିଛି କରୁଣ କାହାଣୀ । ତପନର କରୁଣ କାହାଣୀ କୁନ୍ତଳାକୁ ବେଦନାକ୍ତ କରିଛି । ଅନ୍ୟ ଏକ ଚରିତ୍ର ହେଲା ସୁମିତ୍ରା ଦେବୀଙ୍କର ପୁଅ ଲାଲ୍‌ଟୁ । ଲାଲ୍‌ଟୁ ଯେଉଁପରି ଅସାମାଜିକ ସେହିପରି ଅମାନବୀୟ ମଧ୍ୟ । ଏକଦା କୁନ୍ତଳାକୁ ଧର୍ଷଣ କରି ସେ ତାକୁ ଗର୍ଭବତୀ କରିଦେଇଛି । ତପନ ଦ୍ୱାରା ସେ ଗର୍ଭବତୀ ହୋଇଛି ବୋଲି ସନ୍ଦେହ କରି ସୁମିତ୍ରା ଦେବୀ କୁନ୍ତଳାକୁ ତିରସ୍କାର କରିଛନ୍ତି ଓ ଏକ ଆଶ୍ରମକୁ ପଠାଇ ଦେଇଛନ୍ତି । କୁନ୍ତୀର କୁନ୍ତଳା ସାଜିବା ପରେ ଶକୁନ୍ତଳା ହୋଇ ଆଶ୍ରମରେ ସେ ତାର ଜୀବନର ତୃତୀୟ ପର୍ଯ୍ୟାୟ ଆରମ୍ଭ କରିଛି ।

ଏକ ଆଶ୍ରମ ଜୀବନ ଆରମ୍ଭ କରିବାକୁ ପ୍ରସ୍ତୁତ ହେଉଥିବା ଶକୁନ୍ତଳା ସେଠାରେ ମଧ୍ୟ ଶାନ୍ତି ପାଇ ପାରିନାହିଁ । ଲାଲ୍‌ଟୁ ଶାସକ ଦଳ ତରଫରୁ ଓ ବିରୋଧୀ ଦଳ ତରଫରୁ ନିର୍ବାଚନ ଲଢ଼ିଛନ୍ତି । ତପନ ନିର୍ବାଚନ ହିଂସାରେ ଗୁଣ୍ଡାମାନଙ୍କ ଦ୍ୱାରା ଆହତ ହୋଇଛନ୍ତି । ସୁମିତ୍ରା ଦେବୀ ପାଗଳ ହୋଇଯାଇଛନ୍ତି । ଲାଲ୍‌ଟୁ ଶକୁନ୍ତଳାକୁ ଚାକିରୀ କରାଇ ଦେବାର ପ୍ରଲୋଭନ ଦେଖାଇ ପୁନଶ୍ଚ ବଳାତ୍କାର କରିବାକୁ ଆଗଭର ହୋଇଛି । ମାତ୍ର ଶକୁନ୍ତଳା ତାହା କରିବାକୁ ଦେଇନାହିଁ । ହିଂସ୍ର ହୋଇଉଠି ଦୁର୍ଗା ମୂର୍ତ୍ତି ଧାରଣ କରି ପଥରରେ ଲାଲଟୁର ମୁଣ୍ଡକୁ ଛେଚି ତାକୁ ହତ୍ୟା କରିଛି ।

ନାରୀ ସବୁକିଛିକୁ ସହି ନେଇଥାଏ ବୋଲି ତାକୁ ସର୍ବଂସହା ବୋଲି କୁହାଯାଇଥାଏ । ମାତ୍ର ଯେତେବେଳେ ସେ ଦୁର୍ଗାମୂର୍ତ୍ତି ଧାରଣ କରେ ପ୍ରବଳପ୍ରତାପୀ ମହିଷାସୁରକୁ ମଧ୍ୟ ସେ ନିମିଷକେ ବିନାଶ କରି ଦେଇପାରେ ।

ଏଇ ହେଲା ବୀଣାପାଣି ମହାନ୍ତିଙ୍କର କୁନ୍ତୀ-କୁନ୍ତଳା-ଶକୁନ୍ତଳା ଉପନ୍ୟାସର କାହାଣୀ ଓ ତାର ଅନ୍ତସ୍ୱର । ଏହି ଉପନ୍ୟାସଟି ୧୯୮୯ ମସିହାରେ ଫ୍ରେଣ୍ଡସ ପବ୍ଲିସର୍ସ ଦ୍ୱାରା ପ୍ରକାଶିତ ହୋଇଥିଲା । ତାର ବହୁ ପୂର୍ବରୁ ମଧ୍ୟ ବୀଣା ଅପା 'ସୀତାର ଶୋଣିତ' ନାମରେ ଏକ ଉପନ୍ୟାସ ରଚନା କରି ଆସନ୍ତା କାଲିରେ ଧାରାବାହିକ ଭାବରେ ପ୍ରକାଶ କରୁଥିଲେ । ଗଳ୍ପ ଲେଖିବାରେ ସେ ଯେଉଁପରି ଆଗ୍ରହୀ ଥିଲେ ଉପନ୍ୟାସ ରଚନା କରିବାରେ ସେମିତି ନିଷ୍ଠା ନଥିବାରୁ ସେ ଅଧିକ ସଂଖ୍ୟାରେ ଗଳ୍ପ ଲେଖିବାରେ ମନୋଯୋଗୀ ହୋଇଥିଲେ ।


୧୯୬୩ ମସିହା ବେଳକୁ ମାତ୍ର ସତେଇଶ ବର୍ଷ ବୟସରେ ତାଙ୍କର ପ୍ରଥମ ଗଳ୍ପ ସଙ୍କଳନ 'ନବ ତରଙ୍ଗ' ପ୍ରକାଶିତ ହୋଇଥିଲା । ତାର ଚାରିବର୍ଷ ପରେ ୧୯୬୭ ମସିହାରେ ତାଙ୍କ ରଚିତ 'କସ୍ତୁରୀ ମୃଗ ଓ ସବୁଜ ଅରଣ୍ୟ' ଗଳ୍ପ ସଙ୍କଳନ ପ୍ରକାଶ ପାଇଲା ଓ ଏହି ସଂକଳନ ପ୍ରକାଶ ପାଇବାର ତିନିବର୍ଷ ପରେ ଅର୍ଥାତ୍ ୧୯୭୦ ମସିହାରେ ସେ ଓଡ଼ିଶା ସାହିତ୍ୟ ଏକାଡେମୀ ପୁରସ୍କାରରେ ପୁରସ୍କୃତ ହେଲେ । ଏହି ସମ୍ମାନଜନକ ପୁରସ୍କର ପାଇବା ବେଳକୁ ତାଙ୍କୁ ମାତ୍ର ୩୪ ବର୍ଷ ହୋଇଗଲା ।

୧୯୭୮ ମସିହା ବେଳକୁ ସେ ତାଙ୍କର ପ୍ରିୟବାନ୍ଧବୀ ଗୀତା ହୋତାଙ୍କ ସହ ଭ୍ରମଣ ଉଦ୍ଦେଶ୍ୟରେ ପଶ୍ଚିମବଙ୍ଗର ଶାନ୍ତିନିକେତନକୁ ଯାଇଥିଲେ । ମୁଁ ସେତେବେଳେ ଶାନ୍ତି ନିକେତନରେ ସ୍ନାତକୋତ୍ତର ଅଧ୍ୟୟନ କରୁଥାଏ । ବୀଣା ଅପା ସେତେବେଳକୁ ଗାଳ୍ପିକା ହିସାବରେ ପ୍ରସିଦ୍ଧିଲାଭ କରିସାରିଥିଲେ । ତାଙ୍କ ରଚିତ 'କସ୍ତୁରୀ ମୃଗ ଓ ସବୁଜ ଅରଣ୍ୟ' ଗଳ୍ପ ଗ୍ରନ୍ଥଟି ସାହିତ୍ୟ ଏକାଡେମୀଦ୍ୱାରା ପୁରସ୍କୃତ ହୋଇଥିବା ଯୋଗୁଁ ଆମେ ସେ ଗ୍ରନ୍ଥଟିକୁ ପଢ଼ି ସାରିଥାଉ । ସେମାନଙ୍କୁ ଶାନ୍ତି ନିକେତନରେ ଅତିଥିଭାବରେ ପାଇ ଆମେ ଯେତିକି ଖୁସି ହୋଇଥିଲୁ ସର୍ବାଧିକ ଖୁସି ମୋ ଭାଗ୍ୟରେ ଜୁଟିଥିଲା, କାହିଁକି ନା ବୀଣାଅପା ଓ ଗୀତା ଅପାଙ୍କୁ ଶାନ୍ତି ନିକେତନ ବୁଲାଇ ଦେଖାଇବାର ଦାୟିତ୍ୱ ମୋତେ ହିଁ ଅର୍ପଣ କରାଯାଇଥିଲା ।

ଶାନ୍ତି ନିକେତନର ପ୍ରବେଶ ପଥରେ କାଚରେ ନିର୍ମିତ ମନ୍ଦିର, ସେଇଠୁ ରାସ୍ତାର ଦୁଇପାଖରେ ଅଁଳା ଗଛ ରୋପିତ ହୋଇଥିବା ଆମଲକି କାନନ, ଶାନ୍ତି ନିକେତନର ପ୍ରଥମ କୋଠା, ଯେଉଁଠାରେ ଓଡ଼ିଆ ବିଭାଗ ଅବସ୍ଥାପିତ ଥିଲା, ସମ୍ମୁଖରେ ରାମକିଙ୍କର ବେଜଙ୍କର ପଥର ନିର୍ମିତ ଭାସ୍କର୍ଯ୍ୟ, ଆମ୍ରକୁଞ୍ଜ, ଛାତିମ ତାଲା, ରବୀନ୍ଦ୍ର ନାଥଙ୍କ ଗୃହ ଓ ସଂଗ୍ରହଶାଳା ଇତ୍ୟାଦିକୁ ମୋ ଢଙ୍ଗରେ ମୁଁ ତାଙ୍କୁ ବୁଝାଇଦେଇ ଚାଲିଥିଲି ଓ ସେ ବୁଝାଇବାକୁ ସେମାନେ ଉପଭୋଗ କରୁଥିଲେ ।

ଶାନ୍ତିନିକେତନ ଭ୍ରମଣ ଶେଷ ହୋଇଥିଲା । ମୋତେ ଆପଣମାନେ ଭୁଲି ଯିବେ ନାହିଁ ତ ବୋଲି କୁଣ୍ଠିତ ସ୍ୱରରେ ପ୍ରଶ୍ନ କରିଥିଲି । ଶେଷ ଜୀବନ ପର୍ଯ୍ୟନ୍ତ ତମକୁ ଆମେ ମନେ ରଖିବୁ ବୋଲି ବୀଣା ଅପା ଓ ଗୀତା ଅପା ମୋତେ ପ୍ରତିଶ୍ରୁତି ଦେଇଥିଲେ । ତା'ପରେ ବୀଣା ଅପାଙ୍କର ଆହୁରି ବି ଅନେକ ଗଳ୍ପ ପ୍ରକାଶ ପାଇଲା । ଆରୋହଣ, ମଧ୍ୟାନ୍ତର, ବସ୍ତ୍ରହରଣ, ଇଣ୍ଟରଭିଉ, ଅନ୍ୟ ଅରଣ୍ୟ, ଖେଳଣା, ଦୃଶ୍ୟାନ୍ତର, ଚରିତ୍ର ହସୁଛି ଓ ତା'ପରେ ୧୯୮୭ ମସିହାରେ ପାଟଦେଈ । ପାଟଦେଈ ୧୯୯୦ ମସିହାରେ କେନ୍ଦ୍ର ସାହିତ୍ୟ ଏକାଡେମୀ ପୁରସ୍କାର ପାଇଲା । ମୁଁ ବହୁତ ଖୁସି ହୋଇଥିଲି ।

ଦୀର୍ଘଦିନ ପର୍ଯ୍ୟନ୍ତ ବୀଣାଅପାଙ୍କ ସହ ଆଉ



ଭେଟ ହୋଇ ନଥିଲା । ମୋତେ ଯେ ମନେ ରଖିଥିବେ ଏ ଧାରଣା ବି ମୁଁ ମନରୁ ପୋଛି ଦେଇଥିଲି । ବହୁ ବର୍ଷ ପରେ ପରିଚୟ ପତ୍ରିକା ତରଫରୁ ତାଙ୍କର ଏକ ସାକ୍ଷାତ୍‌କାର ନେବା ପାଇଁ ସମ୍ପାଦକ ତପନ ରାୟ ଓ ମୁଁ ତାଙ୍କ ଘରକୁ ଯାଇଥିଲୁ । ବାଦାମ୍‌ବାଡ଼ି ସନ୍ନିକଟ ଗ୍ୟାସ ପେଲେସ ଗଳିରେ ସେ ଅବସ୍ଥାନ କରୁଥାଆନ୍ତି । ସାକ୍ଷାତକାର ଆଣିବା ଆମ ପାଇଁ ଯେତିକି ଗୁରୁତ୍ୱପୂର୍ଣ୍ଣ ଥିଲା ତାଙ୍କ ସହ ସାକ୍ଷାତ କରିବା ମୋ ପାଇଁ ଥିଲା ଅଧିକ ଗୁରୁତ୍ୱପୂର୍ଣ୍ଣ ।

ମୋ ମୁହଁ ଦେଖି ଚିହ୍ନି ପାରିଲେ ନାହିଁ, କିନ୍ତୁ ପରିଚୟ ଦେବା କ୍ଷଣି ଖୁସିରେ ଆତ୍ମହରା ହୋଇପଡ଼ିଲେ । ଶାନ୍ତିନିକେତନରେ ବୁଲିବାର ସେଇ ଅନୁଭୂତି ଯେତିକି ତାଙ୍କ ହୃଦୟରେ ଜୀବନ୍ତ ହୋଇ ଉଠିଲା । ମୁଁ କହିଲି ଅପା, ଶାନ୍ତିନିକେତନରେ ମୁଁ ଆପଣଙ୍କୁ କାଚର ଘର ଦେଖାଇ ଦେଇଥିଲି, ଯାହା ଥିଲା ବ୍ରାହ୍ମ ମନ୍ଦିର । ଆଜି ଆପଣ କାଚର ପେଲେସ୍ ନିକଟରେ ରହୁଛନ୍ତି ଯାହା ସାହିତ୍ୟ ମନ୍ଦିର ।

ଅପା ହସିଲେ । ଖୋଲା ଓ ପ୍ରାଣବନ୍ଦ ହସଟିଏ ।

+ ସଭାପତି : ଫକୀରମୋହନ ସାହିତ୍ୟ ପରିଷଦ, ବାଲେଶ୍ୱର

### ଦଶାହ ଉପଲକ୍ଷେ

## ପ୍ରଭାତୀ ତାରା ସାହିତ୍ୟ ଆକାଶର

**ଦେବାଶିଷ ସିଂହ**

ସାହିତ୍ୟ ରଙ୍କୁଣୀ ପଦ୍ମସୁନ୍ଦରୀ
ପାଇଛନ୍ତି ପଦ୍ମଶ୍ରୀ ଉପାଧି
ନାମ ବୀଣାପାଣି ମହାନ୍ତି
ସାର୍ଥକ ହୋଇଛି କାହାଣୀ ।

ଝଙ୍କୃତ ବୀଣାର ସ୍ୱର
ମୂର୍ଚ୍ଛନାରେ ତୋଳିଛି ସଙ୍ଗୀତ
ଗୁଣୁ ଗୁଣୁ ସ୍ୱର ଶୁଭୁଚି ସାହିତ୍ୟର
ହେଉଛି ଶବ୍ଦର ଲାର୍ଭା ଉଦ୍ଗିରଣ
ତଥାପି ବୀଣାର ମଧୁର ସ୍ୱର
ସବୁରି ପ୍ରାଣରେ ଦେଉଛି ଭରି
ଆନନ୍ଦର ଶିହରଣ ।


ସାହିତ୍ୟ ଆକାଶର ପ୍ରଭାତୀତାରା
ରୂପା ଜହ୍ନ ର ଜ୍ୟୋତ୍ସ୍ନା
ଗୋଧୂଳି ସମୟର ପ୍ରତ୍ୟାବର୍ତ୍ତନ
ଜୀବନ ଯାତ୍ରାର କରିଛି ଚିତ୍ରଣ ।..

ବାସ୍ତବ ଅବାସ୍ତବର ନିର୍ଣ୍ଣୟାତ୍ମକ ମୋଡ଼
ଅଧ୍ୟାପନା ମଧ୍ୟରେ ସାହିତ୍ୟର ଝଡ଼
ମୂର୍ଚ୍ଛନାରେ ଶିହରିତ ପ୍ରାଣ
ହେଉଥିଲା ଝଙ୍କୃତ ..

ବୀଣା ଯାହାର ପାଣିରେ ଝଲସି ଉଠେ
ମଧୁର ସ୍ୱନରେ ହୃଦ ଯାହାର ପୂରି ଉଠେ
ଆହେ ବୀଣାପାଣି,
ଅନନ୍ୟ ପ୍ରତିଭାର ରାଗିଣୀ ।..

ଅତିବଡି ଜଗନ୍ନାଥ ଦାସ ସମ୍ମାନ
ସାରଳା ସମ୍ମାନ ତୁମ ପାଇଁ ନୁହେଁ ଯଥେଷ୍ଟ
ଆହେ ମହିୟସୀ ଯୋଗଜନ୍ମା
ସାହିତ୍ୟ ପ୍ରେମୀ ଆତ୍ମନ
ତମକୁ କୋଟି ପ୍ରଣାମ, ଶତ ନମନ.. ।

● ଗୋଶାଳାପଦା, ସହଦେବଖୁଣ୍ଟା
ବାଲେଶ୍ୱର
(ମୋ) ୯୦୪୦୪୬୬୬୭୫




## କୋଟି କୋଟି ପ୍ରଣାମ, ବୀଣା ଅପା

**ଅରୁଣା ରାୟ**

ଆମର ଅତି ପ୍ରିୟ ବୀଣା ଅପା, ଯିଏକି ପାଟଦେଈ ରୂପେ ଚିର ପରିଚିତା, ପାଟରାଣୀଙ୍କ ଭଳି ଚାଲିଗଲେ ପରପାରିକୁ । ରାଷ୍ଟ୍ରୀୟ ମର୍ଯ୍ୟାଦା ସହ ତାଙ୍କର ଶେଷକୃତ୍ୟ ସଂପନ୍ନ ହେଲା । ପଞ୍ଚଭୂତରେ ବିଲୀନ ହୋଇଗଲା ତାଙ୍କର ପାର୍ଥିବ ଶରୀର । କିନ୍ତୁ ସେ ପାଷାଣରେ ଲେଖି ଦେଇଗଲେ ତାଙ୍କର ପଦଚିହ୍ନ । ଯାହା କାଳକାଳ ପାଇଁ ଅମ୍ଳାନ ଓ ଅକ୍ଷୟ । ସୃଷ୍ଟିର ବିପୁଳ ସମ୍ଭାରରେ ସଜାଇ ଦେଇଗଲେ ଓଡ଼ିଆ ବାଣୀ ଭଣ୍ଡାରକୁ । ତାଙ୍କର ପ୍ରତିଟି କୃତି ଆମ ସାହିତ୍ୟର ଅମୂଲ୍ୟ ରତ୍ନ ।

ସେ ଥିଲେ ଆମର ଅତି ଆପଣାର ବୀଣା ଅପା । ଯାଜପୁରରୁ ବାପାଙ୍କର ବଦଳି ଏଠାକୁ ହେବାରୁ ମୋର ନାମ ଲେଖା ହେଲା ବାଲେଶ୍ୱର ମହିଳା କଲେଜରେ (ପରବର୍ତ୍ତୀ ସମୟରେ ଏହାର ନାମ ହେଲା କୁନ୍ତଳା କୁମାର ସାବତ ମହିଳା ମହାବିଦ୍ୟାଳୟ) । ମୁଁ ସେତେବେଳେ ବି.ଏ ଶେଷ ବର୍ଷ ଛାତ୍ରୀ (୧୯୬୮-୬୯ ମସିହା) । ଅନେକ ବର୍ଷ ତଳର ସେ ସବୁ ସ୍ମୃତି ଆଜି ଆଖି ଆଗରେ ନାଚି ଯାଉଛି । ବୀଣା ଅପା ସେତେବେଳ ଥାଆନ୍ତି ସେ କଲେଜରେ ଅର୍ଥନୀତିର ଅଧ୍ୟାପିକା । ସବୁ ଛାତ୍ରୀଙ୍କ ପ୍ରତି ତାଙ୍କର ଅମାପ ସ୍ନେହ ମମତା, ଆତ୍ମୀୟତା ପୂର୍ଣ୍ଣ ବ୍ୟବହାର, ଆପଣାର କରିନେବାର ଗୁଣ ଯୋଗୁ ସେ ସମସ୍ତଙ୍କର ଅତ୍ୟନ୍ତ ପ୍ରିୟ ଥିଲେ । ସେହି ସମୟରେ ସେ ଅନ୍ୟତ୍ର ସ୍ଥାନାନ୍ତରିତ ହୋଇଥିଲେ । ସେଦିନର ଫଟୋ ଖଣ୍ଡିଏ ଏପର୍ଯ୍ୟନ୍ତ ମୋ ଆଲବମ୍‌ରେ ସାଇତା ହୋଇ ରହିଛି । ଏହି କଲେଜରେ ଥିବା ସମୟରେ ବୀଣା ଅପାଙ୍କ ଲିଖିତ ପ୍ରସିଦ୍ଧ ଗଳ୍ପ ନାଉଗଛ' ପରବର୍ତ୍ତୀ ସମୟରେ ହାଇସ୍କୁଲ ପାଠ୍ୟ ଖସଡ଼ାରେ ସ୍ଥାନିତ ହୋଇ ବହୁ ପଠିତ ପ୍ରଶଂସିତ ଓ ଆଦୃତ ହୋଇଥିଲା ।

ବହୁ ବର୍ଷ ପରେ ବୀଣାଅପାଙ୍କ ସହ ଯୋଗାଯୋଗ ହେଲା 'ପରିଚୟ' ପତ୍ରିକାର ସଂପାଦନା ସମୟରେ । ୨୦୧୦ ମସିହା 'ପରିଚୟ'ର ଶାରଦୀୟ ସଂଖ୍ୟାରେ ତାଙ୍କର ଏକ ସୁନ୍ଦର ସାକ୍ଷାତ୍‌କାର ପ୍ରକାଶିତ ହୋଇଥିଲା । ଏହି ପତ୍ରିକାରେ ପ୍ରାୟ ପ୍ରତିବର୍ଷ ତାଙ୍କ ଲେଖା ବାହାରୁଥିଲା । ପତ୍ରିକା ପାଇଁ ବୀଣାଅପା ମୋତେ ବହୁତ ଉତ୍ସାହିତ କରୁଥିଲେ । ଥରେ ଫୋନ୍‌ରେ କହିଥିଲେ, 'ଅରୁଣା, ତୁମ 'ପରିଚୟ' ପତ୍ରିକା ମୁଁ ଟେବୁଲ ଉପରେ ରଖିଛି ଏବଂ କଟକ, ଭୁବନେଶ୍ୱରର ପତ୍ରିକା ସଂପାଦକମାନେ ଯେତେବେଳେ ଆସୁଛନ୍ତି ତାଙ୍କୁ ଦେଖାଇ କହୁଛି, ଦେଖ, ବାଲେଶ୍ୱରରୁ କେମିତି ଏକ ସୁନ୍ଦର ପତ୍ରିକା ବାହାରୁଛି ।' ତାଙ୍କର ଆଶୀର୍ବାଦ ମୋତେ ଧନ୍ୟ କରିଥିଲା । ବାଲେଶ୍ୱର ପ୍ରତି ଥିବା ତାଙ୍କର ମମତା ଅନୁଭବ କରିଥିଲି ।

ନାରୀ ଜୀବନକୁ ଉନ୍ନତତର ଓ ମହତ୍ତର କରିବାକୁ ଲେଖନୀ ଧରିଥିବା ବୀଣାଅପା ସେହି ସାକ୍ଷାତକାରରେ କହିଥିଲେ ଏକ ପ୍ରଶ୍ନର ଉତ୍ତରରେ- 'ସଂଗ୍ରାମ ପାଇଁ ନାରୀର ଭୌତିକ ସୁଖକୁ ମୁଁ ଗୌଣ କରିଛି କାରଣ ଯୁଗଯୁଗ ଧରି ତାକୁ ସମାଜ ବ୍ୟବସ୍ଥାର ଶିକାର ହେବାକୁ ପଡ଼ିଛି ଏଥିପାଇଁ ।' ସେ ଆହୁରି କହନ୍ତି- 'ମୁଁ ଆଖି ଦେଖା ଘଟଣା ଚରିତ୍ର ଉପରେ ସର୍ବଦା ଲେଖି ଆସିଛି । କୌଣସି ବାଦ ବିବାଦର ମୁଁ ଧାର ଧାରେନା । ମୁଁ କେବଳ ମାନବବାଦୀ ବୋଲି କହିବି ।' ସେଇଥିପାଇଁ ତାଙ୍କ ଲେଖାରେ ଝଙ୍କୃତ ହେଉଥିଲା ମାନବବାଦର ସ୍ୱର ।

କବିତା, ଗଳ୍ପ, ଉପନ୍ୟାସ, ଅନୁବାଦ ସବୁକ୍ଷେତ୍ରରେ ସେ ରଖିଛନ୍ତି ଅନବଦ୍ୟ ସ୍ୱାକ୍ଷର । ପାଞ୍ଚ ଶହରୁ ଊର୍ଦ୍ଧ୍ୱଗଳ୍ପ ଲେଖି ବିପୁଳ ଯଶ ଖ୍ୟାତି ଅର୍ଜନ କରିଥିବା ଏହି ଅହଂକାର ବିବର୍ଜିତା ଲେଖିକା କହନ୍ତି, 'ମୁଁ ଏବେ ଏବେ ଭାବେ, ମୁଁ କିଛି ଲେଖି ପାରି ନାହିଁ । ଅନେକ କଥା କହିବାକୁ ବାକି ଅଛି ।'

କେବଳ ନିଜ ସୃଜନ କର୍ମରେ ବ୍ୟସ୍ତ ନରହି ବୀଣାଅପା ଓଡ଼ିଶାର ଲେଖିକାମାନଙ୍କୁ ଏକତ୍ରିତ କରିବା ଓ ଅଧିକରୁ ଅଧିକ ଲେଖିକା ସୃଷ୍ଟି କରିବା ଲକ୍ଷ୍ୟରେ ପ୍ରତିଷ୍ଠା କରିଥିଲେ ଓଡ଼ିଶା ଲେଖିକା ସଂସଦ । ଓଡ଼ିଆ ଲେଖିକାମାନଙ୍କର ସେ ଥିଲେ ପ୍ରେରଣାର ଉତ୍ସ ଓ ପ୍ରକୃତ ମାର୍ଗଦର୍ଶକ ।

ବୀଣାଅପା ପୂଜନୀୟା, ବନ୍ଦନୀୟା ଓ ଚିର ସ୍ମରଣୀୟା ।

ସେ ଅନନ୍ୟା, ଅନୁପନା ଓ ଅଗ୍ରଗଣ୍ୟା ।

ସେ ମନସ୍ୱିନୀ, ତେଜସ୍ୱିନୀ ଓ ଯଶସ୍ୱିନୀ ।

ସେ ସ୍ୱାଭିମାନୀ, ସ୍ୱୟଂସିଦ୍ଧା ଓ ସ୍ୱୟଂ ସଂପୂର୍ଣ୍ଣା । ତାଙ୍କ ପାଦତଳେ ମୋର କୋଟି କୋଟି ପ୍ରଣାମ ।

ଆଜିମାବାଦ
ବାଲେଶ୍ୱର-୭୫୬୦୦୧
ମୋ: ୯୪୩୮୨୮୭୭୭୪

## ହେ ବୀଣା କନ୍ୟା !

**ବ୍ରଜେନ୍ଦ୍ର ନାଥ ଗିରି**

ହେ ବୀଣା କନ୍ୟା ବୀଣାପାଣି ଧନ୍ୟା
ଉତ୍କଳ ମାଟିର ସୁତା ତୁମେ ଯୋଗ୍ୟତମା
ନାରୀଶିକ୍ଷା ଯେବେ ଥିଲା ଅପହଞ୍ଚ
ଶିକ୍ଷା-ଦୀପ ଜାଳି, ଜଳେଇଲ ମନୋରମା,

ନାରୀମନ ତଳ ଭାଷା ନିବେଦିଲ
କଥା କାହାଣୀରେ ଆଣିଦେଲ ନୂଆ ଧାରା
ଓଡ଼ିଆ ଭାଷାର କାହାଣୀ କେଦାରେ
ସରଜିଲ ଅଗଣନ କେତେ ଜ୍ୟୋତି ତାରା,

ଏ ଜାତି ଏ ଭାଷା ରହିଥିବା ଯାକେ
ଭୁଲିବେନି ବୀଣା ପାଣି ନାମ ଜଣେ କେହି
ମାଟି ମମତାରେ ମେଦୁରିତ ହୋଇ
ହୋଇ ଯିବ ଯୁଗ ଯୁଗ ତୁମେ କାଳଜୟୀ ।

କାର୍ଯ୍ୟକାରୀ ସଭାପତି
ଦୀନକୃଷ୍ଣ ସ୍ମୃତି ପରିଷଦ,
ଜଳେଶ୍ୱର
ମୋ:୯୨୩୮୮୧୬୬୧୬

## ମହୀୟସୀ ମହିଳା ପଦ୍ମଶ୍ରୀ ବୀଣାପାଣି ମହାନ୍ତି

**ବାସନ୍ତୀ କର**

ପଦ୍ମଶ୍ରୀ ବୀଣାପାଣି ମାନ୍ତି ଏଗାର ନଭେମ୍ବର ୧୯୩୬ ମସିହା ବ୍ରହ୍ମପୁରରେ ଜନ୍ମଗ୍ରହଣ କରିଥିଲେ ହେଁ ତାଙ୍କର ପିତୃମାଟି ଥିଲା କେନ୍ଦ୍ରାପଡ଼ା ଚାନ୍ଦୋଳ, ମାତ୍ର ବାର ବର୍ଷ ବୟସରୁ ସେ ଲୁଚି ଲୁଚି କବିତା ଲେଖୁଥିଲେ । ପ୍ରଥମ ପ୍ରେରଣା ଥିଲେ ମାଆ । ଅଧ୍ୟାପନା ତାଙ୍କର ବୃତ୍ତି ଥିଲା । ଅର୍ଥନୀତି ବିଭାଗର ଅଧ୍ୟାପନା କାର୍ଯ୍ୟ ତୁଲାଉ ଥିଲେ ବି ସାହିତ୍ୟ ଲେଖାରୁ ସେ କେବେ ବିଚ୍ୟୁତି ହୋଇ ନାହାନ୍ତି । ସାହିତ୍ୟକୁ ପେଷା ଭାବରେ ଗ୍ରହଣ କରି ପ୍ରଥମ ଜୀବନରେ କବିତା ଏବଂ ପରବର୍ତ୍ତୀ କାଳରେ ଗଳ୍ପ, କ୍ଷୁଦ୍ରଗଳ୍ପ, ଉପନ୍ୟାସ, ଜୀବନ କାହାଣୀ ଇତ୍ୟାଦି ଅମୂଲରତ୍ନ ପାଠକମାନଙ୍କୁ ଦାନ କରି ଯାଇଛନ୍ତି । କସ୍ତୁରୀମୃଗ, ପାଟଦେଈ, ଲାଉଗଛ, ଅନ୍ଧକାରର ଛାଇ, ଉତ୍ତରାୟଣ କାଳାନ୍ତର, ଜନ୍ମାନ୍ତର, ପାଚେରୀ ସେପଟେ ନଈ ଇତ୍ୟାଦି ଅନେକ କୃତି ସାହିତ୍ୟ ସମାଜକୁ ଭେଟି ଦେଇଛନ୍ତି, ୧୯୫୫ ମସିହାରେ ତାଙ୍କର ପ୍ରଥମ ଲେଖା ପ୍ରଜାତନ୍ତ୍ରରେ ପ୍ରକାଶ ପାଇଥିଲା । ତାଙ୍କର 'ନାଉଗଛ' ଗଳ୍ପଟି ସେ ଯେତେବେଳେ କୁନ୍ତଳା କୁମାରୀ ସାବତ ମହାବିଦ୍ୟାଳୟରେ ଅଧ୍ୟାପନା କରୁଥିଲେ ଲେଖିଥିଲେ । ଗୋଟିଏ ଗ୍ରାମ୍ୟ ଜୀବନର ବାସ୍ତବଚିତ୍ରକୁ ସେ ଏଠାରେ ସୁନ୍ଦର ଭାବରେ ରୂପ ଦେଇଥିଲେ । ୧୯୯୦ ମସିହାରେ ସେ 'ପାଟଦେଈ' ପାଇଁ ସାରଳା ପୁରସ୍କାର ପାଇଥିଲେ । ବାଣୀବିହାରରୁ ବସ୍‌ରେ ଫେରୁଥିବା ସମୟରେ ରସୁଲଗଡ଼ ଛକ ନିକଟରେ ସାତ ଆଠଜଣ ଦୁର୍ଦ୍ଦାନ୍ତ ଚେହେରାର ସ୍ତ୍ରୀ ଲୋକ ଖୁନ୍ଦାମାରି ଟାଣି ଟାଣି କହୁଥାନ୍ତି ବାପା ଘରକୁ ଖାଇଲୁ ଶାଶୁ ଘରକୁ କାଇଲୁ କେଉଁ କୂଳରେ ହେଲୁ । ଝିଅଟି ତାଙ୍କ ପାଖ ସିଟ୍ କଡ଼ରେ ଠିଆହେଲା ଠପ୍ ଠପ୍ ଲୁହ ଗଡ଼ି ପଡୁଥାଏ ତାଙ୍କ ଜଂଘ ଉପରେ । ସେ ଟିକେ ଘୁଞ୍ଚିଯାଇ କହିଲେ ମୋ କୋଡ଼ରେ ବସିପଡ଼, ଝିଅଟି ନାହିଁ କଲା । ଝିଅଟିର ଦୁଃଖର ନାରୀମାନଙ୍କ ପ୍ରତି ହେଉଥିବା ନିର୍ଯ୍ୟାତନାକୁ ଦେଖି ସେ ଏକ ବାସ୍ତବ ଚିତ୍ରକୁ ରୂପ ଦେଇ ଥିଲେ ଗଳ୍ପ 'ପାଟଦେଈ' ପୁସ୍ତକରେ । ସେ ଏଥିପନାଇଁ ସାହିତ୍ୟ ଏକାଡେମୀ ପୁରସ୍କାର ପାଇଥିଲେ । ସାରଳା ସାହିତ୍ୟ 'ପୁରସ୍କାର ଭାବରେ ବି ତାଙ୍କୁ ସମ୍ମାନୀତ କରାଯାଇଥିଲା । ତାଙ୍କର ଲେଖାଗୁଡ଼ିକ ଅନେକ ଭାଷାରେ ଅନୁବାଦ ହୋଇଥିଲା । (ଇଂରାଜୀ, ବଙ୍ଗଳା, ଆସାମୀ ପ୍ରଭୃତି) । ଗାଳ୍ପିକା ଭାବରେ ସେ ବେଶ୍ ଖ୍ୟାତି ଅର୍ଜନ କରିଥିଲେ । ଅନେକଙ୍କ ପାଇଁ ବୀଣାଅପା 'ପାଟଦେଈ' ନାମରେ ନାମିତ ହୋଇଥିଲେ, ଶୈଳବାଳା କଲେଜରୁ ଫେରିବା ସମୟରେ ପିଲାମାନେ 'ପାଟଦେଈ ପାଟଦେଈ.. କରି ଡାକୁଥିଲେ । 'ଅନ୍ଧାରର ଛାଇ' ଛାଇ ଫିଲିମ୍‌ଟି ତାଙ୍କର ବହୁ ଦର୍ଶକର ମନ କିଣି ନେଇଥିଲା । ଏହା ଫକୀର ମୋହନଙ୍କ 'ରେବତୀ' ଗଳ୍ପରୁ ନାରୀଶିକ୍ଷା ବିରୋଧରେ ଜାତୀୟ ଲେଖାବୋଲି ଅନେକ ପାଠକ ମତ ଦିଅନ୍ତି ।

ଆଧୁନିକ ସାହିତ୍ୟର ସାହିତ୍ୟିକମାନଙ୍କ ଢ଼େର ପୂର୍ବରୁ ତାଙ୍କର ସାହିତ୍ୟିକ ଜୟଯାତ୍ରା ଆରମ୍ଭ ହୋଇଥିଲା । ଝିଅଟିଏ ଗାଆଁରୁ ସହରକୁ ପାଠ ପଢ଼ିବା ପାଇଁ ଗଲେ ତାକୁ କେତେ କଟକଣାରେ ରହିବାକୁ ପଡ଼ିଥାଏ । ଗାଆଁର ଏରୁଣ୍ଡି ଡେଇଁ ସେ ପାଠ ପଢି ଚାକିରୀ କରିଥିଲେ, ବୃତ୍ତି ସହିତ ନିଜକୁ ସାହିତ୍ୟ ସାଧନାରେ ବୁଡ଼ାଇ ରଖିଥିଲେ, ପ୍ରଜାତନ୍ତ୍ରରେ ପ୍ରକାଶିତ 'ମୁଁ ଏକ ବୁଲ୍ ବୁଲ୍ ଲାଲ୍ ଗୋଲାପ କହୁଛି' ପ୍ରକାଶିତ ହୋଇଥିଲା । ଗୋଲାପ ରଙ୍ଗ ଲାଲ୍ କାହିଁକିର ଉତ୍ତରରେ କହିଥିଲେ ଦୁଇ ପ୍ରେମୀଯୁଗଳ ଗଛତଳେ କଥାବାର୍ତ୍ତା ହେଉଥିଲେ, ଝିଅଟି ପୁଅଟିକୁ କହିଲା ତୁମେ ଯଦି ମୋତେ ଭଲପାଅ ଗୋଲାପଟି ମୋତେ ଆଣିଦେବ । ଯୁବକଟି କିନ୍ତୁ ଦେଇନଥିଲା । ବୁଲ୍ ବୁଲ୍ ପକ୍ଷୀଟିଏ ଏହା ଗଛଡାଳରେ ବସି ଶୁଣୁଥିଲା । ସେ ଉଡ଼ିଆସି ଗୋଲାପ ଗଛ ଉପରେ ବସିଲା, କ୍ଷତାକ୍ତ ହେଲା ଲାଲ୍ ରକ୍ତ ପଡ଼ିଲା ଫୁଲଟି ଉପରେ । ଗୋଲାପର ରଙ୍ଗ ଲାଲ ହୋଇଗଲା । ବାସ୍ତବିକ କବିଙ୍କ ବର୍ଣ୍ଣନା ଉଚ୍ଚକୋଟୀର ଥିଲା । 'ଅନ୍ଧାରର ଛାଇ' ଗଳ୍ପରେ ମାଆ ଝିଅଟିକୁ ପାଠ ପଢ଼ିବାକୁ ଛାଡୁ ନାହିଁ, ଯେମିତି ଫକୀରମୋହନଙ୍କ 'ରେବତୀ' ଗଳ୍ପରେ ରେବତୀକୁ ପାଠ ପଢ଼ିବା ପାଇଁ ତା' ବୁଢ଼ୀ ମାଆ ବାରଣ କରୁଥିଲା, ନାରୀ ନିର୍ଯ୍ୟାତନ, ଧର୍ଷିତା, ନାରୀକୁ ସମ୍ମାନ ନଦେବା, ନାରୀ ଉପରେ ହେଉଥିବା ଅତ୍ୟାଚାରକୁ ସେ ବିରୋଧ କରିଥିଲେ । ସେ ଥିଲେ ନାରୀବାଦର ପ୍ରବକ୍ତା, ନାରୀର ମନ୍ତ୍ରଣା ପାଇଁ ତାଙ୍କର ସଂଗ୍ରାମ ମୂଳକ ଅନେକ ରଚନା ସେ ସମାଜକୁ ଦାନ କରିଛନ୍ତି । ନାରୀମାନଙ୍କର ଦେହ ଅନେକ ବିଦ୍ରୋହର କାରଣ ବୋଲି ସେ ମତ ଦିଅନ୍ତି । ଆଧୁନୀକ ସମାଜର ଅର୍ଦ୍ଧଲଗ୍ନ ପୋଷାକକୁ ସେ ଆଦୌ ପସନ୍ଦ କରୁ ନଥିଲେ । ବର୍ତ୍ତମାନ ସମାଜରେ ନାରୀମାନଙ୍କର ଉନ୍ନତିରେ ଅଗ୍ରଗତି ହୋଇଛି, ପାଠପଢ଼ା, ଯନ୍ତ୍ରପାତି, ଫେକ୍‌ଟ୍ରି କରିବା ପାଇଁ ସେମାନେ ଅଣ୍ଟା ଭିଡ଼ିଛନ୍ତି । କିନ୍ତୁ ଜାତିର ପିତା ମହାତ୍ମାଗାନ୍ଧୀଙ୍କ ମତରେ 'ଯେତେଦିନ ପର୍ଯ୍ୟନ୍ତ ଗୋଟିଏ ନାରୀ ରାସ୍ତାର ଗୋଟିଏ ପ୍ରାନ୍ତରୁ ଅନ୍ୟ ପ୍ରାନ୍ତକୁ ନିର୍ବିଘ୍ନରେ ଯାଇ ପାରିବ ନାହିଁ ସେତେଦିନ ପର୍ଯ୍ୟନ୍ତ ସ୍ୱରାଜ ଆସି ନାହିଁ ବୋଲି ଧରିବାକୁ ପଡ଼ିବ ।' ଏଥିପାଇଁ ନାରୀକୁ କରାଟେ ଶିଖିବାକୁ ପଡ଼ିବ, ଅସ୍ତ୍ରଶସ୍ତ୍ର ଧରିବାକୁ ପଡ଼ିବ, ଓଡ଼ିଆ ଅସ୍ମିତାର ଗୁରୁତ୍ୱକୁ ସେ ବେଶ୍ ହୃଦୟଙ୍ଗମ କରିଥିଲେ । ସମାଜର ସାଂସ୍କୃତିକ ସାମାଜିକ ପରିବର୍ତ୍ତନ ଆଣିଥିଲେ ତାଙ୍କର ଲେଖା ମାଧ୍ୟମରେ । ତାଙ୍କ ମତରେ ଉପଦେଶ ଦେଇ କାହାକୁ ଲେଖାଇ ହୁଏନାହିଁ । ଏହା ଅନ୍ୟ କାରଣରୁ ଆସିଥାଏ, ସେ କେତେ ମାତ୍ରାରେ ସ୍ୱାଧୀନ ହେବ ତାକୁ ସମୟ କହିବ, ସାଧାରଣ ଭାବରେ ସେ ନାରୀକୁ ଦେଖୁଥିଲେ, ସାହିତ୍ୟିକ ସ୍ୱୀକୃତି ତାଙ୍କ ଆନନ୍ଦ ଓ ପ୍ରେରଣା ଦେଇଥାଏ ବୋଲି ସେ କହୁଥିଲେ । ପାଠକୀୟ ଭିତ୍ତିଭୂମିକୁ ସେ ଅଧିକ ବିଶ୍ୱାସ କରୁଥିଲେ । ପାଟଦେଈ ଗଳ୍ପଟି ତାଙ୍କର ସମାଜ ପାଇଁ ଥିଲା ଚେଲେଞ୍ଜ, ସମାଜକୁ ପ୍ରଶ୍ନ ପଚାରିଛନ୍ତି କହିଦିଅ କିଏ ତାର ବାପା । ପାଟଦେଈ ଗଳ୍ପର ବାହାଦୂରୀ ହେଲା ପ୍ରଥମ ଭାଗ ବର୍ଣ୍ଣନା । ଏଠାରେ ଥିଲା ତାଙ୍କର ନୀରବ ବିଦ୍ରୋହର ସ୍ୱର । ବହୁଦିନ ଧରି ନାରୀ ଲାଞ୍ଛିତ, ଅବହେଳିତ । ତାଙ୍କ ଗଳ୍ପ ଗୁଡ଼ିକରେ କାରୁଣ୍ୟ ଭରି ରହିଥାଏ ସେ ଥିଲେ ଆଶାବାଦୀ ଅନ୍ୟ ଲେଖକ ଲେଖିକା ମାନଙ୍କ ଠାରୁ ସେଥିଲେ ବ୍ୟତିକର୍ମ । ତାଙ୍କର ଲେଖାରେ ଆଦୌ ଇଂରାଜୀ ଶବ୍ଦ ସେ ବ୍ୟବହାର କହୁ ନଥିବା ଓଡ଼ିଆ ଜାତି ପ୍ରତି ଥିଲା ଆଉ ଅଧିକ ସମ୍ମାନ -- କଣ ହୋଇପାରେ । ସୁଶ୍ରୀ ବୀଣାପାଣି ମହାନ୍ତି ସବୁଦିନ ପାଇଁ ଅବିବାହିତ ହୋଇ ରହି ଯାଇଥିଲେ । କବିତା ସର୍ଜନା କରୁ କରୁ ବୟସ ଅତିକ୍ରାନ୍ତ ହୋଇଯାଇଥିଲା । ତାଙ୍କ ମତରେ ମଣିଷ ପାଇଁ ପ୍ରେମ ଜରୁରୀ, ପ୍ରେମ ନଥିଲେ ଜୀବନ ନାହିଁ । ସାଂପ୍ରତିକ ସମାଜରେ ଲେଖିକା ଉପରେ ସେ ବାସ୍ତବବାଦକୁ ଗୁରୁତ୍ୱ ଦେଇଥିଲେ । ସାହିତ୍ୟ ସର୍ଜନା ପେଶା ହେବା ଉଚିତ ସେ ଗୋଟିଏ ସାକ୍ଷାତ୍‌କାରରେ କହିଥିଲେ । ଯାନ୍ତ୍ରିକ ଯୁଗରେ ସାହିତ୍ୟର ସ୍ଥିତି ଯେପର୍ଯ୍ୟନ୍ତ ଆମେ ନିଜେ ସଂଶୋଧନ ନହୋଇଛୁ ସେତେ ଦିନ ପର୍ଯ୍ୟନ୍ତ ଆମେ ସମାଜରେ କିଛି ପରିବର୍ତ୍ତନ କରିପାରିବୁ ନାହିଁ । ଲେଖିକା ସଂସଦର ସଭାପତି ଭାବରେ ସେ ନାରୀମାନଙ୍କର ଥିଲେ ପ୍ରେରଣାର ଉତ୍ସ । ତେଣୁ ତାଙ୍କ ପ୍ରତି ମୋର ତଥା ଆମ ନାରୀମାନଙ୍କର ଗଭୀର ଶ୍ରଦ୍ଧାଞ୍ଜଳି ।

## ଅମ୍ଳାନ ଜ୍ୟୋତି

**ମମତା ଦାସ**

ନିରବୀ ଯାଇଛି ଏ ମାଟି ପବନ
ତୁମରି ବିୟୋଗ ପାଇଁ
ହୃଦୟ କୋଠୀରେ ବାଜୁ ନାହିଁ ବୀଣା
ତୁମ ପାଇଁ ପାଟ ଦେଇ

ପଞ୍ଚତତ୍ତ୍ୱେ ଗଢା ନଶ୍ୱର ଶରୀର
ମିଶିଲା ସିନା ମାଟିରେ
ତୁମରି ସାହିତ୍ୟ ଗଳ୍ପ କବିତାରେ
ସଦା ସୁଧା ରସ ଝରେ

ତୁମରି ସାଧନା ତୁମରି ସୃଜନୀ
ରହିଲା ହୋଇ ଅମ୍ଳାନ
ପଦ୍ମଶ୍ରୀ ସାରଳା ଆଦି ପୁରସ୍କାର
ବଢ଼ାଇଲା ତୁମ ମାନ

ଦୁଃଖିନୀ ପୀଡିତା ଶୋଷିତା ନାରୀଙ୍କୁ
ଦେଖାଇଲ ନୂଆ ରାହା
ତୁମରି କବିତା ଗପ ଉପନ୍ୟାସ
ଆଶାବାଡ଼ି ସମ ସାହା

ନାମଟି ଯେମିତି କାମତ ସେମିତି
ସତେ ଅବା ସରସ୍ୱତୀ
ଅଜ୍ଞାନ ଅନ୍ଧାର ଦୂର କରି ତୁମେ
ଜାଳିଛ ଜ୍ଞାନର ଜ୍ୟୋତି

ତୁମେ ଚାଲିଗଲ ରହିଛି ଅମର
ତୁମରି କରମ କୃତି
ତୁମରି କୃତିତ୍ୱ ପାଶେ କେହି ନାହିଁ
ଜଣେ ହେଲେ ପ୍ରତିଦ୍ୱନ୍ଦୀ ।

● କାହ୍ରାବାଦ, ସୁନହଟ, ବାଲେଶ୍ୱର
(ମୋ) ୮୨୪୯୨୧୨୭୩୧

## ମଉଡ଼ମଣି ବୀଣାପାଣି

**କଲ୍ୟାଣୀ ନନ୍ଦ**

ଆଗୋ ବୀଣାପାଣି ଜାତି ମଉଡମଣି
ଗାଳ୍ପିକା କଥାକାର
ଏ ଜାତି ଗୌରବ ଏ ମାଟି ବିଭବ
ବରପୁତ୍ରୀ ଉତ୍କଳର ।

ଏଗାର ନଭେମ୍ବର ଉଣେଇଶ ଛତିଶରେ
ଏ ମାଟିରେ ପାଦ ଦେଲ,
ଉଣେଇଶ ତେପନରେ ମ୍ୟାଟ୍ରିକ ପାସ କରି
ଉଣେଇଶ ସତାବନରେ
ବି. ଏ. ପାସ କରିଲ,
ଅଣଷାଠିଏରେ ଏମେ ପାସ କରି ବୟାନବେରେ
ଅଧ୍ୟାପନା ବୃତ୍ତି ସାରିଲ,
କର୍ମେ ଜିଏ ନର କର୍ମ ଏକା ତା'ର
ମାନଦଣ୍ଡ ଥିଲା ତୁମର ।

ନଅଟି ଭାଷାରେ ଲେଖା ପଢ଼ା ଜାଣି
ନବ ସର୍ଜନା କଲ ତନ୍ଦ୍ରାହତ ନାଉଗଛ
ଗୋଟିଏ ରାତ୍ରୀର କାହାଣୀ
ଆଉ ପାଟଦେଈ ପରି ଅପୂର୍ବ ରଚନା କଲ
ପଦ୍ମଶ୍ରୀ ପାଇଲ, ଅତିବଡି ସାଥେ
ଶାରଳା ପୁରସ୍କାରରେ ବିମଣ୍ଡିତା ହୋଇ
ଉତ୍କଳ ଟେକ ରଖିଲ
ଆହେ ମହାମାନ୍ୟ, ଶତକୋଟି ଧନ୍ୟ
ଶେଷ ପ୍ରଣାମ ଘେନ ଆମର ।

ଏଇ ଯୁଗନାରୀ ତୁମ କୀର୍ତ୍ତି ସ୍ମରି
ଝୁରୁଅଛି ଝୁରୁଥିବ
ଅମଳିନ ସ୍ମୃତି ତୁମ ଜାତି ପ୍ରୀତି
ଚିରଦିନ ଗାଉଥିବ
ତୁମ ଯିବାପଥ ହେଉ କୁସୁମିତ
ଆଶୀଷ ରହୁ ମହାପ୍ରଭୁଙ୍କର
ଆହେ ଶ୍ରେଷ୍ଠ କଥାକାର...
ପଦ୍ମଶ୍ରୀ ବୀଣାପା ଆମର
ମଉଡମଣି ଏ ଜାତିର...

ବାଲେଶ୍ୱର
(ମୋ) ୭୦୦୮୩୭୩୨୪୯

# ଧ୍ୱନି ପ୍ରତିଧ୍ୱନି

ବାଲେଶ୍ୱର ୪

୦୩ ମଇ ୨୦୨୨, ମଙ୍ଗଳବାର


## ଅମୃତ ବଚନ

ନିଜର ଦୁର୍ବଳତା ବିଷୟରେ ଭାବନା କରିବା ଦୁର୍ବଳତାର ପ୍ରତିଷେଧକ ନୁହେଁ। ଶକ୍ତିର ଭାବନା କରିବା ହେଉଛି ତାର ପ୍ରତିଷେଧକ। ନିଜ ମଧ୍ୟରେ ଶକ୍ତି ସର୍ବଦା ପ୍ରସ୍ତୁତ ହୋଇ ରହିଛି ବୋଲି ମାନବକୁ ଶିକ୍ଷା ଦିଅ।

## ଦୂରଦୃଷ୍ଟିହୀନ କାର୍ଯ୍ୟକଳାପ...

କଥା କହି ନିଜ ଉପରୁ ଦୋଷ ଅନ୍ୟ ଉପରକୁ ଠେଲିଦେବା କିଛି ରାଜନେତାଙ୍କର ଏକ ବିଶେଷ ଦକ୍ଷତା ବା ଗୁଣ। ପ୍ରଧାନମନ୍ତ୍ରୀ ମୋଦୀଙ୍କ ଦ୍ୱାରା ନିକଟରେ କଥିତ କେତେକ କଥା ତାଙ୍କୁ ଏହି ସ୍ତରକୁ ନେଇ ଆସିଛି; ପଶ୍ଚିମବଙ୍ଗର ମୁଖ୍ୟମନ୍ତ୍ରୀ ସୁଶ୍ରୀ ମମତା ବାନାର୍ଜୀ ତ ତାଙ୍କୁ ଦୋମୁହାଁ ବ୍ୟକ୍ତି ଆଖ୍ୟା ଦେଇଛନ୍ତି। କେବଳ ଏତିକି ନୁହେଁ, ତାଙ୍କର ଏହି କଥା ସାରା ଦେଶରେ ସୃଷ୍ଟି କରିଛଚି ଏକ ରାଜନୀତିକ ବିବାଦ। କଥାଟି ହେଉଛି, କୋଭିଡ୍-୧୯ ମହାମାରୀ ପରିସ୍ଥିତି ସମ୍ପର୍କରେ ଆଲୋଚନା କରିବାକୁ ଆହୂତ ମୁଖ୍ୟମନ୍ତ୍ରୀମାନଙ୍କର ଏକ ଅନ୍‌ଲାଇନ୍ ବୈଠକରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଅପ୍ରତ୍ୟାଶିତ ଭାବରେ ବିରୋଧୀ ଦଳମାନଙ୍କ ଦ୍ୱାରା ଶାସିତ ରାଜ୍ୟମାନଙ୍କର ମୁଖ୍ୟମନ୍ତ୍ରୀମାନଙ୍କୁ 'ପ୍ରାର୍ଥନା' କଲେ ପେଟ୍ରୋଲ, ଡିଜେଲ ଉପରୁ ମୂଲ୍ୟଯୁକ୍ତି ଟିକସ (ଭ୍ୟାଟ୍) ହ୍ରାସ କରିବାକୁ ଏବଂ ଏହି ପରିପ୍ରେକ୍ଷୀରେ ସୂଚାଇ ମଧ୍ୟ ଦେଲେ ଯେ ତାଙ୍କ ସରକାର ଗତବର୍ଷ ନଭେମ୍ବର ମାସରେ ପେଟ୍ରୋଲ ଓ ଜାଳେଣି ଉପରୁ ଏକ୍ସାଇଜ୍ ଡ୍ୟୁଟି ହ୍ରାସ କରିସାରିଛନ୍ତି। ତେଣୁ ରାଜ୍ୟମାନେ ଯଦି ଭାଟ୍ ହ୍ରାସ କରିବେ, ତା'ହେଲେ ଖାଉଟିଙ୍କୁ ତେଲ ଦର ବାଧିବ ନାହିଁ। ସତ କହିବାକୁ ଗଲେ କଥାଟି ଏକଦମ୍ ଠିକ୍। ପେଟ୍ରୋଲିୟମ ମନ୍ତ୍ରଣାଳୟର ତଥ୍ୟ କୁହେ ଯେ ବିଜେପି ଶାସିତ ରାଜ୍ୟମାନଙ୍କରେ ପେଟ୍ରୋଲ ଓ ଡିଜେଲ ଉପରେ ଟିକସର ହାର ଅଣ-ବିଜେପି ଶାସିତ ରାଜ୍ୟମାନଙ୍କ ଅପେକ୍ଷା କମ୍ ମନେହୁଏ। ଏହାବାଦ୍ ପ୍ରଧାନମନ୍ତ୍ରୀ ଆଉ ଏକ କଥା ମଧ୍ୟ ଉକ୍ତ ବୈଠକରେ ଉଠାଇଲେ, ଯାହା ହେଉଛି ସହଯୋଗୀମୂଳକ ସଂଘୀୟବାଦ। ସେ ମୁଖ୍ୟମନ୍ତ୍ରୀମାନଙ୍କ ଉଦ୍ଦେଶ୍ୟରେ କହିଲେ, 'ସାମ୍ପ୍ରତିକ ସମୟର ବୈଶ୍ୱିକ ଆହ୍ୱାନ ପରିପ୍ରେକ୍ଷୀରେ ସବୁ ରାଜ୍ୟ ସହଯୋଗମୂଳକ ସଂଘୀୟବାଦର ନୀତି ଅନୁସାରେ ମିଳିମିଶି ଏକ ଦଳ ଭାବରେ କାମ କରିବା ଆବଶ୍ୟକ।' କିନ୍ତୁ ବୈଶ୍ୱିକ ଆହ୍ୱାନର ଏମିତି ଏକ ସମୟରେ ରାଜ୍ୟମାନଙ୍କ ମଧ୍ୟରେ ସହଯୋଗ ରକ୍ଷା କରି କାର୍ଯ୍ୟ କରିବାକୁ କହିବାକୁ ଯାଇ ସେ ଯେତେବେଳେ ଜାଳେଣି ଉପରେ ଟିକସ ହ୍ରାସ ପ୍ରସଙ୍ଗକୁ ଏକ ଉପକରଣ ଭାବରେ ବ୍ୟବହାର କଲେ, ସେତେବେଳେ ଭୁଲିଗଲେ ଯେ ବସ୍ତୁତଃ ସେ ନିଜେ ହିଁ ସହଯୋଗମୂଳକ ସଂଘୀୟବାଦର କାର୍ଯ୍ୟସୂଚୀକୁ ଅଣଦେଖା କରୁଛନ୍ତି।

ଏନଡିଏ ଏବଂ ଏହାର ମେଂଟମାନଙ୍କ ଦ୍ୱାରା ଶାସିତ ନ ହେଉଥିବା ରାଜ୍ୟମାନେ କେନ୍ଦ୍ର ସରକାରଙ୍କ ଦ୍ୱାରା ତୈଳ ଉପରେ ହ୍ରାସ କରାଯାଇଥିବା ଟିକସର ଲାଭ ଲୋକମାନଙ୍କୁ ପ୍ରଦାନ କରୁନାହାନ୍ତି ବୋଲି ପ୍ରଧାନମନ୍ତ୍ରୀ ଯାହା କହିଛନ୍ତି, ତାହା ବେଶ୍ କେତେକ ଦୃଷ୍ଟିରୁ କ୍ୱଚିତ୍ ଠିକ୍ ବୋଲି କୁହାଯାଇପାରିବ। ଏହା କହିବା ବେଳେ ସେ ସତେ ଯେମିତି ଦର୍ଶାଇବାକୁ ଚାହିଁଛନ୍ତି ଯେ କେନ୍ଦ୍ର ସରକାର ହିଁ କେବଳ ଲୋକମାନଙ୍କ ଦୁଃଖ ଦୁର୍ଦ୍ଦଶାକୁ ବୁଝୁଛନ୍ତି, ରାଜ୍ୟ ସରକାରମାନେ ନୁହନ୍ତି। ତାହା ଆଦୌ ଠିକ୍ ନୁହେଁ। ୨୦୧୪ ମସିହାରେ ଏନଡିଏ କେନ୍ଦ୍ରରେ କ୍ଷମତାକୁ ଆସିବା ପରେ ଏହାର ଶାସନ କାଳର ପ୍ରଥମ କେଇ ମାସ ଆନ୍ତର୍ଜାତିକ ବଜାରରେ ତୈଳ ଦରରେ ଯଥେଷ୍ଟ ହ୍ରାସ ଘଟିଲା, ଯାହାର ଭରପୂର ଫାଇଦା ଉଠାଇଲା ଏହି ସରକାର। କିନ୍ତୁ ଏହି ଲାଭ ବା ଫାଇଦାରୁ କିଛି ସାଧାରଣ ଲୋକଙ୍କ ଉପରକୁ ଆଦୌ ଛାଡ଼ିଲା ନାହିଁ। ବରଂ ତା' ପରିବର୍ତ୍ତେ ଏହି ସରକାର ଏଥିରେ ବିଭିନ୍ନ ପ୍ରକାରର ଟିକସ, ମୂଳତଃ ଏକ୍ସାଇଜ୍ ଡ୍ୟୁଟି ଏବଂ ସେସ୍‌ଗୁଡ଼ିକ ଯୋଗ କରି ଚାଲିଲା, ଯେଉଁଥିରେ କେନ୍ଦ୍ର ସରକାରଙ୍କ ସହିତ ରାଜ୍ୟ ସରକାରମାନଙ୍କର କୌଣସି ଭାଗ ନଥାଏ। ୨୦୨୦ରେ ମାର୍ଚ୍ଚ ମାସ ବେଳକୁ ଦେଶର ମହାମାରୀ ଆରମ୍ଭ ହୋଇଯିବା ପରେ ଜାଳେଣି ଉପରୁ ଟିକସ ଦର ହ୍ରାସ କରିବାକୁ ଦାବିଉଠିଲା, କିନ୍ତୁ ୨୦୧୪ଠାରୁ ତାଙ୍କ ସରକାର ବିଧିବଦ୍ଧ ଭାବରେ ଧୀରେଧୀରେ ବୃଦ୍ଧି କରି ଚାଲିଥିବା ଟିକସ ହାରରୁ ଏକ ସାମାନ୍ୟ ଅଂଶ ହ୍ରାସ କରିବାକୁ ପ୍ରାୟ ଦୁଇବର୍ଷ ସମୟ ନେଇଗଲେ।

ଏକଥା ସ୍ମରଣ ରଖାଯିବା ଉଚିତ ଯେ ଜୀବାଶ୍ମ ଜାଳେଣି ଉପରେ ଧାର୍ଯ୍ୟ କରାଯାଉଥିବା ଭାଟ୍ ହେଉଛି ରାଜ୍ୟମାନଙ୍କ ପାଇଁ ନିଜସ୍ୱ ଟିକସ ରାଜସ୍ୱର ଏକ ପ୍ରମୁଖ ଉତ୍ସ। କେନ୍ଦ୍ରୀୟ ଏକ୍ସାଇଜ୍ ଡ୍ୟୁଟିରେ ଯେତିକି ହ୍ରାସ କରାଯିବ, ତା'ର ପରିଣତି ଭାବରେ ରାଜ୍ୟ ରାଜସ୍ୱରେ ମଧ୍ୟ ଏକ ଆନୁପାତିକ ଭାବରେ ହ୍ରାସ ଘଟିବ।

## ପବିତ୍ର ପର୍ବ ଅକ୍ଷୟ ତୃତୀୟା



### ଅମୂଲ୍ୟ କୁମାର ପଣ୍ଡା

ବୈଶାଖ ଶୁକ୍ଳ ତୃତୀୟା ଦିନଟି ପବିତ୍ର ଅକ୍ଷୟ ତୃତୀୟା କୁହଯାଏ । ଏହି ଦିନକୁ କୃଷକ ଦିବସ ରୂପେ ମଧ ପାଳନ କରାଯାଏ । କୃଷକ ଭାଇ ମାନେ ଏହାକୁ ପବିତ୍ର ଓ ସିଦ୍ଧିର ଦିବସ ଭାବେ ପାଳନ କରିଥାନ୍ତି । ଏହି ଦିନ ଚାଷୀ ଭାଇ ହଳଦୀ, ଚନ୍ଦନ, ସିନ୍ଦୂର ବୋଳା ଧାନ ବିହନପୂର୍ଣ୍ଣ ନୂଆ ଗଉଣି ଓ ତାପରେ ନାଲିଆ କପଡା ପକାଇ ଶଙ୍ଖ ହୁଳହୁଳି ମଧରେ ମୁଣ୍ଡରେ ଥୋଇ ଏବଂ ଅନ୍ୟ ଏକ ନୂତନ ଟୋକେଇରେ ପିଠା ପଣା ଧୂପ ଦୀପ ନେଇ ହଳଲଙ୍ଗଳ ଧରି କ୍ଷେତକୁ ଯାଏ । କ୍ଷେତରେ ପହଂଚି ଐଶାନ୍ୟ କୋଣରେ ମାଆ ଲକ୍ଷ୍ମୀ ଠାକୁରାଣୀଙ୍କୁ ପୂଜା କରି ଭୋଗଦେଇ ଉକ୍ତ ଭୋଗ ନୈବେଦ୍ୟକୁ କ୍ଷେତର ଈଶାଣ କୋଣରେ ପୋତିଉକ୍ତ ଅନୁକୂଳ କରି ହଳ ବୁଲାଏ ଆଉ ତାପରେ ମୁଠା ମୁଠା ବିହନ କ୍ଷେତରେ ବୁଣେ ଯାହାକୁ ଅକ୍ଷିମୁଠି କହନ୍ତି, ଏହିପରି ନୀତି ନିୟମରେ ଉକ୍ତ ଦିନ ସମସ୍ତ କୃଷି ଭାଇ କୃଷିକାର୍ଯ୍ୟର ଶୁଭାରମ୍ଭ କରି ଥାଆନ୍ତି । ଯେଉଁ ଦୃଶ୍ୟ ଗ୍ରାମୀଣ ସୌନ୍ଦର୍ଯ୍ୟକୁ ଖୁବ୍ ସୁନ୍ଦର କରିଥାଏ। ଏହି ପବିତ୍ର ଦିନକୁ ଶୁଭଦିନ ଭାବେ ମନେକରି ଏହିଦିନ ଗୃହନିର୍ମାଣ, ନିର୍ବନ୍ଧ, ବିବାହ, ବ୍ରତ ଉପନୟନ ପ୍ରଭୃତି ଶୁଭକର୍ମ କରିଥାନ୍ତି ।

ବୈଶାଖ ମାସ ଶୁକ୍ଳପକ୍ଷ ତୃତୀୟା ସହିତ କୃତ୍ତିକା ବା ରୋହିଣୀ ନକ୍ଷତ୍ରଯୁକ୍ତ ହେଲେ ମହାଫଳ ପ୍ରାପ୍ତିହୁଏ । ଏହାକୁ ବ୍ରତ ରୂପେ ପାଳନ କରାଯାଏ । ଲୋକମାନେ ଶୁଦ୍ଧକାଳରେ ଏହି ବ୍ରତକୁ ଆରମ୍ଭକରି ଆଠ ବର୍ଷରେ ଉଦ୍‌ଯାପନ କରନ୍ତି । ଏହିଦିନ ଜଳଦାନ କଲେ କି ପୁଣ୍ୟଫଳ ମିଳେ ସେ ସଂପର୍କରେ ଚମତ୍କାର ଉପାଖ୍ୟାନଟି ଅଛି ତାହା ହେଲା ନ୍ତ ପୁରାଣ ଅନୁସାରେ ପୂର୍ବେ ଜଣେ ପାପୀ ବ୍ରାହ୍ମଣ ଥିଲା ଯିଏ ତା' ଜୀବନରେ କିଛି ଦାନ ଧର୍ମକାର୍ଯ୍ୟ କରି ନଥିଲା । ଥରେ ତା' ଗୃହକୁ ଅନ୍ୟ ଜଣେ ତୃଷାର୍ତ୍ତ ବ୍ରାହ୍ମଣ ଆସି ଜଳଭିକ୍ଷା କଲା । ପାପୀ ବ୍ରାହ୍ମଣ ତାକୁ ଜଳ ନଦେଇ ନିଷ୍ଠୁର ଭାବେ ଗୃହ ରୁ ତିରସ୍କାର କରି ବାହାର କରିବା ସମୟରେ ସୁଶିଳା ନାମ୍ନୀ ତା'ର ସ୍ତ୍ରୀ ଆସି ସ୍ୱାମୀକୁ ସେ କାର୍ଯ୍ୟରୁ ବାରଣ କଲା ଓ ତୃଷାର୍ତ୍ତ ବ୍ରାହ୍ମଣ ଙ୍କୁ ଜଳଦାନ କଲା । କିଛି ବର୍ଷ ସେହି ପରେ ପାପୀ ବ୍ରାହ୍ମଣର ମୃତ୍ୟୁ ହେଲା । ଯମଦୂତ ମାନେ ଆସି ତାକୁ ମର୍ତ୍ତ୍ୟ ରୁ ବାନ୍ଧି ନେଇଗଲେ । ଯମପୁରୀରେ ଥାଇ ଥରେ ସେ ତୃଷାର୍ତ୍ତ ହୋଇ ଯମଦୂତଙ୍କୁ ଜଳଭିକ୍ଷା କଲା । ଯମଦୂତ ମାନେ ତାହାକୁ ତିରଷ୍କାର କରି କହିଲେ- ନିଜ ଜୀବନରେ କେବେ ଜଳଦାନ ନକରି ଜଳଭିକ୍ଷା କରୁଛୁ କିପରି, ତୁ ଗୋଟେ ପାପୀ ଆଉ ତୋର ସ୍ଥାନ କେବଳ ନର୍କ ଯୋଗ ? ଏହି ସମୟରେ ସ୍ୱୟଂ ଯମରାଜ ସେଠାରେ ପହଞ୍ଚି ସ୍ୱହସ୍ତରେ ସେ ବ୍ରାହ୍ମଣକୁ ଜଳଦାନ କଲେ । ଦୂତମାନେ ଆଶ୍ଚର୍ଯ୍ୟ ହୋଇ ଏହାର କାରଣ ପଚାରିବାରୁ ଯମରାଜ କହିଲେ ଏହି ବ୍ରାହ୍ମଣ ସାରା ଜୀବନ ପାପ କର୍ମ କରିଥିଲେ ସୁଦ୍ଧା ଅକ୍ଷୟତୃତୀୟା ଦିନ ଏହାର ସ୍ତ୍ରୀ ସୁଶିଳା ତୃଷାର୍ତ୍ତ ବ୍ରାହ୍ମଣକୁ ଜଳଦାନ କରିଥିଲା । ସ୍ତ୍ରୀର ସେହି ପୁଣ୍ୟବଳରୁ ଏହାର ସମସ୍ତ ପାପ ଖଣ୍ଡନ ହୋଇଛି । ତେଣୁ ଏହାର ଆଉ ନର୍କଭୋଗ ଯୋଗ ନାହିଁ । ମହର୍ଷି ଜନକ ଭାରତୀୟ କୃଷିଜୀବୀ କୁଳର ପ୍ରତିନିଧି ରୂପେ ନିଜେ ଭୂମିପୂଜା କରି ବୀଜବପନ କରୁଥିଲେ । ସେ ଥରେ ଭୂମିକର୍ଷଣ ସମୟରେ ମାତା ସୀତାଙ୍କୁ ଲାଭ କରିଥିବାରୁ ସୀତା ଙ୍କୁ ଉତ୍କୃଷ୍ଟ ବୀଜଦାତ୍ରୀ କୁହଯାଏ । ବୈଦିକ ଋଷିମାନେ ଅକ୍ଷୟ ଶସ୍ୟ ପ୍ରଦାନ କରିବା କାମନାରେ ସୀତାଙ୍କୁ ସ୍ତୁତି କରି ଥାନ୍ତି । ଆଗ୍ନେୟ ପୁରାଣ, ବିଷ୍ଣୁ ଧର୍ମୋତ୍ତର ପୁରାଣ ଓ ଭବିଷ୍ୟ ପୁରାଣାଦିରେ ଅକ୍ଷୟ ତୃତୀୟାକୁ ପରମ ପବିତ୍ର ଶୁଭଦିନ ତଥା ସିଦ୍ଧି ଦିବସ ଭାବେ ବର୍ଣ୍ଣନା କରାଯାଉଛି।

ପବିତ୍ର ଅକ୍ଷୟ ତୃତୀୟା ଦିନ ଠାରୁ ଶ୍ରୀକ୍ଷେତ୍ରରେ ଚନ୍ଦନ ଯାତ୍ରା ଆରମ୍ଭ ହୁଏ । ଚନ୍ଦନଯାତ୍ରା ଶ୍ରୀମନ୍ଦିରରେ ସବୁଠୁ ଅଧିକ ଦିନ ଧରି ପାଳିତ ହେଉଥିବା ଏକ ମହାନ ପର୍ବ । ଏହା ଅକ୍ଷୟ ତୃତୀୟା ଠାରୁ ଜ୍ୟେଷ୍ଠ ଶୁକ୍ଳ ଚତୁର୍ଦ୍ଦଶୀ ସ୍ନାନପୂର୍ଣ୍ଣିମାର ପୂର୍ବଦିନ ପର୍ଯ୍ୟନ୍ତ ମୋଟ ୪୨ ଦିନ ଧରି ଅନୁଷ୍ଠିତ ହୋଇଥାଏ । ଏହା ଅକ୍ଷୟ ତୃତୀୟା ଠାରୁ ଜ୍ୟେଷ୍ଠ କୃଷ୍ଣ ଅଷ୍ଟମୀ ପର୍ଯ୍ୟନ୍ତ ୨୧ଦିନ ନରେନ୍ଦ୍ର ପୁଷ୍କରଣୀରେ ବାହାର ଚନ୍ଦନଯାତ୍ରା ରୂପେ ଓ ପରବର୍ତ୍ତୀ ୨୧ଦିନ ଜ୍ୟୈଷ୍ଠ ଶୁକ୍ଳ ଚତୁର୍ଦ୍ଦଶୀ ପର୍ଯ୍ୟନ୍ତ ଶ୍ରୀମନ୍ଦିରରେ ଭିତର ଚନ୍ଦନ ରୂପେ ପାଳିତ ହୋଇଥାଏ । ଏହି ତିଥିରେ ଶ୍ରୀଜୀଉମାନଙ୍କର ରଥନିର୍ମାଣ ପାଇଁ ଅନୁକୂଳ କରାଯାଏ । ତନ୍ତ୍ରବିଧି ଅନୁସାରେ ମହାକାଳୀ ମନ୍ତ୍ରରେ ପୂଜିତ କୁରାଢି ଲଗାଇ ବନଯୋଗ ହୋମର ଆଚାର୍ଯ୍ୟ ତଥା ଦେଉଳ ପୁରୋହିତ ରଥନିର୍ମାଣର ଶୁଭାରମ୍ଭ କରିଥାନ୍ତି । ତାଳଧ୍ୱଜ, ଦେବଦଳନ ଓ ନନ୍ଦିଘୋଷ ରଥ ପାଇଁ ଉଦ୍ଦିଷ୍ଟ ଗୋଟିଏ ଧଉରା କାଠ ଗଣ୍ଡିରେ କୁରାଢି ସ୍ପର୍ଶ କରାଯାଇଥାଏ । ଶ୍ରୀମନ୍ଦିରରେ ମଧ୍ୟାହ୍ନ ଧୂପରେ ଶ୍ରୀଜୀଉଙ୍କ ଆଜ୍ଞାମାଳ ଚନ୍ଦନଠାକୁରଙ୍କ ସହ ପଟୁଆରରେ ରଥ ଖଳାକୁ ଆସିଥାଏ । ଏହାକୁ ତିନିଜଣ ପୂଜାପଣ୍ଡା ଆଣିଥାନ୍ତି । ଶ୍ରୀଜଗନ୍ନାଥ ମନ୍ଦିର ସମ୍ମୁଖସ୍ଥ ରଥଖଳାରେ ଶ୍ରୀମନ୍ଦିର ପୁରୋହିତ, ରାଜଗୁରୁ ଓ ଶ୍ରୋତୀୟ ବ୍ରାହ୍ମଣମାନେ ବନଯୋଗ ପୂଜା ସମ୍ପାଦନା କରିବାର ବିଧି ରହିଛି । ରୂପକାର, କମାର, ଚିତ୍ରକର, ଭୋଇ, ଅମୀନ ସେବକ ମାନଙ୍କ ଉପସ୍ଥିତିରେ ବିଶ୍ୱକର୍ମାଙ୍କ ଶାଢୀବନ୍ଧା ନୀତି ପାଳିତ ହୁଏ । ରଥ ସଂହିତା ଓ ଶିଳ୍ପଶାସ୍ତ୍ର ଅବଲମ୍ବନରେ ରଥନିର୍ମାଣ କରାଯାଏ । ଏଥିରେ ୧୧୩୯ ଖଣ୍ଡ କାଠଲାଗିଥାଏ । ବାହାର ଚନ୍ଦନ ଯାତ୍ରାର ଶେଷଦିନ ରଥ ଅଖରେ ଚକ ଲାଗେ । ଅକ୍ଷୟତୃତୀୟା ଶ୍ରୀମନ୍ଦିରର ଏକ ପ୍ରଧାନ ପର୍ବ । ଅକ୍ଷୟତୃତୀୟା ଦିନ ସକାଳ ଧୂପ ଶେଷ ପରେ ତିନିବାଡ଼ରେ ମଇଲମ ହୋଇ ମହାସ୍ନାନ ହେବା ପରେ ପୂର୍ବଦିନ ଭୋଗ ମଣ୍ଡପ ଘରେ ଅଧିବାସ କରାଯାଇବା ଚନ୍ଦନ ପିଙ୍ଗଣ ଓ ପରିଖମାନ ଘଣ୍ଟ, ଛତା ଓ କାହାଳୀ ସହ ସଂପୃକ୍ତ ସେବକମାନେ ବଡ଼ ଦେଉଳକୁ ତିନିଘେରା ବୁଲାଇ ଭିତର ସିଂହାସନ ଉପରେ ତିନିବାଡ଼ରେ ସଜାଇ ରଖାଯାଏ । ଧୋପଖାଳ ହୋଇ ଶୀତଳ ଭୋଗ ହୁଏ । ଏ ଭୋଗରେ ଟେରା ପଡ଼େ ନାହିଁ । ଭୋଗ ପରେ ଶ୍ରୀଜୀଉ ମାନଙ୍କୁ ଅଳକା, ଚଉସରା, ୬ ମୂର୍ତ୍ତି ସୁନା ଅଳଙ୍କାର ଲାଗି ହୋଇ ବେଶ ବଢ଼େ । ଏହା ପରେ ପାଣି ପଡ଼ି ଧୋପଖାଳ ହେବା ପରେ ମଧ୍ୟାହ୍ନ ଧୂପ ଯାତ ଭୋଗ ସହ, ଘଣ୍ଟ, ଛତା, କାହାଳୀ ସହ ତଳିଛ ପଟୁଆରରେ ଛାମୁକୁ ଆସେ । ମୁଦିରସ୍ତଙ୍କ ପ୍ରସାଦ ଲାଗି, ଦକ୍ଷିଣ ଘରେ ଚନ୍ଦନ ସର୍ବାଙ୍ଗ ହୋଇ ଭୋଗ ଶେଷ ପରେ ରାମ, କୃଷ୍ଣ ଓ ମଦନମୋହନ ଭିତର ସିଂହାସନକୁ ବିଜେ କରନ୍ତି । ଏହା ପରେ ମଧ୍ୟାହ୍ନ ଧୂପ ହୁଏ । ପାଣି ପଡ଼ିବା ପରେ ପଣ୍ଡା, ପତି ଓ ମୁଦିରସ୍ତ ବନ୍ଦାପନା କରନ୍ତି ।

(ଅବଶିଷ୍ଟାଂଶ ପୃଷ୍ଠା-୭ରେ)



## ବୀଣାପାଣି ମହାନ୍ତିଙ୍କର ସ୍ମୃତିରେ



### ଶ୍ରୀରୂପା ମଂଜରୀ ସେନ୍

ସର୍ବପ୍ରଥମେ ବୀଣାପାଣି ମହାନ୍ତିଙ୍କର ସ୍ୱର୍ଗତ ଆତ୍ମାପ୍ରତି ମୋର ସଭକ୍ତିର ପ୍ରଣାମ । ସେ ସାହିତ୍ୟ ଆକାଶରେ ଜଣେ ଜାଜ୍ଜ୍ୱଲ୍ୟମାନ ତାରକା ଥିଲେ । ନାରୀମାନଙ୍କ ଭିତରେ ସେ ପ୍ରଥମ ନାରୀ କବି ଥିଲେ । ମୃତ୍ୟୁ ବେଳକୁ ବୀଣାପାଣି ମହାନ୍ତି ୮୫ ବର୍ଷରେ ପଦାର୍ପଣ କରିଥିଲେ । ସେ ଅର୍ଥନୀତି ଶାସ୍ତ୍ରରେ ଅଧାପିକା ଥିଲେ । ଅନେକ ଛାତ୍ରଛାତ୍ରୀମାନଙ୍କର ଜୀବନରେ ସେ ଜଣେ ଉ ମ ପଥପ୍ରଦର୍ଶକ ଥିଲେ । ସେ ଜଣେ ମିଷ୍ଟଭାଷି ଓ ଦରଦୀ ମଣିଷଟିଏ ଥିଲେ । ସେ ଆମ ସାହିତ୍ୟିକା ସଂସଦର ପ୍ରଥମ ପ୍ରତିଷ୍ଠାତା ମହିଳା ଅଟନ୍ତି । ଏତଦ୍ ବ୍ୟତୀତ ସେ ଅନେକ ସାହିତ୍ୟ ଅନୁଷ୍ଠାନ ମାନଙ୍କୁ ଉତ୍ସାହିତ କରି ଆଗକୁ ବଢ଼ିବା ପାଇଁ ଉ ମ ପରାମର୍ଶ ଦେଉଥିଲେ । ସାହିତ୍ୟ ପ୍ରତି ତାଙ୍କର ପ୍ରଚଣ୍ଡ ଅନୁରାଗ ଓ ଭଲପାଇବା ଗୁଣଟି ଭରପୁର ଥିଲା । ପ୍ରତ୍ୟେକ ସାହିତ୍ୟ ପ୍ରେମୀଙ୍କଠାରେ ସେ ଅତି ପ୍ରିୟ ଓ ଆପଣାର ମଣିଷଟିଏ ଥିଲେ ।

ମୋର ଠିକ୍ ମନେ ପଡୁନାହିଁ, ବହୁଦିନ ତଳର କଥା, ସେ କିନ୍ତୁ ମୋ ହାତରେ ତାଙ୍କର ଗୋଟିଏ ପୁସ୍ତକ 'ବହ୍ନିବଳୟ' ତାଙ୍କ ନିଜହାତରେ ମୋର ନାମ ଲେଖି ମୋତେ ଖୁବ୍ ଖୁସିରେ ଉପହାର ସ୍ୱରୂପ ଦେଇଥିଲେ । ଯାହାକି ୧୯୯୦ ମସିହାରେ ପ୍ରକାଶ ପାଇଥିଲା । ଏହି ପୁସ୍ତକଟିରେ ୧୪ଟି ଗଳ୍ପ ସନ୍ନିବେସିତ ରହିଛି । ମୁଁ ପ୍ରାୟ ସବୁ ଗୁଡ଼ାକ ପଢ଼ିଛି । ତତ୍‌କାଳୀନ ସମାଜର ଚିତ୍ରକୁ ନେଇ ଯଥା- ଦୁଃଖ, କଷ୍ଟ, ଯନ୍ତ୍ରଣା, ହସ, କାନ୍ଦର ସମାବେଶରେ ଗଳ୍ପ ଗୁଡ଼ିକ ଚିତ୍ରଣ କରିଛନ୍ତି ।

ସେ ନିଜେ ଏହି ବହିଟିର ମୁଖବନ୍ଧରେ ଲେଖିଛନ୍ତି । 'ବିଂଶ ଶତାବ୍ଦୀର ଶେଷ ପର୍ଯ୍ୟାୟରେ ମାନବିକ ମୂଲ୍ୟବୋଧ ପ୍ରତିଷ୍ଠା ନିମି ଅଜସ୍ର ସ୍ଲୋଗାନର ସ୍ରୋତ ଛୁଟିଛି, ମାତ୍ର ତାହାକୁ ସାଥୀ କରି ଜୀବନ ଜୀଇଁବାକୁ ଏଯାବତ ଆମେ ପ୍ରସ୍ତୁତ ହୋଇନାହୁଁ । ମୁଁ ଜାଣେନା ଏକବିଂଶ ଶତାବ୍ଦୀରେ ଗଳ୍ପର ଧାରା କଣ ହେବ ? ମାତ୍ର ପ୍ରସ୍ତୁତି ପଥରେ ସୃଷ୍ଟି ହୋଇଛି ଯେଉଁ କୁହେଳିକା ତାକୁ କିପରି ଅତିକ୍ରମ କରିବ ତାହାହିଁ ବଡ଼ ପ୍ରଶ୍ନ । ଅବଶ୍ୟ କୌଣସି ମୂଲ୍ୟବୋଧ ଚିରନ୍ତନ ନୁହେଁ । ମାତ୍ର ଇଏ ଏମିତି ଏକ ସମୟ ଯେତେବେଳେ ପ୍ରହର ଶେଷ ହେବାକୁ ଯାଉଛି ମାତ୍ର ପ୍ରଭାତର ନକ୍ସା ପ୍ରସ୍ତୁତ ହୋଇନି । ଅତ୍ୟାଚାର ସହି ହେଉନାହିଁ। କିନ୍ତୁ ସଂଗ୍ରାମ କରିବାକୁ ତାକତ ନାହିଁ । ଦିଗନ୍ତର ଗୋଟିଏ ବଳୟର କେବଳ ଅଗ୍ନି ଜଳୁନି, ସମସ୍ତ ବଳୟରେ ପ୍ରଚଣ୍ଡ ବହ୍ନିର ଆତଙ୍କ ସୃଷ୍ଟି କରିଛି,' ଇତ୍ୟାଦି ଏହାହିଁ ତାଙ୍କର ବହିଟିର ମୁଖବନ୍ଧର କିଛି ଲେଖା ।

'ବହ୍ନିବଳୟ' ପୁସ୍ତକଟିରେ ରହିଛି- ଶତାବ୍ଦୀର ସିଂହାସନ, ନିଜେ ନିଜର ମାଲିକ ହେବା ପୂର୍ବରୁ, ଶେଷ ପ୍ରହର, ଦୁଇ ପତିବ୍ରତାଙ୍କ କାହାଣୀ ଓ ଅନ୍ୟାନ୍ୟ ସବୁ । ଆଜି ସେ ସଂସାରରୁ ବିଦାୟ ନେଇ ଚାଲିଗଲେ ସିନା, କିନ୍ତୁ ସମଗ୍ର ଓଡ଼ିଶାରେ ତାଙ୍କର ଶୂନ୍ୟସ୍ଥାନ ଖାଁ ଖାଁ ଲାଗୁଛି । ଯାହାବି ହେଉ ସେ ଯେଉଁଠି ଥାଆନ୍ତୁ, ଯେପରି ଆତ୍ମାରେ ଥାଆନ୍ତୁ, ଈଶ୍ୱରଙ୍କ ଠାରେ ମୋର ଏତିକି ପ୍ରାର୍ଥନା ତାଙ୍କର ଆତ୍ମାର ସଦ୍‌ଗତି ହେଉ । ଜୟ ଜଗନ୍ନାଥ ।




ଅଙ୍ଗାରଗଡ଼ିଆ, ବାଲେଶ୍ୱର

ମୋ: ୮୮୯୫୫୭୭୮୬୦


## ମୁଁ ଆଜି କଲେକ୍ଟରଙ୍କୁ ଭେଟିଲି



### ସୁବ୍ରତ କର

ଏହା ସମ୍ଭବ ହେଲା ଗ୍ରୀଭାନସ ସେଲ ମାଧ୍ୟମରେ। ପ୍ରାୟ କରୋନା ପାଇଁ ଦୁଇ ବର୍ଷ ହେଲା ଜନତାଙ୍କୁ ଶୁଣିବା ପ୍ରାୟ ବନ୍ଦ ଥିଲା। ସାରା ରାଜ୍ୟବାସୀ ଖୁସୀ। ଖୁସୀ ଏଇଥିପାଇଁ ଯେ ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କଠୁ ଆରମ୍ଭ କରି ବ୍ଲକର ବି.ଡି.ଓ ପର୍ଯ୍ୟନ୍ତ ଜନତାଙ୍କ ଦୁଃଖ ଶୁଣିବେ। ହଜାର ଲୋକଙ୍କ ହଜାର ସମସ୍ୟା ସମାଧାନ କରିବ କିଏ ବା ସମାଧାନର ବାଟ ଦେଖେଇବ କିଏ ? ଗତ ଦୁଇ ସପ୍ତାହ ହେଲା ସରକାରଙ୍କ ନିର୍ଦ୍ଦେଶରେ ପ୍ରତି ସୋମବାର ପୂର୍ବାହ୍ନରେ ମୁଖ୍ୟମନ୍ତ୍ରୀଙ୍କଠୁ ଆରମ୍ଭ କରି ସବୁ ବାବୁମାନେ ଜନତାଙ୍କ କଥା ଶୁଣିବେ। ଏହି ନିୟମଟି କେବେଠୁ ଆରମ୍ଭ ହେଲା ଏବଂ କେଉଁ ସରକାର ଏହାକୁ ଆରମ୍ଭ କରିଥିଲେ ମୋତେ ଠିକ ଜଣାନାହିଁ କିନ୍ତୁ ମୋ ମତରେ ଏହା ପ୍ରଜାତନ୍ତ୍ରର ପଂଚମ ସ୍ତମ୍ଭ କହିଲେ ଅତୁକ୍ତି ହେବନାହିଁ। ସଦର ମହକୁମାରେ ଥିବା ଜନତାଙ୍କ ପାଇଁ ବିଶେଷ ଅସୁବିଧା ନାହିଁ କାରଣ ସେମାନେ ସବୁ ଦରକାରୀ ବାବୁ ମାନଙ୍କୁ ହାତମୁଠାରେ ପାଇବେ, କିନ୍ତୁ ଚିନ୍ତା କରନ୍ତୁ ଜଣେ ସାଧାରଣ ଲୋକ ତାର ଅସୁବିଧା କଥା ବା ବିପଦ କଥା ସରକାରୀ ହେଉ ବା ବେସରକାରୀ ଭୋଗରାଇରୁ ଆସି କଲେକ୍ଟରଙ୍କୁ ହେଉ ବା ଏସ.ପିଙ୍କୁ ଜଣାଇବା ଏକ କାଠିକର ପାଠ। ସେଇଥିପାଇଁ ବହୁତ ଗ୍ରୀଭାନସ୍ ଗ୍ରୀଭାନସ୍ ଆକାରରେ ରହିଯାଏ।

ଏବେ କିନ୍ତୁ ବ୍ୟବସ୍ଥା ଅଛି କଲେକ୍ଟର ହୁଅନ୍ତୁ ବା ଏସ.ପି ହୁଅନ୍ତୁ ବ୍ଲକ ହେଡକ୍ୱାରଟିକୁ ପାଇଁ ଲୋକଙ୍କ କଥା ଶୁଣିବେ ଏବଂ ଯେଉଁଗୁଡ଼ିକ ତତ୍‌କ୍ଷଣାତ ସମାଧାନ ହୋଇପାରିବ କରିବେ ଏବଂ ଯେଉଁଗୁଡ଼ିକ ସମୟ ନେବ ସେଗୁଡ଼ିକ ବିଭିନ୍ନ ବିଭାଗକୁ ପଠାହୋଇ ସମାଧାନର ବାଟ ବାହାର କରିବା ପାଇଁ ଚେଷ୍ଟା କରାହେବ। ଏହି ସଭାର ଜିଲ୍ଲା ହେଉ ବା ବ୍ଲକ ସ୍ତରର ସବୁ ବାବୁମାନେ ପ୍ରାୟ ଉପସ୍ଥିତ ରହନ୍ତି। ନିଶ୍ଚିତ ଭାବରେ ଏହା ଏକ ସମସ୍ୟାର ସମାଧାନର ଏକ ଶାନ୍ତିପୂର୍ଣ୍ଣ ବାଟ ଏବଂ ବିନା ଖର୍ଚ୍ଚରେ। ଏଇଟା ନିଶ୍ଚିତ ସବୁ ସମସ୍ୟାର ସମାଧାନ ସମ୍ଭବ ନୁହଁ। କିଛି ହୁଏତ ରହିଯାଏ କିନ୍ତୁ ସାଧାରଣ ଜନତାଙ୍କୁ ସୁଯୋଗ ମିଳେ ଜିଲ୍ଲାର ବଡ଼ ବଡ଼ ବାବୁମାନଙ୍କ ଆଗରେ ଦୁଃଖ ବଖାଣିବା। ମୁଁ ଦେଖିଛି ବହୁତ ଲୋକ ଗ୍ରୀଭାନ୍‌ସ ରୁମରୁ ବାହାରି ଆସି କହିଛନ୍ତି "ଯାହାହେଉ ଏତେଦିନରେ ମୋ କଥା ଠିକ୍ ସେ କଲେକ୍ଟର ବୁଝିଲେ। ଏବେ ତାଙ୍କ ହାତରେ ସେ ଯାହା ନ୍ୟାୟ ନେବେ।" ସେ ଭଦ୍ର ଲୋକ କେତେ ନିଜକୁ ଗର୍ବିତ ମନେ କରେ, ଆତ୍ମସନ୍ତୁଷ୍ଟି ଲାଭ କରେ ଏବଂ ଭାବି ଭାବି ଘରକୁ ଫେରେ ଏଥର ନିଶ୍ଚୟ ମୋତେ ନ୍ୟାୟ ମିଳିବ। ତେବେ ଏଇଠି ମୋର ଅନୁରୋଧ ଯେଉଁମାନେ ଆଶା କରି ଆସନ୍ତି ତାଙ୍କୁ ଠିକ୍ ବିଚାର ମିଳିବା ଦରକାର ଏବଂ ବସିବାର ପ୍ରକୋଷ୍ଠଟି ଭଲ ହେବା ଦରକାର ଏବଂ ଭଲ ବ୍ୟବହାର ପାଇବା ମଧ୍ୟ ଦରକାର।





## ଅକ୍ଷୟ ତୃତୀୟା

### ରମାକାନ୍ତ ଦାସ

ଅକ୍ଷୟ ତୃତୀୟାର ଗୌରବ ଗାଥା
ଅରମ୍ଭିଲେ କାର୍ଯ୍ୟ ମିଳେ ପୂର୍ଣ୍ଣତା ।

ବୈଶାଖ ମାସର ତୃତୀୟା ତିଥିରେ
ଏହି ପର୍ବ ପଡେ ସାରା ଓଡ଼ିଶାରେ ।

କୃଷକ ଦିବସ ରୂପେ ହୁଏ ପାଳନ
ଚାଷୀ ମାନଙ୍କ ପାଇଁ ଖୁସିର ଦିନ ।

ଚଷାବଧୂ ବଢି ସକାଳୁ ଉଠେ
ସ୍ନାନ ସାରି ସେ ଯେ ଚାଉଳ ବାଟେ ।

ଗୋବର ପାଣିରେ ବେତ ଗଉଣୀ ଲିପେ
ପିଠଉ ଢାଉରେ ଝୋଟି ସେ ଆଙ୍କେ ।

ଚଷାପୁଅ ବଢ଼ି ସକାଳୁ ଉଠି
ମୁଠି ଅନୁକୂଳ କରିବାକୁ ଯାଏଟି।

ହଳଦୀ, ଚନ୍ଦନ, ସିନ୍ଦୂର ବୋଳା
ଟୋକେଇରେ ଧାନ ନିଏ
ନ କରି ହେଳା ।

ଭୋଗ, ରାଗ, ଫୁଲ, କର୍ପୁର, ଗୁଆ
ଦୀପ, କ୍ଷୀର ସାଙ୍ଗେ ଗୋଟା ନଡିଆ ।

ଶୁଭଯାତ୍ରା ଗୌଣୀ ମୁଣ୍ଡାଇ
ଚାଲିଥାଏ କାନ୍ଧେ କୋଡ଼ି କାନ୍ଧେଇ ।

ବିଲର କୋଣରେ ପହଞ୍ଚି ଯାଇ
ମା ଲକ୍ଷ୍ମୀଙ୍କୁ ସରାଗେ ନୈବେଦ୍ୟ ଦେଇ।


ପୂର୍ବକୁ ମୁହେଁଇ ମାଟି ସେ ହାଣେ
ହାଣୀ ଥାଏ ପୁଣି ପୂରୁବ କୋଣେ ।

ଗୁଣ୍ଡକରି ମାଟି ବିହନ ବିଞ୍ଚେ
ଅତି ଯତନରେ ପାଣି ସେ ଛିଞ୍ଚେ ।

ନୂଆ ସୁନାରୂପା ଘରକୁ ଆଣେ
ପୂଜି ମହାଲକ୍ଷ୍ମୀ ମନ ସେ ଜିଣେ ।

ଏହି ଦିନଟି ଅଟେ ପବିତ୍ର
ଚାଣକ୍ୟ ଶ୍ଲୋକରେ ଅଛି ବର୍ଣ୍ଣିତ ।


♥ ନନ୍ଦିଗ୍ରାମ , ନାଉଗାଁ
,ଜଗତସିଂହପୁର
ମୋ-୯୬୬୮୮୧୫୩୬୯

## ବାଣୀ ପୁତ୍ରୀ ବୀଣାପାଣି

### ପୁଷ୍ପରାଣୀ ସେନାପତି

ହେ ମହିୟସୀ ନାରୀ
କଳ୍ପନା ତୁଳିରେ ଜହ୍ନ ଆଙ୍କୁ ଆଙ୍କୁ
ହୋଇ ଗଲ ବ୍ରହ୍ମ ଚାରୀ.
ଫଗୁଣର ହସ ମଳୟ ମହକ
ନିସ୍ପନ୍ଦ ଶୂନ୍ୟତାରେ,
ଖୋଜୁ ଥିଲ ଖାଲି ସମାଜ ମଙ୍ଗଳ
ଧରଣୀ ମାର କୋଳେ.
ରକ୍ଷଣ ଶିଳ ସମାଜ ଏରୁଣ୍ଡି
ଭାଙ୍ଗି ଥିଲା ତୁମ କୃତି,
ପ୍ରଫେସର ସାଜି ଆଦର୍ଶର ବାଜି
ସଫଳତା ଅର୍ଥନୀତି.
ତୁମେ ସହୃଦୟା ଦୟାର ସାଗର
ସର୍ଜନାର ଗନ୍ତାଘର,
ଗଢିଲ ପିଲାଙ୍କୁ ମନ ପ୍ରାଣ ଦେଇ
କରି ଅତି ଆପଣାର.
ଚେତନା ସିନ୍ଧୁରେ ଲହଡି ଭାଙ୍ଗଇ
ବାଣୀ ପୁତ୍ରୀ ତୁମେ ବୀଣା
ମୁକ ସାକ୍ଷୀ ଗଳ୍ପ ପାଟଦେଈ ତୁମ
ଦୟାବନ୍ତ ପ୍ରୀତିପନ୍ନା.
ପଦ୍ମଶ୍ରୀ ସମ୍ମାନେ ସମ୍ମାନିତ
ସଭିଙ୍କ ମଉଡମଣୀ,
ମନ ଆକାଶରେ ସୁରୁଜ ବୁଣିଲ
ସାହିତ ଜଗତେ ପୁଣି,
ସାରଳା ସମ୍ମାନ ତୁମେ ମହା ମାନ୍ୟ
ଚଉତ୍ରିଶ ପୁସ୍ତକର ରଚୟିତା,
କେନ୍ଦ୍ର ସାହିତ୍ୟର ପୁରସ୍କୃତ ପୁଣି
ତୁମେତ ଜଗତଜିତା.
ଦୁଃଖୀର ଦୁଃଖକୁ ବାସ୍ତବ ଚିତ୍ରଣେ
ଗଳ୍ପରେ କଲ ଲିଖନ,
ମମତା ମୟୀ ଗୋ ଉତ୍ସର୍ଗି ତୁମ
କୋଟି ପୁଣ୍ୟର ଦାନ.
ନିରବି ରହିଲ ସଂସାର ଜଞ୍ଜାଳଉ
ଚିର ଅମ୍ଳାନ ହୋଇ,
ଆଶୀର୍ବାଦ ଭିକ୍ଷା କାମନା ଆମର
ଶ୍ରଦ୍ଧାଞ୍ଜଳି ତୁମପାଇଁ.
ଶ୍ରଦ୍ଧାଞ୍ଜଳି ତୁମପାଇଁ.



## ଭାଷା ସେବକ

### ନିରଞ୍ଜନ ସାହୁ

ପାଞ୍ଚ ଜଣକରେ ଜଣେ ମୁଁ ହୋଇଛି
ସାହିତ୍ୟ ସାଧନା କରି
ଗଳ୍ପ , ଉପନ୍ୟାସ , କବିତା , ପ୍ରବନ୍ଧ
ଲେଖିଛି ଲେଖନୀ ଧରି ।
ଶିଶୁଙ୍କ ସାହିତ୍ୟ , ଭକତି ସଙ୍ଗୀତ
ନାଟକ , ସମାଲୋଚନା
ଜୀବନୀ ଓ ଆତ୍ମଜୀବନୀ ସହିତେ
କାବ୍ୟ ଯେ ରମ୍ୟରଚନା
ଲେଖା ମୋତେ ପରିଚିତ କରାଇଛି
ସମ୍ମାନ ଦେଇଛି ଭରି ।
ମାତୃଭାଷା ମାତୃଭୂମି ସେବାକରି
ଏ ଜୀବନ ଚାଲିଯାଉ
ସାହିତ୍ୟ ସାଧନା କରିବି ନିହାତି
ଯେତିକି ବଞ୍ଚିବି ଆଉ
ଭାଷା ସେତୁବନ୍ଧେ ଗୁଣ୍ଡୁଚି ହୋଇଛି
ସାମାନ୍ୟ ସେବକ ପରି ।


♥ ନିହଲ ପ୍ରସାଦ , ଗଁଦିଆ
ପାଟଣା
ଢେଙ୍କାନାଳ- ୭୫୯୦୧୬
ମୋ :୯୯୩୮୭୪୧୫୮୩


## ଘେନ ମୋର ଶତକୋଟି ପ୍ରଣାମ

### କୃଷ୍ଣା ପ୍ରଧାନ



ହେ ମହିୟସୀ ମହିଳା ବୀଣା ଅପା !
ଘେନ ମୋର ଶତକୋଟି ପ୍ରଣାମ ।

ଅନନ୍ୟା ତୁମେ ହେ ସାରସ୍ୱତ ସାଧିକା
ଏକାଧରେ ଥିଲ ତୁମେ ଗାଳ୍ପିକା, ସୁଲେଖିକା ପୁଣି ଔପନ୍ୟାସିକା
'ନାଉଗଛ' କି 'ପାଟଦେଈ' ହେଉ ଅବା 'କସ୍ତୁରୀମୃଗ'
ସବୁଥିରେ ନାରୀ ମନର ଅକୁଆ କୋହ ଓ ବେଦନା
ଫୁଟାଇ ଥିଲ ନକରି ତିଳେ ହେଲେ ଶୋଚନା ।

ଯେତେଦିନ ଯାଏ ଥିବ ଏ ସାରସ୍ୱତ ଜଗତ
ତମକୁ ଥିବ ତୁମେ ଗଢ଼ିଥିବା 'ଓଡ଼ିଶା ଲେଖିକା ସଂସଦ'
ପଦ୍ମଶୀ, ଅତିବଡ଼ି ଜଗନ୍ନାଥ ଦାସ ଉପାଧି ପାଇଲ
ସାରଳା ଦାସ, ବିଷୁଭ ପୁରସ୍କାର ପୁଣି କେତେ ଯେ ଲିଭଲ
ମର ଜଗତରୁ ମାଟି ଦେହ ସିନା ମିଶିଗଲା
ହେଲେ ତୁମ ସୃଷ୍ଟି କାଳଜୟୀ ଅମର ହୋଇଲା
ହେ ଅମର ଆତ୍ମା, ଘେନ ମୋର ।



# ପ୍ରଣମ୍ୟ ବୀଣାପାଣି



ଆବିର୍ଭାବ : ନଭେମ୍ବର ୧୧, ୧୯୩୬
ତିରୋଧାନ : ଅପ୍ରେଲ ୨୪, ୨୦୨୨

## ସ୍ମୃତି ଅପାସୋରା

**ଲକ୍ଷ୍ମୀପ୍ରିୟା ଓଝା**

କେଉଁଠୁ ଆରମ୍ଭ କରିବି ?

ସମସ୍ତେ ଜାଣନ୍ତି ବିଶିଷ୍ଟ ଗାଳ୍ପିକା କେନ୍ଦ୍ର ସାହିତ୍ୟ ପୁରସ୍କାର ବିଜେତା ପଦ୍ମଶ୍ରୀ ବୀଣାପାଣି ମହାନ୍ତିଙ୍କୁ । ତାଙ୍କ ସାହିତ୍ୟର ସବୁଠି ଆଲୋଚନା । କିନ୍ତୁ ଅନାଲୋଚିତ ସେ ବିଶିଷ୍ଟ ବ୍ୟକ୍ତିଙ୍କର ବିଶାଳ ବ୍ୟକ୍ତିତ୍ୱ । ତାଙ୍କ ସହ ବିତାଇଥିବା ତିନି ବର୍ଷର ହଷ୍ଟେଲ ରହଣି ସମୟର ମୋ ବ୍ୟକ୍ତିଗତ ଅନୁଭୂତିରୁ ଜାଣିବା ଆସନ୍ତୁ ଗାଳ୍ପିକା ନୁହେଁ, କେବଳ ବୀଣାପାଣି ମହାନ୍ତିଙ୍କୁ ହଷ୍ଟେଲ ଓ୍ୱାର୍ଡେନ ରୂପରେ ।

ଏ ଭିତରେ ବିତି ଗଲାଣି ନଦୀର ପାଣି ପରି ବତିଶ ବର୍ଷ । ଅନେକ ସ୍ମୃତି ବିସ୍ମୃତ,ଅନେକ ଅପାସୋରା । ହଁ, ସେଇ ଅପାସୋରା ସ୍ମୃତିରୁ କିଛି ନେଇ ସେଇଠୁ ଆରମ୍ଭ କରୁଛି, ମୋ ଶୈଳବାଳା ଓ୍ୱାର୍ଡ ହଷ୍ଟେଲର ପ୍ରଥମ ରହଣି ଦିନରୁ । ତାଙ୍କ ସହ ମୋର ପ୍ରଥମ ସାକ୍ଷାତରୁ ।

କଲେଜ ଆଉ ହଷ୍ଟେଲର ଆଡ଼ମିସନ ପରେ ବାପା ମୋତେ ଛାଡି ଦେଇଗଲେ ହଷ୍ଟେଲର ବଡ଼ ମାଉସୀଙ୍କ ଜିମାରେ । ମାଉସୀ ମୋତେ ଦେଖେଇ ଦେଲେ ରୁମ ନ ୧୫ । ମୋ ଆଲମରୀ ଆଉ ମୋ ବେଡ଼ । ମୋ ଜିନିଷ ରଖି ସାବୁନ, ସର୍ଫ, ତେଲ ଆଦି କିଣି ହଷ୍ଟେଲ ଭିତରକୁ ପଶିଲା ବେଳକୁ ମାଡାମ ଓଲ୍ହାଉଥିଲେ ସିଡ଼ିରୁ । ମୁଁ ତାଙ୍କ ଆଗ ଦେଇ ଜଲ୍‌ଦି ଜଲ୍‌ଦି ଚାଲିଯାଇ ଗ୍ରାଉଣ୍ଡ ଫ୍ଲୋରର ମୋ ରୁମରେ ପଶିଗଲି । ଜିନିଷ ଥୋଇ ବାହାରିଲା ବେଳକୁ ମ୍ୟାଡାମଙ୍କ ସହ ମୁହାଁ ମୁହିଁ ହେଲା ମୋ ରୁମ ସାମ୍ନାରେ । ମ୍ୟାଡାମ ମୁହଁକୁ ମୋଡି କହିଲେ,' ହୁଁ , ଭୟ, ଭକ୍ତି କିଛି ନାହିଁ। ସାଧାରଣ ନମସ୍କାରଟିଏ ମଧ ନାହିଁ ।' ମୁଁ ନ ଶୁଣିଲା ପରି ତାଙ୍କୁ କ୍ରସ କରି ଏମିତିକି କୁହାଯାଇ ପାରେ ଏକ ରକମ ଦୌଡିକି ଯାଇ ପଶିଗଲି ପ୍ରେୟାର ହଲରେ । ମନେ ମନେ ଦୀର୍ଘ ନିଶ୍ୱାସଟିଏ ନେଇ ରିଲାକ୍ସ ହେଲି । ଭାବିଲି ଯାହାହେଉ ମ୍ୟାଡାମ ଆସି ନାହାଁନ୍ତି । ପିଲାମାନେ କେବଳ ଆସିଛନ୍ତି ଯାହା ।

ମୁଁ ସେ ଯାଏ ଜାଣି ନଥିଲି ସେ ଆମର ଓ୍ୱାର୍ଡେନ ବୋଲି । ଏପର୍ଯ୍ୟନ୍ତ କେବେଳ ଭେଟ ହେଇଥିଲା ବଡ଼ ମାଉସୀଙ୍କ ସହ । ଯିଏ ମୋର ହଷ୍ଟେଲ ଆଡ଼ମିସନ କରିଥିଲେ । ଆଉ ଠିକ ୬ ଟା ବେଳେ ହଷ୍ଟେଲ ଗେଟ ବନ୍ଦ ହେଇଯିବ ଓ ପ୍ରେୟାର ଆରମ୍ଭ ହେବ । ଯେଉଁଠି ଆଟେଣ୍ଡାନସ ନିଆ ହେବ । ଆବସେଣ୍ଟ ହେଲେ ଘରକୁ ଖବର ଦିଆଯିବ । ଗେଟ ଥରେ ତାଲା ପଡିଗଲେ ଆଉ ଖୋଲା ଯିବନି । ସାରା ରାତି ବାହାରେ ରହିବାକୁ ପଡିବ ଆଦି ଆଦି ବଡ଼ ମାଉସୀଙ୍କ କଡା ନିର୍ଦ୍ଦେଶ ମୋ ଭିତରେ ଭୟ ସଂଚାର କରି ସାରିଥିଲା । ତେଣୁ ମାଉସୀଙ୍କୁ ମୁଁ ମ୍ୟାଡାମ ଭାବି ସାରିଥିଲି । ଜିନିଷ ନେଇ ହଷ୍ଟେଲରେ ପଶିଲା ବେଳକୁ ପ୍ରେୟାର ବେଲ ବାଜିବା ମୁଁ ଶୁଣିଥିଲି । ତେଣୁ ଅଣନିଶ୍ୱାସୀ ହେଇ ଦୌଡୁଥିଲି ।

ମ୍ୟାଡାମ ପଶିଲେ ରୁମରେ । କେହିଜଣେ କହିଲା ମ୍ୟାଡ଼ାମ ଆସିଗଲେ । ପୁରୁଣା ଛାତ୍ରୀମାନେ ଠିଆ ହେଇଗଲେ । ତାଙ୍କୁ ଦେଖି ଆମେ ନୂଆ ଛାତ୍ରୀମାନେ ମଧ ଠିଆ ହେଇ ପଡ଼ିଲୁ । ମ୍ୟାଡ଼ାମଙ୍କ ଆଖିରେ ମୋ ଆଖି ମିଶିଗଲା । ମୁଁ ଜିଭ କାମୁଡି ହାଲକାରେ ନମସ୍କାର କରି ତଳକୁ ମୁହଁ ପୋତିଲି । ସେ ମୁହଁ ମୋଡି ସ୍ମିତା ହାସ୍ୟ ଦେଇ ଆଗକୁ ବଢିଲେ । ରୁମରେ ନୀରବତା । ପ୍ରେୟାର ଆରମ୍ଭ ହେଲା । ସରିଲା ପରେ ମ୍ୟାଡାମଙ୍କର ସେଇ ପ୍ରଥମ ଦିନର କହିଥିବା କଥାରୁ କିଛି ମନେଅଛି । ସେ କହିଥିଲେ, ' ଯାହା ସହ କଥା ହେବ ଦମ୍ପର ସହ ବାରଣ୍ଡାରେ କି ହଷ୍ଟେଲ ସାମ୍ନା ଆମ୍ବ ଗଛ ମୂଳେ ଠିଆ ହେଇ କଥା ହେବ । ତାହାଲେ ମୁଁ ନିର୍ଭିକ ଭାବରେ ଅନ୍ୟମାନଙ୍କ ପ୍ରଶ୍ନର ଉତ୍ତର ଦେଇପାରିବି । ସେ ଭଙ୍ଗା ବସ ପଛରେ ଲୁଚି କି ଚଣ୍ଡୀ ଛକରେ ଠିଆ ହେଇ କଥା ହେବନି । ଛି, ଛି, କେତେ ଖରାପ କଥା । ମୁଁ ଜବାବ ଦେଇ ପାରିବିନି ।' ସେଦିନ ସେ କଥାର ତାତ୍ପର୍ଯ୍ୟ ବୁଝିନଥିଲି । ଏବେ ବୁଝୁଛି । ଯେଉଁଠି ମା ଟିଏ ଗୋଟିଏ ଝିଅକୁ ତା ଆଦ୍ୟ ଯୌବନରେ ସମ୍ଭାଳିବା ପାଇଁ ନିଜ ରାତିର ନିଦ ହଜେଇଦିଏ । ସେଇଠି ମ୍ୟାଡାମଙ୍କ ଉପରେ ନ୍ୟସ୍ତ ଥିଲା ଶହେରୁ ଅଧିକ ଝିଅଙ୍କ ଦାଇତ୍ୱ । ମା ପରି ମମତାର ପୁଟ ଦେଇ ପିଲାଙ୍କୁ ବିଶ୍ୱାସରେ ନେଇ କଡା ଶାସନରେ ତାଙ୍କ ଆଖି ସାମ୍ନାରେ ରଖିବାକୁ ଚାହୁଁଥିଲେ । ତା ସହ ଯତ୍ନବାନ ଥିଲେ ପିଲାଙ୍କ ସ୍ୱାଭିମାନରେ ଯେମିତି ଆଞ୍ଚ ନ ଆସିବ ଓ ପିଲାଟି ଆଗ୍ରେସିଭ ନହେବ ।

ମୋର ମନେ ଅଛି ଅନେକ ସମୟରେ ପ୍ରେୟାର ହଲରେ ପଚାରନ୍ତି ପିଲାଙ୍କ ନାଁ ଧରି । 'ତୁମେ ଆଜି ଦିପହର ବକ୍ସି ବଜାର କାହିଁ ଯାଇଥିଲ ? ଆଜି ତିନି କିଣିଆ ବଗିଚାରେ କାହିଁ ବୁଲୁଥିଲ ? ସେ ସମୟରେ ତୁମର ଅମୁକ କ୍ଲାସ ଥିଲା ' ଆଦି ପ୍ରଶ୍ନ । ପିଲା ଉତ୍ତର ଦିଅନ୍ତି । ତାପରେ କୁହନ୍ତି, 'ମୋତେ ସେ ଅମୁକ ଲୋକ ପଚାରୁଥିଲା ମ୍ୟାଡାମ ଆପଣଙ୍କ ହଷ୍ଟେଲର ଦି ଜଣ ଝିଅଙ୍କୁ ତରଙ୍ଗିଣୀ ସିନେମା ହଲ ସାମ୍ନାରେ ଦେଖିଲି । ଟିକେ ପିଲାଙ୍କୁ କଣ୍ଟ୍ରୋଲ କରନ୍ତୁ ।' ମୁଁ ମିଛ କହିଲି । କହିଲି, ' ମୋତେ ସେମାନେ କହି କି ଯାଇଥିଲେ । ବା ମୁଁ ସେମାନଙ୍କୁ ଅମୁକ କାମରେ ପଠାଇ ଥିଲି । ଯିଏ ଯୁଆଡେ ଯିବ ମୋତେ କହି କି ଯିବ । ତାହାଲେ ସେମାନଙ୍କ ମୁହେଁ ମୁହେଁ ମୁଁ ଜବାବ ଦେଇ ପାରିବି । ମୋ ପିଲାଙ୍କୁ କହିବାକୁ ସେମାନେ କିଏ ? ମୋ ପିଲା କୁଆଡେ ଗଲେ ସେମାନଙ୍କର କ'ଣ ହେଲା ?' ଏବେ ବୁଝୁଛି, ପରୋକ୍ଷରେ ମାଡାମ ଡିପ୍ଲୋମାଟିକ ୱେ ରେ ଆମ ବିଶ୍ୱାସ ଜିତୁଥିଲେ ।

ମ୍ୟାଡ଼ାମଙ୍କ ରୁମ ଫାଷ୍ଟ ଫ୍ଲୋରରେ ଥିଲା । ଦିନରେ କେବଳ ଥରେ ସିଡ଼ିରୁ ଓଲ୍‌ହାଉଥିଲେ ଓ ଚଢୁଥିଲେ । କ୍ଲାସ ଯାଉଥିଲେ । ବାକି ସବୁବେଳେ ରୁମରେ । ତଥାପି କୋଉ ପିଲା କାହା ସହ ଗପୁଛି, କିଏ କୁଆଡେ ଯାଉଛି ଆଦି ତାଙ୍କ ପାଖରେ ସବୁ ଖବର ରହୁଥିଲା । ସେ କେମିତି ଜାଣୁଥିଲେ ଆଜି ବି ମୋ ପାଇଁ ଅମିମାଂସିତ । କିନ୍ତୁ ଆମେ କୁଆଡେ ଗଲେ ସବୁବେଳେ ଡର ଥାଏ, କାଳେ ମ୍ୟାଡ଼ାମ ଜାଣି ଦେବେ ।

ଦିନେ ମୁଁ ବାରଣ୍ଡାରେ ଥିବା ଖଟ ଉପରେ ବସି ଗପ ଲେଖୁଛି । ସେ ଆସି ଖାତା ଟାଣି ନେଲେ । ବୋଧହୁଏ ମୋ ପଛରେ ଠିଆହେଇ କେତେବେଳ ଠୁ ଦେଖୁଥିଲେ । କହିଲେ, ' ଏମିତି ପାଠ ପଢା ହେଉଛି ? ହଉ ଏ ଖାତା ମୋ ପାଖରେ ଥାଉ । ସୁନ୍ଦର ଅକ୍ଷର ତ । କାଲିଠୁ ମୋ ଗପ ତୁମେ ଉତାରିବୁ । ' ମୁଁ ଡରି ଛାନିଆ । ସନ୍ଧ୍ୟାରେ ମାଉସୀ ଆସି ମୋ ଖାତା ଫେରେଇ ଦେଲେ ଆଉ ଗୋଟିଏ ସପ୍ତାହ ପରେ ମୋର ସେ ଗପ ବାହାରିଥିବା ପେପର ଆଣି ଦେଲେ । ମ୍ୟାଡ଼ାମ ପଠେଇ ଦେଇଥିଲେ ପେପରକୁ ।

ସେଇ ପ୍ରଥମ ବର୍ଷ ମୁଁ ହେଲି ହଷ୍ଟେଲର ଆସିସଷ୍ଟାଣ୍ଟ ଲିଟେରାରି ସେକ୍ରେଟେରୀ । ତା ପର ବର୍ଷ ଲିଟେରାରି ସେକ୍ରେଟେରୀ । ପିଲାଙ୍କଠୁ ଲେଖା ନେବା, ଲେଖା ଚୟନ କରିବା, ମାତୃଭାଷା ପ୍ରେସରେ ଯାଇ ଲେଖା ଦେବା, ମଝିରେ ମଝିରେ ଯାଇ ଦେଖିବା ଆଦି ସମସ୍ତ କାର୍ଯ୍ୟ ମ୍ୟାଡ଼ାମ ମୋ ଉପରେ ନ୍ୟସ୍ତ କରିଥିଲେ । କହିଥିଲେ ଆଜି ଯାଏ ଏତେ ସ୍ୱତନ୍ତ୍ର ଭାବରେ କାହାକୁ କାମ ଦେଇନି । କିନ୍ତୁ ମୁଁ ଜାଣିଛି ତୁମେ ପାରିବ ।' ସତରେ କେତେବଡ଼ ଦାଇତ୍ୱ, କେତେ ଆତ୍ମବିଶ୍ୱାସ ଭରିଦେଇଥିଲେ ମୋ ଭିତରେ ସେ । ମ୍ୟାଡ଼ାମଙ୍କ ଗପର ମୁଁ ଥିଲି ପ୍ରଥମ ପାଠିକା । ତାଙ୍କ ଗପକୁ ସୁନ୍ଦର ସୁନ୍ଦର ଅକ୍ଷରରେ ଉତାରିଲା ପରେ ସେ ପଠାଉଥିଲେ ପେପର, ମ୍ୟାଗାଜିନ ଆଦିକୁ ।

ଧୀରେ ଧୀରେ ଜାଣିଲି ମ୍ୟାଡ଼ାମ ଜଣେ ସାହିତ୍ୟିକା । କିନ୍ତୁ କେତେବଡ଼ ସେ ସମୟରେ ଗୋଟେ ଷୋଳ ବର୍ଷ ଝିଅ ପକ୍ଷେ ବୁଝିବା ସମ୍ଭବ ନଥିଲା । ଏବେ ବୁଝୁଛି । ମୋତେ ବିଷୁବ ମିଳନ, ଟାଉନ ହଲ ଆଦି ସବୁ ସାହିତ୍ୟ ସଭାକୁ ନେଇକି ଯାଉଥିଲେ। କବିତା ପଢିବାକୁ କହୁଥିଲେ । ପଢିଛି ମଧ ସେଠି ଖୁବ ଖୁସିରେ । ବିଷୁବ ମିଳନ କଣ, ସେଠି କେତେ ବଡ଼ ବଡ଼ ସାହିତ୍ୟିକ ଆସନ୍ତି, ଗୋଟେ ଅନାମଧେୟ ଷୋଳ ବର୍ଷର ଝିଅ କବିତାଟିଏ ପଢିବାକୁ ସୁଯୋଗ ପାଇବା କେତେ କଷ୍ଟ ଏବେ ଅନୁଭବ କରୁଛି । ସେତେବେଳେ ଜାଣିଥିଲେ ହୁଏତ ଭୟରେ କବିତା ପଢ଼ିପାରି ନଥାନ୍ତି । ଲୋକ ସେବକ ମଣ୍ଡଳର ମିଟିଙ୍ଗରେ ଯିବା ପାଇଁ ସେ ହିଁ ମୋତେ କହିଥିଲେ । ମୋତେ ସେ ନେଇକି ଯାଇଛନ୍ତି ପ୍ରତିଭା ରାୟ, ଜୟନ୍ତ ମହାପାତ୍ର, ସାତକଡ଼ି ହୋତା, ମନୋରମ ମହାପାତ୍ର, ରମା କର, ସଦାଶିବ ମିଶ୍ର ଆଦି ଅନେକ ବଡ଼ ବଡ଼ ଲୋକଙ୍କ ଘରକୁ । ଗାଁ ରୁ ଆସିଥିବା ଗୋଟେ ଛୋଟ ଝିଅ କାହିଁ ବା ବୁଝିବ ଏମାନେ କିଏ ! ମୋ ଅଜାଣତରେ କେତେ ବଡ଼ ବଡ଼ ଲୋକଙ୍କ ସାନିଧ ମୁଁ ଲାଭ କରିନଥିଲି ସତେ ।

ଥରେ ମୁଁ ଛାତରେ ସିଢି ଘର ଉପରେ ଚଢି ଦୀପ ସଜଉଥିଲି ଦୀପାବଳି ସାନ୍ଧ୍ୟରେ । ମ୍ୟାଡ଼ାମ ନିଜ ରୁମରୁ ଦେଖି ଡକେଇ ପଠେଇଲେ । ମୁଁ ଭୟରେ ଥରହର । ମ୍ୟାଡ଼ାମ କିଛି ଆଲୋଚନାରେ ବ୍ୟସ୍ତ ଥିଲେ ନଳିନୀ ଅପା, କୁନି ଅପା, ଡଲି, ଆଭା ଆଦି ପିଲାମାନଙ୍କ ସହ । ମୋତେ ଦେଖି କହିଲେ, ' ଲକ୍ଷ୍ମୀ, ମ୍ୟାଗାଜିନର ପ୍ରୁଫ ରିଡିଙ୍ଗ ସରିଲା ?' ମୁଁ ମୁଣ୍ଡ ହଲେଇ ହଁ କହିଲି । କହିଲେ, 'ହଉ କାଲି ଯାଇ ମାତୃଭାଷା ପ୍ରେସରେ ରମା କରଙ୍କୁ ଦେଇଦେବ ।' ମୁଁ ହଁ ମାରି ବାହାରି ଆସିଲି । ବାହାରେ ଠିଆ ହେଇଥିବା ପିଲା ଆଶ୍ଚର୍ଯ୍ୟ । ମ୍ୟାଡ଼ାମ ମୋତେ ଗାଳି ଦେଲେନି । ତା ପରଦିନ ସିଡ଼ିରୁ ଓ୍ଲ୍ହାଉଥିବା ସମୟରେ ମୋତେ ଦେଖି ମ୍ୟାଡ଼ାମ କହିଲେ, ' ଆରେ ଲକ୍ଷ୍ମୀ, କାଲି ସାନ୍ଧ୍ୟରେ କିଏ ସିଡି ଘର ଉପରେ ଚଢ଼ିଥିଲା ଡାକ ତ ତାକୁ ।' ମୁଁ ଡରିକି କହିଲି ମ୍ୟାଡ଼ାମ ମୁଁ ଥିଲି । କହିଲେ, ' କାଲି ଡ଼ାକିଥିଲି ଆସିଲନି କାହିଁକି ?' ମୁଁ କହିଲି, 'ଆସିଥିଲି ନା ମ୍ୟାଡ଼ାମ ଆପଣ ମୋତେ ମ୍ୟାଗାଜିନ କଥା କହି ପଠେଇଦେଲେ ।' ସେ ତାଙ୍କର ଚିର ପରିଚିତ ମୁହଁକୁ ମୋଡି ହୁଁ କହି ହସିଦେଲେ କେବଳ ।

ଖାଇବା ଭଲ ନହେଲେ ଅନେକ ଥର ପିଲାମାନେ ହଙ୍ଗର ଷ୍ଟ୍ରାଇକ କରନ୍ତି । ମ୍ୟାଡ଼ାମ ମଜାକିଅ ଅନ୍ଦାଜରେ ପିଲାଙ୍କୁ ବୁଝେଇ ଷ୍ଟ୍ରାଇକ ଭାଙ୍ଗନ୍ତି । ଥରେ ବିନା ଇନଫର୍ମ କରି ଆମେ ଷ୍ଟ୍ରାଇକ କଲୁ । ଶହେରୁ ଅଧିକ ପିଲାଙ୍କ ଖାଇବା ସକାଳେ, ସନ୍ଧ୍ୟାରେ ରୋଷେଇ ହେଇ ଫୋପଡ଼ା ହେଲା । ପିଲା ବାହାରୁ ମଗେଇକି ଖାଉଥିଲେ ତିନିଦିନ ଧରି । ଶେଷରେ ମ୍ୟାଡ଼ାମ ହଷ୍ଟେଲ ଗ୍ରିଲ ତାଲା ପକେଇଦେଲେ । ବାହାରକୁ ଯିବା ବନ୍ଦ । ଯେହେତୁ ଆମେ ତାଙ୍କୁ ଆଗରୁ ଇନଫର୍ମ କରି ନଥିଲୁ ଷ୍ଟ୍ରାଇକ କରିବୁ ବୋଲି ସେ ମଧ ଆମକୁ ଡାକିଲେନି । ପିଲା ପାଖ ଦୋକାନରୁ ଝରକା ବାଟେ ଖାଇବା ମଗେଇ ଖାଉଥିଲେ । ମ୍ୟାଡ଼ାମ ଜାଣିଲେ କିଛି କହିଲେନି । ଯେତେବେଳେ ଜାଣିବାକୁ ପାଇଲୁ ମ୍ୟାଡ଼ାମ ମଧ ତିନି ଦିନ ହେଲାଣି ଖାଇ ନାହାଁନ୍ତି । ଶେଷରେ ବିନା ସର୍ତ୍ତରେ ଷ୍ଟ୍ରାଇକ ଭାଙ୍ଗି ଆମେ ଭୁଲ ମାଗିଥିଲୁ । ଏ ଥିଲା ଗୁରୁ ଶିଷ୍ୟଙ୍କ ସମ୍ପର୍କ । ଶହେ ପିଲାଙ୍କୁ ସେ ଝୁଂକେଇ ଦେଇଥିଲେ ତାଙ୍କ ଅନାବିଳ ମମତାରେ । ବିନା ବାକ୍ୟବ୍ୟୟରେ ।

ଦି ପହରେ ଅନେକ ସମୟରେ ଅଧିକାଂଶ ପିଲା ବାହାରୁ ଗୁପ୍ପୁପ ମଗାନ୍ତି ଶାନ୍ତି ଅପା, କସ୍ତୁରୀ ଅପା,ସରୋଜିନୀ ଅପାଙ୍କୁ ପଇସା ଦେଇ । ସାଙ୍ଗରେ ଗୁପ୍ପୁପ ପାଣି ପାଇଁ ଗୋଟେ ଦି ଟା ପାଣି ଜଗ । ସାଙ୍ଗରେ ଦୋସା, ଚାଟ ଆଦି ବି ଥାଏ । ଫେରନ୍ତି ରାସ୍ତାରେ ସେମାନଙ୍କ ସହ ଭେଟ ହେଇଗଲେ ସେମାନଙ୍କ ହାତରୁ ଗୁପଚୁପ ପାଣି ଜଗ ମ୍ୟାଡ଼ାମ ଧରି ଆଣନ୍ତି ।

ମ୍ୟାଡ଼ାମଙ୍କ ଝିଆରୀ ସୁଜାତା ମୋ ରୁମମେଟ୍ ଥିଲା । ରାତିରେ ରୁଟି ହେବା ଦିନ ପ୍ରାୟ ଆମ ରୁମ ପିଲା ପଖାଳ ଖାନ୍ତି । ଭାତ ଆଣି ରୁମରେ ଖାଇବା ଶକ୍ତ ମନା । ଦି ପହରେ ଡାଇନିଂ ହଲ୍ରୁ ପାଣି ଭରିବା ବାହାନାରେ ପାଣି ଜଗରେ ଭାତ ଭରି ଆଣୁ ଆମେ ରାତି ପାଇଁ । ମ୍ୟାଡ଼ାମ ନଥିବା ସମୟରେ ସୁଜାତା ତାଙ୍କ ରୁମରୁ ଆଳୁ ଶିଝେଇ ଆଣେ । ଭିତରୁ କବାଟ ବନ୍ଦ କରି ଆମେ ଖାଉ । ଆମେ ଭାବୁ କେହି ଜାଣି ପାରୁନାହାଁନ୍ତି । ଦିନେ ମୁଁ ଜଗରେ ଭାତ ଭରି ନେଇକି ଆସିଲା ବେଳକୁ ମ୍ୟାଡ଼ାମଙ୍କ ସହ ଭେଟ ହେଲା ବାରଣ୍ଡାରେ । ମୁଁ ଟିକେ ଡରିଲେ ମଧ କନ୍‌ଫିଡେଣ୍ଟଲି ନମସ୍କାର କରି ତାଙ୍କୁ କ୍ରସ କରିଗଲି । ସେ ମୋତେ ପଛରୁ ଡାକି କହିଲେ, 'ଲକ୍ଷ୍ମୀ, ଆଜି ମୋତେ ପଖାଳ ଖାଇବାକୁ ଇଛା ହେଉଛି । ଟିକେ ଆଳୁ ଚକଟା ପଠେଇବ ତ ।' ଏବେ ଭାବିଲେ ଖୁବ ଖୁସି ଲାଗୁଛି । କିନ୍ତୁ ସେଦିନ ମୁଁ ଗୋଟା ସୁଖା ଥରି ଥରି ଖାଲେଇ ଯାଇଥିଲି । ଏ ଥିଲା ମମତ୍ୱ ସହ ପିଲାଙ୍କ ପ୍ରତି ତୀକ୍ଷ୍ଣ ନଜର ।

ଶୈଳବାଳା ପୁରାତନ ଛାତ୍ରୀ ନିବାସର ଏଗାର ନମ୍ବର ରୁମ । ହାମୁଡେଇ ପଡ଼ିଥିଲେ ଝରକା ପାଖରେ ମଙ୍ଗଳିକା, ମିନୁ, ଜୟନ୍ତୀ, ଆଉ ସୁଜାତା । ମାମି ଯାଇ ଡାକି ଆଣିଲା ପାଖ ରୁମରୁ ନିବେଦିତା, ଲିନା, ମଧୁସ୍ମିତା ଆଉ କସ୍ତୁରିକାଙ୍କୁ । ତନୁ ଦେଖିଦେଇ ଆସି ବସିଲା ନିଜ ବେଡ଼ରେ । ଜଲ୍ଲି ଉଠିଲାନି ମୋଟେ ନିଜ ପଢା ଟେବୁଲରୁ ପାଖରୁ । ମୁଁ ବି ।

ଆମେ ଫାଷ୍ଟ ଇୟରରେ ତଳ ରୁମରେ ଥିଲାବେଳେ ସେକେଣ୍ଡ ଫ୍ଲୋରର ଏଗାର ନମ୍ବର ରୁମରୁ ମଝିରେ ମଝିରେ 'ହୋ' ହେଇ ପାଟି ଶୁଭେ ଅପାମାନଙ୍କର । ଆମେ ବୁଝୁନା । ଏବେ ସେକେଣ୍ଡ ଇୟରରେ ଆମକୁ ଏଇ ରୁମ ଅଲଟ ହେଇଛି । ଏଇ ରୁମର ଝର୍କାରୁ ଦିଶେ ପଡିଶା ଘର । ତାଙ୍କ ବାରଣ୍ଡା । ଆଉ ବାହାରେ ତିନିପଟ ଆଜବେଷ୍ଟ ଘେରେଇ କବାଟ ଜାଗାରେ ଅଖାଟିଏ ଟାଣି କରାଯାଇଥିବା ବାଥରୁମ । ଉପରଟି ସମ୍ପୂର୍ଣ୍ଣ ଉନ୍ମୁକ୍ତ । ସେଠି ଗାଧାନ୍ତି ଘରର ଝିଅମାନେ । କିଏ ସାୟାଟିଏ ପିନ୍ଧି ତ କିଏ ସ୍କଟିଟିଏ ଉପରକୁ ଟାଣି । ଆମେ ଦେଖୁ ଆଉ ନ ଦେଖିଲା ପରି ନିଜ ନିଜ ପାଠ ପଢ଼ାରେ ବ୍ୟସ୍ତ ଥାଉ । ହେଲେ ଅପାମାନେ ସବୁ ଦିନ କାହିଁ ହାଲ୍ଲା କରୁଥିଲେ ବୁଝିପାରୁନା ।

ଦିନେ ମଙ୍ଗଳିକା ଦେଖିଲା ଆମେ କ୍ଲାସ ଯାଇଥିବା ବେଳେ । ତା' ପରଦିନ ସମସ୍ତେ ସେଇ ନିର୍ଦ୍ଦିଷ୍ଟ ସମୟରେ ଝର୍କା ପାଖରେ ଠୁଳ । ମଙ୍ଗଳିକା ଶୁଣାଉଥିଲା ଧାରା ବିବରଣୀ, 'ଏଇ ଦେଖ ଦେଖ ଏବେ ଆଜବେଷ୍ଟ ଉପରେ ରଖିଲା ସେ ତାର ଶାଢ଼ୀ । ହେ, ହେ, ସେତିକି ଥାଉ । ଆଉ ଖୋଲ ନା କିଛି ।' ଝର୍କା ପାଖରେ ନ ଟି ମୁଣ୍ଡ । ମୁଁ ଝର୍କା ପାଖ ମୋ ବେଡ୍ ଉପରେ ଠିଆ ହେଇଗଲି । ତଳେ ସେ ବାଥରୁମରେ ଗାଧୋଉଥିଲା ବସ୍ତ୍ର ରହିତ ବିବାହ ବୟସ ଅତିକ୍ରାନ୍ତ ଯୁବତୀଟିଏ । ସେଇ ସମୟରେ କେହିଜଣେ ହସି ଉଠିଲା । ଯୁବତୀଟି ଉପରକୁ ଅନେଇଲା । ମୋ ଆଖିରେ ତା ଆଖି ମିଶିଲା । ଆମକୁ ଦେଖି ସେଇ ଅବସ୍ଥାରେ ସେ ଚିତ୍କାର କଲା 'ରୁହ ରୁହ ତମ ମ୍ୟାଡାମଙ୍କୁ କହୁଛି ରୁହ ।'

ଆମେସବୁ ସେଠୁ ଛତ୍ରଭଙ୍ଗ ଦେଲୁ । ଠିକ ଦଶ କି ପନ୍ଦର ମିନିଟ ପରେ ହଷ୍ଟେଲ ମାଉସୀ ଆସି କହିଲେ, ମ୍ୟାଡାମ ଡାକୁଛନ୍ତି । ଆମ ନାଁ ରେ କମ୍ପ୍ଲେନ ଆସିଛି । ଆମେ ସବୁ ଡରି ଛାନିଆ । ଆମେ ବାହାରିଛୁ ମାଉସୀ କହିଲେ ଆଲୋ ସେମିତି ନୁହେଁ, ସମସ୍ତେ ପିନ୍ଧିଥିବା ଡ୍ରେସ ବଦଳେଇ ଦିଅ । ଏବେ ଏବେ ନିଦରୁ ଉଠିଥିବାର ଅଭିନୟ କରି ଯାଅ । ଆମେ ସମସ୍ତେ ଗଲୁ । ମୁଁ ଆଗରେ । ସ୍ତ୍ରୀ ଲୋକଟି ସେତେବେଳକୁ ଭଲ ଗୋଟେ କଟନ ଶାଢ଼ୀ ପିନ୍ଧି ପୋନି କରି ଆସି ମ୍ୟାଡାମଙ୍କ ଅଫିସରେ ପାଟି କରୁଥାଏ । ମୋତେ ଦେଖିଦେଇ ସେ କହିଲା, ' ଏଇ ଝିଅ ତ । ଏଇ ଝିଅ ଦେଖୁଥିଲା ମୋତେ ।' ମ୍ୟାଡାମ ବାକିମାନଙ୍କୁ ଆଖିର ଇସାରାରେ ଠାରିଦେଲେ ୱାପସ ଯିବାକୁ । ମ୍ୟାଡାମ କହିଲେ, ' ନା, ନା ଏ ତ ବହୁତ ଭଲ ଝିଅ । ବହୁତ ଭଦ୍ର ଆଉ ଶାନ୍ତ ।' ସେ କହିଲା, 'ନା ଏଇ ଝିଅ । ମୁଁ ଦେଖିଛି ।' ମ୍ୟାଡାମ କହିଲେ,' ଏବେ ଏବେ ଆପଣ କହୁଥିଲେ ସେ ନାଲି ଡ୍ରେସ ପିନ୍ଧିଥିଲା, ଦି ଟା ବେଣୀ କରିଥିଲା । ଆଉ ତ ବାଳ ଖୋଲା, ଡ୍ରେସ ବି ନୀଳ ପିନ୍ଧିଛି । ଦେଖୁ ନାହାଁନ୍ତି ଏବେ ଏବେ ଶୋଇକି ଉଠିଛି ।'

ସେ କିନ୍ତୁ ତା ଜିଦରେ ଅଟଳ ଥିଲା । ମ୍ୟାଡାମ ତାଙ୍କୁ ଆଉ ଏମିତି କେବେ ହେବନି ଓ ଝରକାରେ ପେପର ଦେଇ ବନ୍ଦ କରିବାର ପ୍ରତିଶ୍ରୁତି ଦେଇ ବିଦା କଲେ । ସେ ଆଶ୍ୱସ୍ତ ହେଇ ଫେରିଗଲା । ମୁଁ ଫେରି ଆସିଲା ବେଳକୁ ମାଡାମ ମୋତେ ପଛରୁ ଡାକି ପଚାରିଲେ, ' ଲକ୍ଷ୍ମୀ, ସେ କେମିତି ଗାଧୋଉଥିଲା ?' ମୁଁ ପଛକୁ ଫେରି ମ୍ୟାଡାମଙ୍କୁ ଅନେଇଲି । ମ୍ୟାଡାମଙ୍କ ମୁହଁରେ ସ୍ମିତ ହାସ୍ୟ ଥିଲା । ମୁଁ ହସିଦେଇ ଲାଜରେ ଫେରି ଆସିଲି । ତା ପରଦିନ କୃଷ୍ଣ ନାନା ଖବର କାଗଜ ମାରି ରସି ବାନ୍ଧି ଆମ ଝରକା ବନ୍ଦ କରିଦେଇଥିଲା ।

ହଷ୍ଟେଲ ଛାଡିବାର ଅନେକ ବର୍ଷ ପରେ ପୁଣି ଥରେ ଯାଇଥିଲି ହଷ୍ଟେଲ । ମ୍ୟାଡ଼ାମଙ୍କୁ ଦେଖାକଲି । ଫେରିଲା ବେଳକୁ ନିଜ ଡ୍ରୟରରୁ ନିଜ ଫୋଟଟିଏ ବାହାର କରି ସେଥିରେ ମୋ ନାଁ ସହ ଦସ୍ତଖତ କରି ମୋତେ ବଢ଼େଇ ଦେଉ ଦେଉ କହିଲେ, ' ଲକ୍ଷ୍ମୀ ଅନେକ ପିଲା ଆସନ୍ତି ଯାନ୍ତି । କିଛି ପିଲା ମନେ ରହିଯାନ୍ତି । ସେମାନଙ୍କୁ ଏଇଠି ବସି ବସି ମୁଁ ଖୋଜେ । ନିଅ ଏ ଫୋଟଟି ରଖିଥାଅ । କେତେବେଳେ ଇଚ୍ଛା ହେଲେ ଦେଖିବ ।' ମୋ ଆଖି ଜକେଇ ଆସିଲା । ଆଶ୍ଚର୍ଯ୍ୟ ଲାଗିଲା ଏତେ ବର୍ଷ ପରେବି ମୋ ନାଁ ମନେରଖିଛନ୍ତି ମ୍ୟାଡ଼ାମ । ମୋ ଭଳି ଅନେକ ପିଲାଙ୍କୁ ନୀରବରେ ଖୋଜିବା ଭିତରେ କେତେ କଷ୍ଟ ନ ପାଉଥିବେ ସତରେ ସେ ।

ବରୋଦା, ଗୁଜରାଟ
(ମୋ) ୭୪୯୦୯୯୬୮୬୫

## ଦଶାହ ଉପଲକ୍ଷେ

### ପ୍ରଣତି ମୋ ନେବ

**ଭରତ ଚନ୍ଦ୍ର ଦାଶ**

ନିରବରେ ପରିପୂର୍ଣ୍ଣତା
ହାସଲ କରିବାର କଳା
ତୁମକୁ ବେଶ୍ ଜଣାଥିଲା
ହସ ହସ ମୁହଁ
ଅନ୍ୟକୁ ଶୁଣିବାର ନିଆରାପଣ
ନବୀନରେ ପ୍ରବୀଣତାର
ସମ୍ଭାବନା ଦେଖିପାର ତୁମେ
ବଡ ଭଉଣୀର ଭୂମିକାକୁ
କିପରି ଲିଭାଇବାକୁ ହେବ
ସାନମାନଙ୍କୁ ହାତ ଧରି
ଲେଖନୀକୁ ସଳଖିଧରିବା
ଶିଖାଇଥିଲେ ତୁମେ
ତୁମେ ମହାଦେଇରୁ ପାଟଦେଇ ହେଲ।

ସାଧାରଣରେ ତୁମେ ଖୋଜୁଥିଲ
ଚରିତ୍ରମାନଙ୍କୁ ଅବା ଚରିତ୍ରମାନେ
ତୁମ ସହ ଗୋପନରେ ସନ୍ଧି କରୁଥିଲେ
ଅମରତ୍ୱ ଲଭିବା ପାଇଁ
ସେମାନେ ଆପଣାଛାଏଁ
ପଡିଥିଲେ ତୁମ ପ୍ରେମରେ ।
କଥା ସାହିତ୍ୟରେ କଥା ହେଉଥିଲ
ଚେତନରେ ଅବା ଅବଚେତନରେ।

କବିତା ଥିଲା ତୁମ ଜୀବନର ପ୍ରେମ
କିପରି ଭୁଲିଲ କବିତାକୁ
ପ୍ରଥମ ପ୍ରେମକୁ ଗଳ୍ପକୁ ତ ତୁମେ
ପରକୀୟାର ସିନ୍ଦୁ ପିନ୍ଧାଇଲ
ଶହ ଶହ କବିତା ହଜିଗଲା
ପାଟଦେଇର ଲାଲ ଓଢଣୀ ତଳେ
କଥା ସାହିତ୍ୟ ହିଁ ସାଧନାର ସିଦ୍ଧିରେ
ଆଣିଦେଲା ପ୍ରସିଦ୍ଧି ଖ୍ୟାତି ଓ ସୁଖ୍ୟାତିରେ
ବିଜୟ ବୈଜୟନ୍ତୀ ଉଡାଇଲ
ନାରୀର ଅକଳ୍ପନୀୟ
ଅଦମନୀୟ ଶକ୍ତିର ପରାକାଷ୍ଠା
ଅସମ୍ଭବକୁ ସମ୍ୟକ ସମ୍ଭାବନା
ସୃଷ୍ଟିର ବୀଜମନ୍ତ୍ର ହିଁ ତ
ନାରୀ ପ୍ରକୃତିର ଆଦ୍ୟଶକ୍ତି
ପ୍ରଣବର ଆଦ୍ୟ ଉଚ୍ଚାରଣ ।

ବୀଣା ଅପା, ଏକ ଶ୍ରଦ୍ଧାଶୀଳ ଡାକ
କାଳର ଅପ୍ରତିହତ ପ୍ରବାହରେ
ଯାହା ଆଜି ନିଷ୍ପନ୍ଦ ନିର୍ବାକ ।

କେମିତି ଭୁଲିବୁ କୁହ
ଭୁଲି କିବା ହେବ
ଦୂରେ ବହୁଦୂରେ
ଥାଇ ସରଗରେ ଅପା ପ୍ରଣତି ମୋ ନେବ ।

● ସଦସ୍ୟ, ଓଡିଶା ସାହିତ୍ୟ ଏକାଡେମୀ
ମାର୍କୋଣା, ବାଲେଶ୍ୱର –୭୫୬ ୧୨୬

### ଥିଲ ତୁମେ ପୁରୋଧା

**ସଂଯୁକ୍ତା ବିଶ୍ୱାଳ**

ଓଡ଼ିଆ ସାହିତ୍ୟ ପଟ୍ଟଭୂମିରେ
ତୁମରି ସୃଷ୍ଟି ପାଟଦେଇ
ପିନ୍ଧାଇ ଥିଲା ପାଟ
ପ୍ରତି ଓଡ଼ିଆର ମସ୍ତକେ
ମୋ ପାଶେ ଭାଷା ନାହିଁ
ତୁମପରି ଅନନ୍ୟା
ପ୍ରତିଭାମୟୀଙ୍କ ପାଇଁ
ଦଳିତ, ନିଷ୍ପେସିତଙ୍କ
ହୃଦୟର ବ୍ୟଥାକୁ
ବଖାଣୁଥିଲ ତୁମ ଗାଥାରେ
ଥିଲ ତୁମେ ଦୂର ଦ୍ରଷ୍ଟା
ଭରୁଥିଲ ସଂଜୀବନୀ ସୁଧା ।

ଜୀବନ ପ୍ରତି ଥିଲା
ସୂକ୍ଷ୍ମ ପର୍ଯ୍ୟବେକ୍ଷଣ,
ଗଳ୍ପ, ନାଟକ,
ଉପନ୍ୟାସ ମାଧ୍ୟମେ ସୃଷ୍ଟି
କରୁଥିଲ ସକାରାତ୍ମକ ଦୃଷ୍ଟିକୋଣ
ସାହିତ୍ୟକାଶେ ଥିଲ
ଏକ ଉଜ୍ଜଳ ତାରକା
ଅନ୍ତକାଳେ ଥମିଗଲା ଏ ସାରା ଧରା
ନାମ ଥିଲା ବୀଣାପାଣି
ମା ସରସ୍ୱତୀଙ୍କ ସୁପୁତ୍ରୀ
ନୂତନ ପିଢ଼ି ପାଇଁ
ଗଢିଥିଲ ଲେଖିକା ସାହିତ୍ୟ ସଂସଦ
ତୁମ ପ୍ରତିଭା ସମ୍ମୁଖେ
ମୁଣ୍ଡ ନୁଁଆଉଥିଲା ପୁରସ୍କାର
ଅପାଠୁଆ ନାରୀକୁ
କରୁଥିଲ ସଚେତନ
ଦେଇ ଉଦବୋଧନ
ହାତ ଧରି ବତାଉଥିଲ
ଜୀବନକୁ ବଂଚିବାର ସୋପାନ ।

● ତେଲେଙ୍ଗା ସାହି
(ମୋ)୭୯୭୮୧୯୦୩୩୬



### ମହିୟସୀ ବୀଣାପାଣି

**ଡ଼ଃ ରତ୍ନାକର ସିଂହ**

ଶ୍ରଦ୍ଧାର ଅଞ୍ଜଳି ଅର୍ପଣ କରଇ
ମନର କୋହକୁ ଚାପି
ଶରୀରର ଦ୍ରୋହ କରି ପରିଗ୍ରହ
ମୋକ୍ଷ ସ୍ତୁତି କରେ ପୁଣି ।
ହରିଛ ଭରମ କରମ ଧରମ
ବ୍ୟାଜସ୍ତୁତି କରେ ମୁହିଁ
ତୁମେ ପାରାବାର କଥା ଦୁନିଆର
ସତ୍ୟ ଶିବ ବୀଣାପାଣି ।
ନିର୍ମଳ ବିଶ୍ୱାସ ସାହିତ୍ୟ ଆକାଶ
ଧ୍ରୁବତାରା ଧ୍ରୁବଜ୍ୟୋତି
ତୁମରି ଜାଜ୍ୱଲ୍ୟ ଏ ସ୍ୟାହି କଲମ
ଜପୁଛି ଗଣ୍ଠୁଳି ମାଳି ।
ଅନୁକ୍ଷଣେ ତୁମ ମହତ ମରମ
ପ୍ରତିଶ୍ରୁତି ଦିଏ ଭରି
ନିସ୍ପୃହ କାମନା ମହତ ବାସନା
ସବୁ ଦୁଃଖ ଦିଏ ଧୋଇ ।
ମର ସିନା ଏହି ନର କଳେବର
ଅମର ଲେଖନୀ ଗାର
'ପାଟଦେଈ'ତୁମ ଅର୍ଜିଛି ସୁନାମ
ଲଭି ଏକାଡେମୀ ପୁରସ୍କାର ।
'ଗୋଟାଏ ରାତିର କାହାଣୀ', 'ବସ୍ତ୍ର ହରଣ'
'ଘାଟରୁ ନଈକୁ
ରାସ୍ତା' 'ଖେଳଘର' 'ଅନ୍ଧକାର'
'କୁନ୍ତି କୁନ୍ତଳା ଶକୁନ୍ତଳା' 'ଶୀତ'
'ମନସ୍ୱିନୀ' 'ଶୋଣିତ ପୁର'
'କ୍ରାନ୍ତି'ର ପଥେ 'କବି ବିଦ୍ୟୁତ ଲତା'
ମନ ମନକୁ ଆଣିଲ 'ବିତିଯାଇଥିବା ଦିନ' ।
କରୁଣାର ତୁମେ ନାରୀ ମହିୟସୀ
ନାନା ସୃଷ୍ଟିର ଦିବ୍ୟ ଜନନୀ
ନାହିଁ ନଥିବା ତୁମ ଶରୀର ପାଦପ
ପବିତ୍ର ସେ ଧାମ ନୀଳମଣି ।
ଞଞଞଞଞଞଞଞ

● ଅଧକ୍ଷ, ବଲାଙ୍ଗୀ ଡ଼ିଗ୍ରୀ ମହାବିଦ୍ୟାଳୟ
ସୁନହଟ ବାଲେଶ୍ୱର
ମୋ:–୯୮୬୧୬୫୯୭୭୪

### ଚାଲିଗଲ ଛାଡି ....

**ତୃପ୍ତିରାଣୀ ପାତ୍ର**

ସାହିତ୍ୟାକାଶର ମହାଦ୍ରୁମ ତୁମେ
ତୁମେ ଯଶୋବନ୍ତୀ ନାରୀ
ପ୍ରେରଣାର ଉତ୍ସ ହୋଇ ନାରୀପ୍ରାଣେ
କିପରି ଯିବୁ ପାଶୋରି ।

ଯେ ବର୍ଷେ ସ୍ୱତନ୍ତ୍ର ଉତ୍କଳ ପ୍ରଦେଶ
ଲଭିଲା ମାନ୍ୟତା ଆମ
ଉଣେଇଶି ଶହ ଛତିଶି ବରଷ
ସେ ବର୍ଷେ ସମ୍ଭୂତ ତୁମ ।

ବ୍ରହ୍ମପୁରେ ତୁମ ହୋଇଲ ସମ୍ଭୂତ
ପିତାଗ୍ରାମ ଚାନ୍ଦୋଳରେ
ଜୀବନ କବିତା ସୃଜନ ପ୍ରଥମ
କବିତା ସଂକଳନରେ ।

ଅର୍ଥନୀତିରେ ସ୍ନାତକୋତ୍ତର ସାରି
ଅଧ୍ୟାପିକା କର୍ମ ଲାଭ
ଉଣେଇଶି ଶହ ଷାଠିଏ ସାଲରେ
ଅଧାପନା କାର୍ଯ୍ୟାରମ୍ଭ ।

ତନ୍ଦ୍ରାହତ ତୁମ କରିଲା ଚକିତ
ନାରୀ ମହଲେ ପ୍ରକାଶ
ଗୋଟିଏ ରାତ୍ରିର କାହାଣୀ ଗଳପ
ପ୍ରଜାତନ୍ତ୍ରରେ ପ୍ରକାଶ ।

ଉଣେଇଶ ଏକଷଠି ମସିହାର
ନାଉଗଛ ଲେଖିଥିଲେ
କୁନ୍ତଳା କୁମାରୀ ମହାବିଦ୍ୟାଳୟ
ଅଧାପନା ବାଲେଶ୍ୱରେ ।

ପାଠକୀୟ ସ୍ୱୀକୃତି ଲଭି ଆନନ୍ଦ
ଗଳ୍ପ ଲେଖାରେ ଆଗ୍ରହୀ
ଚଳନ୍ତି ଜୀବନ ସତସତିକାର
ଘଟଣା ବର୍ଣ୍ଣନାକାରୀ ।

ଆପେ ମାଡିଥିବା ନାଉଗଛଟିର
ଗଳ୍ପ ଲେଖାର ପ୍ରେରଣା
ପାଟଦେଇ ଗଳ୍ପ ଭୁବନେଶ୍ୱରର
ଘଟିବା ସତ୍ୟ ଘଟଣା ।

● ବାଲେଶ୍ୱର

## ଅଫେରା ରାଇଜ ରେ ପ୍ରଥିତଯଶା ସହିତ୍ୟିକା 'ବୀଣାପାଣି ମହାନ୍ତି'

**ପ୍ରତାପ ଚନ୍ଦ୍ର ସାହୁ**

ଓଡ଼ିଆ ଭାଷା ସାହିତ୍ୟର ପ୍ରଥିତଯଶା ଗଳ୍ପିକା ବୀଣାପାଣି ମହାନ୍ତି ୧୯୩୬ ମସିହା ନଭେମ୍ବର ମାସ ୧୧ ତାରିଖରେ କେନ୍ଦ୍ରାପଡା ଜିଲ୍ଲାର ଚାନ୍ଦୋଳ ରେ ପିତା ଚତୁର୍ଭୁଜ ମହାନ୍ତି ଓ ମାତା କୁମୁଦିନୀ ମହାନ୍ତି ଙ୍କ ଔରସରୁ ଜନ୍ମ ଗ୍ରହଣ କରିଥିଲେ। ୧୯୫୩ ମସିହାରେ ମାଟ୍ରିକ କଲା ପରେ ୧୯୫୭ରେ ବି ଏ ପାସ କରିଥିଲେ। ୧୯୫୯ ମସିହାରେ ରେଭେନ୍ସା କଲେଜରୁ ଅର୍ଥନୀତିରେ ଏମ ଏ ପାସ କରିଥିଲେ। ତାଙ୍କର ସହିତ୍ୟିକ ଜୀବନ ଜଣେ ଷ୍ଟୋରି ଟେଲେର୍ ଭାବେ ଆରମ୍ଭ ହୋଇଥିଲା। ସେ ଅର୍ଥନୀତି ବିଭାଗରେ ଅଧାପକ ଭାବେ କାର୍ଯ୍ୟ ଆରମ୍ଭ କଲେ। ଶୈଳବାଳା କଲେଜରୁ ୧୯୯୨ରେ ଚାକିରୀରୁ ଅବସର ନେଇଥିଲେ। କବିତା ଲେଖାରୁ ତାଙ୍କର ସହିତ୍ୟିକ ଜୀବନ ଆରମ୍ଭ ହୋଇଥିଲା ବୋଲି କୁହାଯାଏ। ପରବର୍ତ୍ତି ସମୟରେ ଗଳ୍ପ ଓ ଉପନ୍ୟାସକୁ ଆବୋରି ନେଇଥିଲେ। ୧୯୫୫ ରେ ତାଙ୍କର ପ୍ରଥମ କବିତା 'ତନ୍ଦ୍ରାହତ' ପ୍ରଜତନ୍ତ୍ର ନାରୀମହଲରେ ପ୍ରକାଶିତ ହୋଇଥିଲା। ୧୯୫୭ ରେ ତାଙ୍କର ପ୍ରଥମ ଗଳ୍ପ 'ଗୋଟିଏ ରାତ୍ରିର କାହାଣୀ' ରବି ବାସରୀୟ ପ୍ରଜାତନ୍ତ୍ରରେ ପ୍ରକାଶ ହୋଇଥିଲା।୧୯୬୧ ରେ ତାଙ୍କର ଅନ୍ୟ ଏକ ଗଳ୍ପ 'ନାଉ ଗଛ' ତାଙ୍କୁ ବହୁ ପାଠକୀୟ ସ୍ୱୀକୃତି ଦେଇଥିଲା। ତା ପରେ ସେ କବିତା ଛାଡି ସମ୍ପୂର୍ଣ୍ଣ ଭାବେ ଗଳ୍ପ ଲେଖିବାକୁ ମନସ୍ଥ କଲେ। ଚଳନ୍ତି ଜୀବନରୁ ସତସତିକା ଘଟଣାକୁ ସାଉଁଟି ନେଇ ଓ ତାହାକୁ ଗଳ୍ପ ରୂପ ଦେଇ ଥାନ୍ତି ବୀଣାପାଣି ମହାନ୍ତି। 'ନାଉ ଗଛ' ଗଳ୍ପ ଟି ବାଲେଶ୍ୱର କୁନ୍ତଳା କୁମାରୀ ମହାବିଦ୍ୟାଳୟରେ ଅଧପନା ସମୟରେ ସେ ଲେଖିଥିଲେ। କଲେଜ ପରିସରରେ ଆପେ ଆପେ ମାଡି ଥିବା ଏକ ନାଉ ଗଛକୁ ନେଇ ଏ ଗଳ୍ପର ସଂରଚନା। ଗଳ୍ପ ପଛର ପ୍ରେରଣା ହେଉଛି ସେ ଅନାବନା ଭାବେ ମାଡି ଯାଇଥିବା ନାଉ ଗଛଟି। ସେହିପରି ଭାବେ ତାଙ୍କ ଦ୍ୱାରା ରଚିତ ଗଳ୍ପ 'ପାଟଦେଇ' ମଧ ଭୁବନେଶ୍ୱର ରସୁଲ୍ ଗଡ଼ ଛକରେ ବସ୍‌ରେ ଜୋର କରି ଠେଲି ବସା ଯାଇଥିବା ଏକ ଝିଅକୁ ଦେଖି ଲେଖା ଯାଇଛି ।

ବୀଣାପାଣି ମହାନ୍ତିଙ୍କ ରଚନା ବଳି ମଧରେ କସ୍ତୁରୀ ମୃଗ ଓ ସବୁଜ ଅରଣ୍ୟ, ପାଟଦେଇ, ବସ୍ତ୍ରହରଣ, ଆରୋହନ, ଇଣ୍ଟରଭିଉ, ଏକାକୀ ପରାଶର, ନବ ତରଙ୍ଗ, ଅନ୍ଧକାରର ଛାଇ, ମଧାନ୍ତ, ବହ୍ନି ବଳୟ, ଉତ୍ତରୟାଣ,ସାୟହ୍ନର ସ୍ୱର, ତଟିନୀର ତୃଷ୍ଣା, କାଳାନ୍ତ, ଜନ୍ମାନ୍ତ, ଅଶ୍ରୁ ଅନଳ, ଶକୁନିର ଚକା, ଅପହଞ୍ଚ ଆକାଶ, ପାଚେରି ସେ ପଟେ ନଈ, ଖେଳ ଚାଲିଛି, ଦୃଶ୍ୟାନ୍ତ, ଖେଳନା, ଚରିତ୍ରର ହସ୍ତୁଚି ଆଦି ଗଳ୍ପ ରହି ଥିବାବେଳେ ଉପନ୍ୟାସ ମଧରେ ସୀତାର୍ ସୋନିତ, ମନସ୍ୱିନୀ, କୁନ୍ତୀ କୁନ୍ତଳା ଶକୁନ୍ତଳା, ଆତ୍ମଜୀବନି ମଧରେ ବିତି ଯାଇଥିବା ଦିନ କବି ବିଦ୍ୟୁତ ପ୍ରଭା ଦେବୀ ପ୍ରମୁଖ ସ୍ୱୀକୃତି ଲାଭ କରି ସାରିଛି। ସାହିତ୍ୟ କୃତି ନିମନ୍ତେ ସର୍ବୋଚ୍ଚ ବେସାମରିକ ସମ୍ମାନ ପଦ୍ମ ଶ୍ରୀ ସମ୍ମାନ ୨୦୨୦ରେ ବୀଣାପାଣି ମହାନ୍ତି ପାଇଥିଲେ। ୧୯୯୦ରେ ସାହିତ୍ୟ ଏକାଡେମୀ ପୁରସ୍କାର ପାଇଥିଲେ, ୧୯୬୧ରେ ଝଙ୍କାର ପୁରସ୍କାର, ୧୯୬୮ରେ କ୍ଷୁଦ୍ରଗଳ୍ପ କସ୍ତୁରୀ ମୃଗ ଓ ସବୁଜ ଅରଣ୍ୟ ପାଇଁ ଓଡିଶା ସାହିତ୍ୟ ଏକାଡେମୀ ପୁରସ୍କାର, ୧୯୯୦ ରେ କେନ୍ଦ୍ର ସାହିତ୍ୟ ଏକାଡେମୀ ପୁରସ୍କାର, ୨୦୦୨ରେ ସାହିତ୍ୟ ଭାରତୀ ସମ୍ମାନ, ଜୀବନ ରଙ୍ଗ ପୁରସ୍କାର, ସୁଚରିତା ପୁରସ୍କାର, ଗୋକର୍ଣ୍ଣିକା ପୁରସ୍କାର, କାଦମ୍ବିନୀ ପୁରସ୍କାର ଓ ଉତ୍ତର ଓଡିଶା ସାହିତ୍ୟ ସମ୍ମାନ ଆଦିରେ ଭୂଷିତ ହୋଇଛନ୍ତି। ବୀଣାପାଣି ମହାନ୍ତିଙ୍କ କ୍ଷୁଦ୍ର କାହାଣୀ ପଟ ଦେଇ ୧୯୮୭ ମସିହାରେ ଫେମିନା ନାମକ ଏକ ପତ୍ରିକାରେ ପ୍ରକାଶିତ ହୋଇଥିଲା 'ଲତା' ନାମରେ। ଏହା ଦୂରଦର୍ଶନରେ କସମ କସ୍ ଧାରାବାହିକ ନାଁରେ, ହିନ୍ଦୀ ନାଟକ ରୂପେ ପ୍ରସାରିତ୍ ହୋଇଥିଲା। ପରବର୍ତ୍ତୀ ସମୟରେ ଏହା ଇଂରେଜ , ତେଲୁଗୁ, ତାମିଲ, କନ୍ନଡ, ଉର୍ଦ୍ଦୁ, ବଙ୍ଗଳା, ମଲୟଲମ୍ ଏବଂ ରୁଷିୟ ଭାଷାରେ ଅନୁବାଦିତ କରାଯାଇଛି। ତାଙ୍କ ଲିଖିତ ଏକଙ୍କିକା 'କ୍ରାନ୍ତି' ପ୍ରସିଦ୍ଧି ଲାଭ କରି ପାରିଛି। ତାଙ୍କରି ଲେଖା ଗୁଡିକରେ ନାରୀ ଜୀବନର ସଂଘର୍ଷର କାହାଣୀ ଉପସ୍ଥାପନା କରାଯାଇ ଥିବାର ଦେଖାଯାଏ। ତାଙ୍କର କାଳଜୟୀ ରଚନା ନାରୀ ସଶକ୍ତିକରଣ ପାଇଁ ପ୍ରେରଣା ଯୋଗାଇବ ନିଶ୍ଚିତ ଭାବେ। ଓଡ଼ିଆ ସାରସ୍ୱତ ଜଗତ ପାଇଁ ତାଙ୍କର ବିୟୋଗ ଏକ ଅପୁରଣୀୟ ସ୍ଥାନ ସୃଷ୍ଟି କରିବ। ପୁରସ୍କାର ମଧରେ ବିଷୁବ ପୁରସ୍କାର, ଧରିତ୍ରୀ କ୍ଷୁଦ୍ର ଗଳ୍ପ ସମ୍ମାନ, ପ୍ରଜାତନ୍ତ୍ର ପ୍ରଚାର ସମିତି ପ୍ରଦତ୍ତ ପୁରସ୍କାର, ଅତିବଡ଼ି ଜଗନ୍ନାଥ ଦାସ ପୁରସ୍କାର, ସାରଳା ପୁରସ୍କାର ଆଦି ଉଲ୍ଲେଖ ଯୋଗ୍ୟ । ବୀଣାପାଣି ମହାନ୍ତି ସାହିତ୍ୟ ଆକାଶର ଏକ ଦୀପ୍ତିମନ୍ତ ନକ୍ଷତ୍ର ଥିଲେ। ତାଙ୍କର ବିୟୋଗ ଭାଷା ସାହିତ୍ୟ ଜଗତ ପାଇଁ ଅଶେଷ କ୍ଷତି ପହଞ୍ଚିଲା। ଓଡ଼ିଆ କବିତା, ଗଳ୍ପ, ଉପନ୍ୟାସ୍, ପ୍ରବନ୍ଧ, ଆତ୍ମଜୀବନି କ୍ଷେତ୍ର ପ୍ରତି ବୀଣାପାଣି ମହାନ୍ତିଙ୍କର ଅବଦାନ ଅତୁଳନୀୟ। ଜନମାନସ ମନରେ ସେ ସର୍ବଦା ସ୍ମରଣୀୟ ହୋଇ ରହିବେ।

ନବରଙ୍ଗପୁର
(ମୋ)୯୪୩୭୬୮୮୮୬୦

# ପ୍ରଣମ୍ୟ ବୀଣାପାଣି



ଆବିର୍ଭାବ : ନଭେମ୍ବର ୧୧, ୧୯୩୬
ତିରୋଧାନ : ଅପ୍ରେଲ ୨୪, ୨୦୨୨

## ଦଶାହ ଉପଲକ୍ଷେ

### ପାଟଦେଇ

**ସଂଗୀତା ବାରିକ**

'ପାଟଦେଇ' ତୁମେ ଫେରିଗଲା ପରେ
'ସବୁଜ ଅରଣ୍ୟ' ଫିକା,
'ଗୋଟିଏ ରାତ୍ରିର କାହାଣୀ' ଗଳ୍ପରେ
'ଚରିତ୍ର ହସୁଛ' ଏକା ।

'ପାଚେରୀ ସେପଟେ ନଇ' ପଠାଧାରେ
'ଅନ୍ଧକାରର ଛାଇ',
'ବସ୍ତ୍ର ହରଣ' 'ଦୃଶ୍ୟାନ୍ତର' ପରେ
'ଅଶ୍ରୁ ଅନଳ' ନଇ ।

'ତଟିନୀର ତୃଷ୍ଣା' 'ବହ୍ନି ବଳୟ'
ସୁରୂଯ 'ଉତ୍ତରାୟଣ',
କୁନ୍ତଳା କୁମାରୀ ମହାବିଦ୍ୟାଳୟେ
'ନାଉଗଛ' 'ଆରୋହଣ' ।

'ସୀତାର ଶୋଣିତ' 'ଖେଳନା' ସାଜିଛି
ଶୁଭେ 'ସାୟାହ୍ନର ସ୍ୱର',
'ଶକୁନିର ଚକା' ଦେଉଅଛି ଧୋକା
ରୁଦ୍ଧ 'ମନସ୍ୱିନୀ' ଦ୍ୱାର ।

'ନବ ତରଙ୍ଗ' ବିଚ୍ଛୁରି ଯାଉଛି
'ଅପହଞ୍ଚ ଆକାଶରେ',
'ବିତିଯାଇଥିବା ଦିନ' କାନ୍ଦୁଅଛି
ଲୁହ ଭିଜା ସ୍ମୃତି ଧାରେ ।

● ବାଲେଶ୍ୱର

## ଓଡ଼ିଆ ସାହିତ୍ୟ ଲେଖିକା ସଂସଦ ବୀଣାପାଣି ମହାନ୍ତି– ଏକ ସଂଯୋଗ

**ଡ. ସିନ୍ଧୁ ସେନ୍**

ସାହିତ୍ୟ ହିଁ ଜାତିର ଆଶା, ଆକାଙ୍‌କ୍ଷା ଓ ସଂସ୍କୃତିର ଭାଷା ଅଟେ । ଏହା ଅନ୍ତର୍ଚେତନାକୁ ଗଭୀର ଭାବେ ଉଦ୍‌ବେଳନ କରେ । ତେଣୁ ସାହିତ୍ୟରେ ସମ୍ମାନ ଯୁଗଯୁଗ ବ୍ୟାପୀ ରହିଥାଏ । ଆଉ ସାହିତ୍ୟ ଅନୁଷ୍ଠାନ, ଯାହା ସାହିତ୍ୟିକ ମାନଙ୍କର ହାତଗଢ଼ା, ତଥାପି ପ୍ରତିଟି ଅନୁଷ୍ଠାନ ପ୍ରେରଣାର ଉତ୍ସ । ସାହିତ୍ୟିକ ଓ ସାହିତ୍ୟ ଅନୁଷ୍ଠାନ ତେଣୁ ପରସ୍ପର ଓତଃପ୍ରୋତ ଭାବେ ଜଡ଼ିତ । ସାହିତ୍ୟ ଅନୁଷ୍ଠାନ ମାଧ୍ୟମରେ ସାହିତ୍ୟିକଟିଏ ନିଜକୁ ପ୍ରକାଶ କରିବାକୁ ସୁଯୋଗ ପାଏ ।

ସାହିତ୍ୟ ଏକ ସୂକ୍ଷ୍ମ କଳା । ହାତରେ କଲମ ଧରି ଲେଖିଦେଲେ କେହି କେବେ ସାହିତ୍ୟିକ ପଦବାଚ୍ୟ ହୁଏନା, ଯଦି ତାର ଲେଖାକୁ କେହି ନ ପଢ଼ନ୍ତି, ଆଲୋଚନା ନ କରନ୍ତି, ତେବେ ଲେଖକଟିର ଲେଖିବା ମୂଲ୍ୟହୀନ ହୋଇପଡ଼େ । ତେଣୁ ସାହିତ୍ୟିକମାନଙ୍କ ପାଇଁ ଅନୁଷ୍ଠାନ, ପତ୍ରପତ୍ରିକା, ପୁସ୍ତକ ପ୍ରକାଶ କରିବା ଏକାନ୍ତ ଜରୁରୀ । ଏସବୁ ଦୃଷ୍ଟିରୁ ବିଚାର କଲେ ଽବୀଣାପାଣି ମହାନ୍ତି କେବଳ ଜଣେ ସାହିତ୍ୟିକା ହୁଅନ୍ତି, ଏକାଧାରେ ଜଣେ ଦକ୍ଷ ସଂଗଠିକା, ପୁସ୍ତକର ପ୍ରକାଶିକା । ମୋଟାମୋଟି ଭାବେ କହିବାକୁ ଗଲେ ସେ ନିଜେ ହିଁ ଏକ ଅନୁଷ୍ଠାନ । ବୀଣାପାଣି ମହାନ୍ତିଙ୍କ ସାରସ୍ୱତ ଜଗତକୁ ବିପୁଳ ଅବଦାନ ଅନସ୍ୱୀକାର୍ଯ୍ୟ ।

ଏକାଧାରରେ ସେ ଥିଲେ କବି, ଗାଳ୍ପିକା, ଉପନ୍ୟାସିକା, ଅନୁବାଦିକା, ବିଶେଷ କରି ଗଳ୍ପ ସାହିତ୍ୟର ସେ ଜଣେ ଧୂରୀଣ ସ୍ରଷ୍ଟା । ଏହା ସତ୍ୟ ଯେ, ସ୍ରଷ୍ଟା ଓ ସୃଷ୍ଟି ଚିରନ୍ତନ । ଜୀବନ ଓ ସମାଜର ଅନ୍ତର୍ନିହିତ ଭାବଧାରକୁ ସାହିତ୍ୟ ହିଁ ପରିପ୍ରକାଶ କରିଥାଏ, ଡ. ବୀଣାପାଣି ମହାନ୍ତିଙ୍କ ମାନସକନ୍ୟା ଥିଲା ତାଙ୍କରି ହାତଗଢ଼ା ଲେଖିକା ସଂସଦ । ଯାହା ୧୯୯୩ ମସିହା ସେପ୍ଟେମ୍ବର ପାଞ୍ଚ ତାରିଖରେ ଜନ୍ମଲାଭ କରିଥିଲା । ଡ. ମହାନ୍ତିଙ୍କ ଗଳ୍ପରେ ମୁଖ୍ୟତଃ ନାରୀ ସମସ୍ୟା, ମାନବବାଦର କଥା, ମଧ୍ୟବିତ୍ତ ଆଧୁନିକ ଜୀବନର ଜ୍ୱାଳା ଯନ୍ତ୍ରଣାର ଚିତ୍ର ଦେଖିବାକୁ ମିଳିଥାଏ । ସମାଜ ତଥା ପରିବାରରେ ପୁରୁଷ ପରି ନାରୀର ପ୍ରାଧାନ୍ୟକୁ ଅକ୍ଷୁର୍ଣ୍ଣ ରଖିବାକୁ ସେ ଆହ୍ୱାନ ଦେଇଛନ୍ତି । ସେଇଥିପାଇଁ ସେ ନାରୀ ଲେଖକ ମାନଙ୍କ ପାଇଁ ଗଢ଼ିଥିଲେ ଲେଖିକା ସଂସଦ । ସେ ଉପଲବ୍ଧି କରିଥିଲେ, ସମାଜରେ ପୁରୁଷ ଓ ନାରୀ ଯେତେ ସମାନ ବୋଲି ଡିଣ୍ଡିମ ପିଟିଲେ ମଧ୍ୟ ବାସ୍ତବ କ୍ଷେତ୍ରରେ ତାହା କେବେ ସମ୍ଭବ ହୋଇପାରିନି । ନାରୀଟିଏ ମୁହଁ ଖୋଲି କିଛି କହିବାର ସାହସ ପାଏନି । ତାକୁ ହିଁ ନୀରବରେ ସବୁକିଛି ସହିବାକୁ ପଡ଼ିଥାଏ । ଏହାକୁ ହୃଦୟଙ୍ଗମ କରି ନାରୀଟିଏ କିପରି ସ୍ୱାଧୀନ ମତବ୍ୟକ୍ତ କରିପାରିବ । ନିଜର ଇଚ୍ଛା-ପ୍ରକଟ କରିପାରିବ, ମୁହଁରେ ଯାହା କହି ନ ପାରିବ, କଲମ ମୁନରେ ତାହା ଲେଖି ସମାଜ ଆଗରେ ନିଜର ଅଧିକାର ସାବ୍ୟସ୍ତ କରିପାରିବ, ସେଥିପାଇଁ ତ ଲେଖିକା ସଂସଦର କଳ୍ପନା ।

ଲେଖିକା ସଂସଦ ଗଠନ ହେବା ଦିନୁ ଏହା କେବଳ ଓଡ଼ିଶା ନୁହେଁ, ସମଗ୍ର ଦେଶରେ ତଥା ଓଡ଼ିଶାରେ ପ୍ରତିଟି ଜିଲ୍ଲାରେ ଏହାର ଶାଖାମାନ ଗଢ଼ିଉଠିଛି । ସଦସ୍ୟମାନଙ୍କ ସଂଖ୍ୟା ମଧ୍ୟ ଅନେକ ବଢ଼ିଛି । ଓଡ଼ିଶାର ବିଭିନ୍ନ ଜିଲ୍ଲାରେ ଏହାର ସଦସ୍ୟାମାନେ ନିଜ ନିଜ ଅଞ୍ଚଳରେ ବିଭିନ୍ନ କାର୍ଯ୍ୟକ୍ରମମାନ ହାତକୁ ନେଇ ଲେଖିକା ସଂସଦର ଶ୍ରୀବୃଦ୍ଧି କରିପାରିଛନ୍ତି । ଏହି ସବୁ ଦୃଷ୍ଟିରେ ସାମଗ୍ରିକ ଭାବେ ବିଚାର କଲେ, ମହାକାଳର କଷଟି ପଥରରେ ଓଡ଼ିଆ ସାହିତ୍ୟ, ଲେଖିକା ସଂସଦ, ବୀଣାପାଣି ମହାନ୍ତି ବାସ୍ତବରେ ଏକ ସଂଯୋଗ । ଲେଖିକା ସଂସଦର ପ୍ରତିଷ୍ଠାତା ସଭାପତି, ଲେଖିକା ଭଉଣୀମାନଙ୍କର ପ୍ରିୟ ବୀଣା ଅପାଙ୍କ ଜୀବନଦୀପ ଯେ ଗତ ଏପ୍ରିଲ ୨୪ ୨୦୨୨ରେ ଲିଭିଯାଇଛି ଏହା ବିଶ୍ୱାସ କରି ହୁଏନି ।

ତାଙ୍କର ଲେଖକ ଜୀବନ ଆରମ୍ଭ ହୋଇଥିଲା ପ୍ରଥମେ କବିତାରୁ । ପରେ ପରେ ଗଳ୍ପ, ଉପନ୍ୟାସରେ ମନୋନିବେଶ କରିଥିଲେ, ତାଙ୍କ ଜୀବନକାଳ ମଧ୍ୟରେ ତାଙ୍କର ପ୍ରିୟ ପଚିଶଟି ଗଳ୍ପ ସଂକଳନ, ପ୍ରକାଶିତ ହୋଇଛି । ତା'ଛଡ଼ା ଉପନ୍ୟାସ, କବିତା ଓ ଅନୁବାଦ ମଧ୍ୟ ରହିଛି । ସାହିତ୍ୟର ବିଭିନ୍ନ ବିଭାଗ ମଧ୍ୟରୁ କ୍ଷୁଦ୍ରଗଳ୍ପ ଏକ ସ୍ୱତନ୍ତ୍ର କଳା, ଊନବିଂଶ ଶତାବ୍ଦୀର ଶେଷ ବେଳକୁ ପାଶ୍ଚାତ ସାହିତ୍ୟ ପ୍ରଭାବରେ ବିଭିନ୍ନ ଭାରତୀୟ ଭାଷାମାନଙ୍କରେ ଆଧୁନିକ କ୍ଷୁଦ୍ରଗଳ୍ପର ପ୍ରସାର ଘଟିଥିଲା, ତେବେ ବିଂଶ ଶତାବ୍ଦୀର ପ୍ରଥମାର୍ଦ୍ଧ ମଧ୍ୟରେ ଗଳ୍ପ ସାହିତ୍ୟକୁ ଓଫଳତା ମିଳିଥିଲା । ଓଡ଼ିଆ ସାହିତ୍ୟରେ ବହୁ ଗଳ୍ପ ଲେଖକ ନିଜକୁ ପ୍ରତିଷ୍ଠା କରି ଯାଇଛନ୍ତି । ବିଶେଷ କରି ଓଡ଼ିଆ କ୍ଷୁଦ୍ରଗଳ୍ପର ଜନକ ବ୍ୟାସକବି ଫକୀରମୋହନ ସେନାପତି ସର୍ବାଗ୍ରେ ଏକ ସ୍ମରଣୀୟ ପ୍ରତିଭା । ବୀଣାପାଣି ମହାନ୍ତି ନାରୀ ଚେତନା ଓ ମାନବବାଦୀ ଗଳ୍ପ ଲେଖି ସମାଜରେ ଆଦୃତ ହୋଇପାରିଛନ୍ତି । ସେ ବହୁ ସଂଘର୍ଷ ମଧ୍ୟ ଦେଇ ଲେଖାଲେଖି କରୁଥିଲେ । ତତ୍‌କାଳୀନ ସମାଜରେ ଝିଅଟିକୁ ଲେଖାଲେଖି କରିବା ତ ଦୂରର କଥା, ପାଠ ପଢ଼ିବାକୁ ମଧ୍ୟ ସହଜରେ ଗ୍ରହଣୀୟ ହୋଇ ପାରୁ ନଥିଲା । ତେଣୁ ସଂଘର୍ଷ ମଧ୍ୟରେ ସେ ଯେଉଁ ଲେଖା ଲେଖୁଥିଲେ ତାହା ନିଶ୍ଚିତ ଭାବେ ହୃଦୟସ୍ପର୍ଶୀ ଥିଲା । ଏହି ଗଳ୍ପ ହିଁ ତାଙ୍କୁ ପାଠକୀୟ ସ୍ୱୀକୃତି ଦେଇଥିଲା । ତାଙ୍କର 'ନାଉଗଛ' ଗଳ୍ପ ପ୍ରକାଶ ପାଇଲା ପରେ ତାଙ୍କୁ ଯେଉଁ ବିପୁଳ ପାଠକୀୟ ସ୍ୱୀକୃତି ମିଳିଥିଲା ତାହା ତାଙ୍କୁ ପରବର୍ତ୍ତୀ ସମୟରେ ଜଣେ ଦକ୍ଷ ଗାଳ୍ପିକା ଭାବେ ସ୍ୱୀକୃତି ଦେଇଥିଲା । ୧୯୭୦ ମସିହାରେ 'କସ୍ତୁରୀ ମୃଗ ଓ ସବୁଜ ଅରଣ୍ୟ' ଗଳ୍ପ ପୁସ୍ତକ ପାଇଁ ଓଡ଼ିଆ ସାହିତ୍ୟ ଏକାଡେମୀ ତାଙ୍କୁ ପୁରସ୍କାର କରିଥିଲା । ୧୯୯୦ ମସିହାରେ 'ପାଟଦେଈ' ଗଳ୍ପ ସଂକଳନ ପାଇଁ ସେ କେନ୍ଦ୍ର ସାହିତ୍ୟ ଏକାଡେମୀ ପୁରସ୍କାର ପାଇଥିଲେ । ତେବେ ତାଙ୍କର ପ୍ରଥମ ଗଳ୍ପ ହେଉଛି 'ଗୋଟିଏ ରାତ୍ରିର କାହାଣୀ' ଯାହା ପ୍ରଜାତନ୍ତ୍ର ପୃଷ୍ଠାରେ ପ୍ରକାଶିତ ହୋଇଥିଲା । 'ପାଟଦେଇ' ଗଳ୍ପ ସଂକଳନ ତାଙ୍କର ଏକ ସଫଳକୃତି । ତାଙ୍କର ଗଳ୍ପ ଗୁଡ଼ିକରେ ସାଂପ୍ରତିକ ମଣିଷର ଅସଂଖ୍ୟ ଯନ୍ତ୍ରଣା, ସଂଗ୍ରାମ-ସଂଘର୍ଷର ଚିତ୍ର ଫୁଟି ଉଠିଛି । ନାରୀ ପ୍ରଗତିର ଏକ ଉଜ୍ଜ୍ୱଳ ଭବିଷ୍ୟତର ସୂଚନା ଦେଇ ଗାଳ୍ପିକା ନିଜର ମୌଳିକ ପ୍ରତିଭାର ପରିଚୟ ଦେଇଛନ୍ତି ।

ବୃତ୍ତିରେ ସେ ଥିଲେ ଅର୍ଥନୀତିର ଅଧ୍ୟାପିକା । ମାତ୍ର ପ୍ରବୃତ୍ତିରେ ସାହିତ୍ୟ ସାଧିକା । ଚାକିରୀ ସହିତ ସମାଜ ଜୀବନ ସହ ସେ ପ୍ରତ୍ୟକ୍ଷ ସଂପର୍କ ରଖି ଆସିଛନ୍ତି । ବିଭିନ୍ନ କଲେଜ ଗୁଡ଼ିକରେ ଅଧ୍ୟାପନା ସମୟରେ କିଛି ଅଂଗେନିଭା ଅନୁଭୂତିକୁ ନେଇ ତାଙ୍କ ଗଳ୍ପଗୁଡ଼ିକ ଗତିଶୀଳ । ତାଙ୍କର 'ନାଉଗଛ' ଗଳ୍ପଟି ବାଲେଶ୍ୱର ଜିଲ୍ଲା କୁନ୍ତଳା କୁମାରୀ ସାବତ ମହିଳା ମହାବିଦ୍ୟାଳୟରେ ଅଧ୍ୟାପନା ସମୟର ଘଟଣା । ଏକ ସତ୍ୟ ଅନୁଭୂତିକୁ ନେଇ 'ନାଉଗଛ' ଗଳ୍ପଟି ରଚିତ । ଏହିପରି ଭାବରେ ତାଙ୍କର ଲେଖାଗୁଡ଼ିକ ସମୀକ୍ଷା କଲେ, ଅନେକ କଥା ଆଲୋଚନା ପରିସରକୁ ଆସିଥାଏ । ଯାହା ବର୍ଣ୍ଣନା କରିବା ଏହି ସୀମିତ ପରିସର ମଧ୍ୟରେ ସମ୍ଭବ ନୁହେଁ ।

ବୀଣାଅପା ନିଜେ ହିଁ ଥିଲେ ଏକ ଅନୁଷ୍ଠାନ । ଲେଖିକା ସଂସଦର ସେ କେବଳ ପ୍ରାଣ ପ୍ରତିଷ୍ଠା ନ ଥିଲେ, ଥିଲେ ଲେଖିକା ସଂସଦର ମୁରବୀ, ସତରେ ଯେମିତି ଲେଖିକା ସଂସଦ ଥିଲା ତାଙ୍କର ପ୍ରାଣର ସ୍ପନ୍ଦନ । ଯେତେବେଳେ ଯେଉଁଠି ସେ ଥାଆନ୍ତୁ ନା କାହିଁକି ଲେଖିକା ସଂସଦ କଥା ପଡ଼ିଲେ ସେ ଭାବବିହ୍ୱଳ ହୋଇପଡ଼ନ୍ତି । ଲେଖିକା ସଂସଦ କିପରି ଆହୁରି ଆହୁରି ଆଗକୁ ବଢ଼ିବ, ସେ ଦିଗରେ ସଦା ଚିନ୍ତା କରୁଥାନ୍ତି । ଯେଉଁ ଲେଖିକାଙ୍କୁ ସେ ଭେଟନ୍ତି, ତାଙ୍କୁ ଲେଖିକା ସଂସଦର ସଦସ୍ୟାଟିଏ ହେବା ପାଇଁ ଉତ୍ସାହିତ କରନ୍ତି । ଏବେ ବି ମୋର ମନେପଡ଼େ, ସେ ଅତୀତର ସ୍ମୃତି ମୋତେ ଯେବେ ବାଲେଶ୍ୱର ଜିଲ୍ଲା ଶାଖାର ଆବାହିକା ଭାବେ ମନୋନୀତ କରାଗଲା, ଫୋନରେ ମୋ ସହ ସେ କଥାବାର୍ତ୍ତା ହୋଇ ଅନେକ ଉପଦେଶ ଦେଇଥିଲେ । ୨୦୧୬ ମସିହାରେ ଲେଖିକା ସଂସଦ, ବାଲେଶ୍ୱର ଜିଲ୍ଲା ଶାଖାର ରାଜ୍ୟସ୍ତରୀୟ ବାର୍ଷିକ ସମ୍ମିଳନୀ ଅନୁଷ୍ଠିତ ହେଲା । ତାର ପରବର୍ଷ ୨୦୧୭ ମସିହାରେ ବୀଣାଅପାଙ୍କୁ ବାଲେଶ୍ୱରକୁ ଆମେ ଆମନ୍ତ୍ରଣ କରିଥିଲୁ । ଆମେ ବାଲେଶ୍ୱରରୁ କିଛିଜଣ ସଦସ୍ୟା ତାଙ୍କ କଟକସ୍ଥିତ ବାସଭବନରେ ପହଞ୍ଚି ଉତ୍ସବକୁ ଆସିବା ନିମନ୍ତେ ନିମନ୍ତ୍ରଣ କଲୁ । ଲକ୍ଷ୍ୟ କଲି, ଆମକୁ ଦେଖି ଉତ୍ତୀର୍ଣ୍ଣ ବୟସରେ ମଧ୍ୟ ସେ ଚଞ୍ଚଳ ହୋଇ ଉଠିଲେ । କହିଲେ, 'ବାଲେଶ୍ୱରରେ ମୁଁ ଦୀର୍ଘଦିନ ଧରି ଅଧ୍ୟାପନା କରି ଆସିଛି । ମୋର ସାହିତ୍ୟ ସାଧନା ପ୍ରଜ୍ଞା ପୀଠ ଫକୀରମୋହନଙ୍କ ମାଟିରେ ଅଗ୍ରଗତି କରିଥିଲା । ମୁଁ ପ୍ରେରଣା ପାଇଥିଲି ବାଲେଶ୍ୱର ମାଟିରୁ ।
... ମୁଁ ତେଣୁ ନିଶ୍ଚୟ ଯିବି....'



ସତକୁ ସତ ନିର୍ଦ୍ଦିଷ୍ଟ ସମୟରେ ସେ ଆମ ଜିଲ୍ଲା ସଂସ୍କୃତି ଭବନରେ ଉପସ୍ଥିତ ହୋଇଥିଲେ । ବିପୁଳ ଜନଗହଳି ମଧ୍ୟରେ ବହୁ ସାରସ୍ୱତ ଅନୁଷ୍ଠାନର କର୍ମକର୍ତ୍ତା ତଥା ସାହିତ୍ୟିକ ମାନଙ୍କ ମଧ୍ୟରେ ହସଖୁସିରେ ସମୟ ଅତିବାହିତ କଲେ । ଆମେ ତାଙ୍କୁ ନାଗରିକ ସମ୍ବର୍ଦ୍ଧନା ଦେଇଥିଲୁ, ବାଲେଶ୍ୱର ଜିଲ୍ଲାର ବିଭିନ୍ନ ଅନୁଷ୍ଠାନ, ସାହିତ୍ୟିକ, ବୁଦ୍ଧିଜୀବୀମାନେ ମଧ୍ୟ ତାଙ୍କୁ ସମ୍ବର୍ଦ୍ଧନା ପ୍ରଦାନ କରିଥିଲେ । ସେଦିନର ସେହି ଅଭୁଲା ସ୍ମୃତି ଏବେ ବି ମୋ ମନରେ ସାଇତା ହୋଇ ରହିଯାଇଛି । ତା ପରଠାରୁ ଆମେ ତାଙ୍କ ପାଖକୁ ଯାଇଛୁ, ଫୋନରେ କଥା ହୋଇଛୁ । ପ୍ରେରଣା ପାଇଛୁ । ଆଜି ସେ ସବୁ ଭାବିଲା ବେଳକୁ ମନରେ କ୍ଷୋଭ ଆସୁଛି । ଲୁହ ଧାର ଗଡ଼ି ପଡୁଛି । ବାସ୍ତବରେ ତାଙ୍କ ପରି ଏକ ମାତୃତୁଲ୍ୟା ମୁରବୀଙ୍କୁ ହରାଇ ଆମେ ମ୍ରିୟମାଣ ହୋଇପଡ଼ିଛୁ । ତାଙ୍କ ସହ ଅନେକ ଅଭୁଲା ସ୍ମୃତି ଏବେ ବି ସ୍ମରଣକୁ ଆସୁଛି ।

୧୯୩୬ରୁ ୨୦୨୨ ଦୀର୍ଘ ୮୬ ବର୍ଷ ।

କେତେ ଲମ୍ବା... କେତେ ଦୀର୍ଘ । ତାରି ମଧ୍ୟରେ କେତେ ସମ୍ମାନ, ସ୍ୱୀକୃତି । ସମ୍ବର୍ଦ୍ଧନାର ବିସ୍ତୃତ ତାଲିକା । ୨୦୨୦ରେ ପଦ୍ମଶ୍ରୀ ସମ୍ମାନ, ଯେତେ ଯାହା ହେଲେ ମଧ୍ୟ ଜଣେ ପ୍ରତିଭାଦୀପ୍ତ, ଧୂରୀଣ ସ୍ରଷ୍ଟାଙ୍କ ପାଖରେ ପାଠକୀୟ ସ୍ୱୀକୃତି ହିଁ ନିଜସ୍ୱ ପୁଞ୍ଜି । ଯାହା ପଦ୍ମଶ୍ରୀ ଡ. ବୀଣାପାଣି ମହାନ୍ତି ପ୍ରମାଣିତ କରିଛନ୍ତି । ଏହି ଯଶସ୍ୱିନୀ ଲେଖିକାଙ୍କ ମୃତ୍ୟୁ କେବେ ସ୍ପର୍ଶ କରି ପାରେନି । ସେ ମରିବି ତାଙ୍କ ତାଙ୍କ ଲେଖାରେ ଚିର ଅମର, ଭାସ୍ୱର ।

ଆଜି ତାଙ୍କର ଏକଦଶାହ ତିଥି । ପୁଣ୍ୟାତ୍ମାଙ୍କ ପାଇଁ ଏକ ସ୍ମରଣୀୟ ଦିନ । ଆଜି ପରି ଦିନରେ ତାଙ୍କ ଉପରେ ଯତ୍‌କିଞ୍ଚିତ ଆଲେଖ୍ୟ ଲେଖି, ପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ଠାରେ ଏତିକି ମିନତୀ କରୁଛି, ତାଙ୍କ ଆତ୍ମା ସଦ୍‌ଗତି ପ୍ରାପ୍ତ ହେଉ । ସ୍ୱର୍ଗରେ ଥାଇ ବି ଆମକୁ ଏମିତି ଆଶୀର୍ବାଦ କରନ୍ତୁ ।

ଆବାହିକା
ବାଲେଶ୍ୱର ଜିଲ୍ଲା ଲେଖିକା ସଂସଦ

### ବ୍ରହ୍ମପୁର ମଥାମଣି ବୀଣାପାଣି

**ରାଜେଶ୍ୱରୀ ପଣ୍ଡା**

ଗଞ୍ଜାମ ବ୍ରହ୍ମପୁରର ମଥାମଣି
ଥିଲ ତୁମେ ହେ ବୀଣାପାଣି,
ଆମ ଓଡ଼ିଆ ସାହିତ୍ୟ ଜଗତକୁ
କରିଚାଲିଗଲ ଯେ ଋଣୀ ।

ଥିଲ ତୁମେ ଅର୍ଥନୀତି ଅଧ୍ୟାପିକା
ସାଜିଗଲ ପୁଣି ଲେଖିକା,
ପ୍ରଥମେ କବିତା ପରେ ପରେ ଗଳ୍ପ
ସଜାଇଲା ଉପନ୍ୟାସିକା ।

ପ୍ରଥମ କବିତା 'ତନ୍ଦ୍ରାହତ' ଗଳ୍ପ
'ଗୋଟିଏ ରାତ୍ରିର କାହାଣୀ'
କାଳାନ୍ତର, ମଧ୍ୟାନ୍ତର, ଜନ୍ମାନ୍ତର
ଉପନ୍ୟାସ ଯେ 'ମନସ୍ୱିନୀ' ।

'କୁନ୍ତୀ କୁନ୍ତଳା ଶକୁନ୍ତଳା'ସାଥିରେ
'ସୀତାର ଶୋଣିତ' ଲେଖନୀ,
ଚିର କାଳଜୟୀ କରିଅଛି ପୁଣି
ତୁମର ସେ 'ଆତ୍ମଜୀବନୀ' ।

କସ୍ତୁରୀ ମୃଗ ଓ ସବୁଜ ଅରଣ୍ୟ
ପାଟ ଦେଇ, ବସ୍ତ୍ର ହରଣ,
ଏକାକୀ ପରାଶର, ଇଂଟରଭିଉ
ନବତରଙ୍ଗ, ଆରୋହଣ ।
ବହ୍ନିବଳୟ, ଅନ୍ଧକାରର ଛାଇ
ଖେଳନା, ଚରିତ୍ର ହସୁଛି,
ପାଚେରୀ ସେପଟେ ନଇ ଗପ ସାଥେ
ଦୃଶ୍ୟାନ୍ତର, ଖେଳ ଚାଲିଛି ।

କେନ୍ଦ୍ର ସାହିତ୍ୟ ଏକାଡ଼େମୀ ପୁରସ୍କାର
ପୁଣି ଝଙ୍କାର ପୁରସ୍କାର,
ଓଡ଼ିଶା ସାହିତ୍ୟ ଏକାଡ଼େମୀ ପୁରସ୍କାର
ସାଥେ ଶାରଳା ପୁରସ୍କାର ।

ଅତିବଡୀ ଜଗନ୍ନାଥ ଦାସ ସମ୍ମାନ
ପୁଣି ବିଷୁବ ପୁରସ୍କାର,
ସାହିତ୍ୟ ଭାରତୀ, ପଦ୍ମଶ୍ରୀ ସମ୍ମାନ
ପାଇ ହେଲ ହେ ଚିର ଅମର ।

ଅନବଦ୍ୟ ସୃଷ୍ଟି ସାହିତ୍ୟକୁ ଦେଇ
ଚିର ନିଦ୍ରାରେ ଗଲ ଶୋଇ,
ସବୁରି ହୃଦୟେ ରହିଛ ରହିବ
ତୁମେତ ଚିର ଦିନ ପାଇଁ ।

● ସୁନହଟ, ବାଲେଶ୍ୱର

## ବୀଣାପାଣି ମହାନ୍ତିଙ୍କ ଗଳ୍ପମାନସ

**ଶ୍ରୀମତୀ ସୁଜାତା ପ୍ରଧାନ**

ଓଡ଼ିଆ ସାହିତ୍ୟରେ କଥାକାର ବୀଣାପାଣି ମହାନ୍ତି ଜଣେ ପ୍ରଥିତଯଶା ପ୍ରତିଭା । କବି, ଗାଳ୍ପିକା, ଔପନ୍ୟାସିକା, ନାଟ୍ୟକାର, ଅନୁବାଦିକା ଭାବରେ ସେ ପରିଚିତ । ଅର୍ଥନୀତି ବିଭାଗରେ ପ୍ରାଧ୍ୟାପିକା ତଥା ଅଧକ୍ଷା ଭାବରେ ସେ କର୍ମମୟ ଜୀବନ ସହିତ ସାରସ୍ୱତ ସାଧନାରେ ବ୍ରତୀ ହୋଇଥିଲେ । ପ୍ରଥମରେ ସେ ନାରୀ ହୃଦୟର ସ୍ୱାଭାବିକ ଆବେଗ ଓ ଉଚ୍ଛ୍ୱାସକୁ ନେଇ ବହୁ କବିତା ରଚନା କରିଥିଲେ । କବିତା ସଂକଳନ 'ଆସିବାର ବେଳ' ପ୍ରକାଶିତ । ୧୯୫୮ ମସିହାରେ ତାଙ୍କର ପ୍ରଥମଗଳ୍ପ 'ଗୋଟିଏ ରାତ୍ରିର କାହାଣୀ' ଓ 'ନାଉଗଛ' ଗଳ୍ପଟି 'ପ୍ରଜାତନ୍ତ୍ର' ରବିବାର ସାହିତ୍ୟ ବିଭାଗରେ ପ୍ରକାଶିତ ହୋଇ ପ୍ରଶଂସିତ ହେଲାପରେ ସେ ଗଳ୍ପରଚନାରେ ମନ ନିବେଶ କରିଥିଲେ । ୧୯୫୯ରେ ବିଷୁବମିଳନରେ ପୁରସ୍କୃତ ହେଲାପରେ ନିଜର ଆତ୍ମପ୍ରତ୍ୟୟ ସୃଷ୍ଟି ହୋଇଥିଲା ।

ତେଇଶଟି ଗଳ୍ପ ସଂକଳନରେ ପ୍ରାୟ ୫୦୦ରୁ ଉର୍ଦ୍ଧ୍ୱ ଗଳ୍ପର ସେ ରଚୟିତା । ଓଡ଼ିଆ ଗଳ୍ପ ସାହିତ୍ୟକୁ ତାଙ୍କର ଅବଦାନ ଅବିସ୍ମରଣୀୟ । ତାଙ୍କର ଗଳ୍ପ ସଂକଳନ ନବ ତରଙ୍ଗ (୧୯୬୩), ପାନ୍ଥଶାଳା ଓ ରକ୍ତ କରବୀ ୧୯୫୬, କସ୍ତୁରୀମୃଗ ଓ ସବୁଜ ଅରଣ୍ୟ ୧୯୬୭, ତଟିନୀର ତୃଷ୍ଣା ୧୯୭୨, ସାୟାହ୍ନର ସ୍ୱର ୧୯୭୩, ଅନ୍ଧକାରର ଛାଇ ୧୯୭୬, କାଳାନ୍ତର ୧୯୭୭, ଆରୋହଣ ୧୯୭୮, ମଧ୍ୟାନ୍ତର ୧୯୭୯, ଇନଟରଭିଉ ୧୯୮୧, ବସ୍ତ୍ରହରଣ, ଅନ୍ୟ ଅରଣ୍ୟ ୧୯୮୧, ଦୃଶ୍ୟାନ୍ତର ୧୯୮୪, ଚରିତ୍ର ହସୁଛି ୧୯୮୬, ଖେଳଣା ୧୯୮୩, ପାଟଦେଈ ୧୯୮୭, ତୃତୀୟପାଦ ୧୯୮୯, କାଳାନ୍ତର, ବହ୍ନିବଳୟ ୧୯୯୦, ଶକୁନିର ଛକା- ୧୯୯୨, ଅଶ୍ରୁ ଅନଳ ୧୯୯୨ ଏକାକୀପରାଶର ୧୯୯୫, ଅଭିନେତ୍ରୀ ୧୯୯୭, ଖେଳ ଚାଲିଛି ୧୯୯୮ ଏକଏକ ସଫଳ ସୃଷ୍ଟି ।

ଏହାବ୍ୟତୀତ ତାଙ୍କର ସୀତାର ଶୋଣିତ (୧୯୬୪), କୁନ୍ତି କୁନ୍ତଳା- ଶକୁନ୍ତଳା ୧୯୮୯ ଉପନ୍ୟାସ, ନାଟକ କ୍ରାନ୍ତି, ପ୍ରେମଚନ୍ଦ ପ୍ରକାଶିତ ।

୧୯୭୦ ମସିହାରେ କସ୍ତୁରୀମୃଗ ଓ ସବୁଜ ଅରଣ୍ୟ ଗଳ୍ପ ସଂକଳନ ପାଇଁ ଓଡ଼ିଶା ସାହିତ୍ୟ ଏକାଡେମୀ ପୁରସ୍କାର, ୧୯୯୦ରେ 'ପାଟଦେଈ' ଗଳ୍ପ ସଂକଳନ ପାପଇଁ କେନ୍ଦ୍ର ସାହିତ୍ୟ ଏକାଡେମୀ ପୁରସ୍କାର ଲାଭ କରିଛନ୍ତି ।

ଗଳ୍ପ ସଂପର୍କରେ ସେ କହନ୍ତି- 'ସମୟ ଓ ସଂଘର୍ଷର ପ୍ରତ୍ୟେକ ନୂତନ ପରିସ୍ଥିତିରେ ସାମାଜିକ ମୂଲ୍ୟବୋଧର ପରିବର୍ତ୍ତନ ଘଟି ନୂତନ ମୂଲ୍ୟବୋଧର ଜୀବନ ଚେତନା ଜାଗ୍ରତ ହେବା ସ୍ୱାଭାବିକ । ଏହି ପରିବର୍ତ୍ତନର ସ୍ୱର ଓ ସ୍ୱାକ୍ଷର କ୍ରାନ୍ତିକାରୀ ଚେତନା ବହନ କରିଥିବା ହେତୁ ନୂତନର ବିକାଶ ପରିବର୍ତ୍ତେ ସୃଷ୍ଟି ହୋଇଛି ଏକ ସ୍ୱତନ୍ତ୍ର ଉଦ୍‌ଭାବନା ଯାହାକୁ ପାଥେୟ କରି ମୁଁ ଗଢ଼ି ଥୋଇଛି ମୋର ଗଳ୍ପ ମାନଙ୍କରେ । (୧) ଆଧୁନିକ ସମାଜର ବିଭିନ୍ନ ଦିଗ, ନଗ୍ନ ବାସ୍ତବତା ଆର୍ଥିକ ସଂକଟର ଦୂରବସ୍ଥା ନୀପିଡ଼ିତ ମଣିଷର ବୁକୁଫଟା ବିଳାପ ଗୁଡ଼ିକୁ ମର୍ମେ ମର୍ମେ ଉପଲବ୍ଧି କରି ସେ ଗଳ୍ପ ଗୁଡ଼ିକରେ ରୂପ ଦେଇଛନ୍ତି । ସେ କହନ୍ତି '+++ ମୁଁ ମଣିଷର ଆର୍ତ୍ତଚିତ୍କାର ଶୁଣି ଅଟକି ଯାଇଛି, ହାତରେ ତାର ତରବାରି ଧରେଇ ପରିସ୍ଥିତିକୁ ଭେଟିବାକୁ ସାହସ ଦେଇଛି କାରଣ ସମୟ ମୋତେ କରଗତ କରିବାର ଅଧିକାରରୁ ମତେ କେହି ବଞ୍ଚିତ କରିପାରିବେନି ।

++ କଟକରୁ କୁଏତ୍, ଦକ୍ଷିଣ ଆଫ୍ରିକାରୁ ରୁଷିଆ, ପାକିସ୍ତାନରୁ ବାଂଲାଦେଶ, ଶ୍ରୀଲଙ୍କାରୁ ରାମଜନ୍ମଭୂମି, ବାବରୀ ମସଜିଦ୍ କଥା, ସମାଜରେ ଏବେବି ରାବଣ ଅଛି, ଶକୁନି ଅଛି, ଦୁର୍ଯ୍ୟୋଧନ-ଦୁଃଶାସନର ବିକଟାଳ ହସରେ ଦୌପଦୀର ବସ୍ତ୍ରହରଣ ଥରେ ନୁହେଁ ଅଜସ୍ର ଘଟି ଯାଉଛି +++

ଝିଅଟିଏ ନିରାପଦରେ ରାସ୍ତାରେ ଯିବ, ପାଠପଢ଼ି ଚାକିରୀ କରି ଆତ୍ମ ନିର୍ଭରଶୀଳ ହେବ- କିଏ ନଚାହେଁ ଦୁନିଆରେ ? ହେଲେ ଇନ୍‌ଟରଭିଉ ଦେଇ ସାରି ସେ ସାମ୍ନାକରେ ଦୁଃଶାସନ, ଦୁର୍ଯ୍ୟୋଧନକୁ । ଯୌତୁକ ନନେଇ ବୋହୂଟି କନ୍ୟାକୁ ଜନ୍ମଦେବା କଣ ତାର ଅପରାଧ ? ତାକୁ ନିଆଁରେ ପୋଡ଼ି ଦେବା ଘଟଣାକୁ କିପରି ଉପେକ୍ଷା କରିବି ? ସବୁ ମଣିଷ ମୋ ନିଜର, ଏହି ଲୁହଲହୁର ଜୀବନ ହିଁ ମୋ ଲେଖାର କଥାବସ୍ତୁ ।' (୨)


ନାରୀ ଜୀବନର ନିର୍ଯ୍ୟାତନା, ସ୍ୱାମୀଦ୍ୱାରା ଉପେକ୍ଷିତା, ହୋଇ ବିଳାପ କଲେ କଣ ସମାଧାନ ହେବ । ତେଣୁ ଗାଳ୍ପିକା ନାରୀମାନଙ୍କୁ ପ୍ରେରଣା ଦେଇଛନ୍ତି-

'ତମେ ଯେ ମା ! ଜନନୀ, ସମାଜ ଓ ଦେଶର ତୁମେ ମୂଳପିଣ୍ଡ, ପତ୍ନୀତ୍ୱଠାରୁ ମାତୃତ୍ୱ, ନାରୀତ୍ୱ ଓ ମନୁଷ୍ୟତ୍ୱକୁ ତୁମେ ପୃଥକ କରିପାରିନ ଯେତେଦିନ ପାରି ନଥିବ ସେତେଦିନ ତମେ କଷ୍ଟ ପାଇବ ।' (୩) ପାଟଦେଈରେ ପାଟ ଅନ୍ତସତ୍ତ୍ୱା ହୋଇ ପିଲାଜନ୍ମ କଲା ପରେ ଗାଁରେ ଅପବାଦ ଓ ଟାହି ଟାପରା କଥାଶୁଣି ଧାଇଁ ଯାଇ ପାରିଛି ବଡ଼ ପାଟି କରି କହିଛି- 'ଏ ଛୁଆର ବାପ କିଏ ପଚାରୁଛ ତ !? ଏହି ଛୁଆର ବାପ ଏଠାରେ ସମସ୍ତେ ଛିଡ଼ା ହୋଇଛନ୍ତି । ଦୋଳପୁନେଇଁ ରାତିରେ ରମ୍ଭୁ ଗାମୁଛାଟା ମୋ ମୁହଁରେ ମାଡ଼ି ଦେଇ ଶୂନ୍ୟେ ଶୂନ୍ୟେ ଟେକି ନେଇଗଲା ଆଉ ସମସ୍ତେ ମୋତେ ଯେରିଯାଇ କଣ୍ଟାରୁ ମାଉଁସ ଛଡ଼େଇ ଗବଗବ କରି ଖାଇଗଲେ । ଏ ଜଗତରେ କିଏ ମର୍ଦ୍ଦ ପୁଅ ଅଛି ଯେ ତା' ବାପ ବୋଲି ଚିହ୍ନାଦେବ ?' (୪)

ତାଙ୍କର -- ଓ ଶୈଳୀ ଗୁଡ଼ିକ ମାର୍ମିକ । ଜୀବନବାଦୀ ସ୍ରଷ୍ଟା ସେ । ମାନବିକ ଭାବ ସମ୍ବେଦନା ଓ ସାମାଜିକ ଅଙ୍ଗୀକାରବଦ୍ଧତାରେ ତାଙ୍କ ଗଳ୍ପ ଗୁଡ଼ିକ କାଳଜୟୀ । ଏହା ବିସ୍ତୃତ ଆଲୋଚନାର ଅପେକ୍ଷା କରେ । ତେବେ 'ପଦ୍ମ-ଶ୍ରୀ' ଉପାଧି ଓ ବହୁ ପୁରସ୍କାରର ମାନଦଣ୍ଡରେ ନୁହେଁ, ସେ ଜଣେ ସଫଳ ନାରୀ ଲେଖିକା ଭାବରେ ଓଡ଼ିଆ ଗଳ୍ପ ସାହିତ୍ୟକୁ ସମୃଦ୍ଧ କରିଛନ୍ତି ଏହା ଅନସ୍ୱୀକାର୍ଯ୍ୟ ।

ଚୂନଭାଟିଲେନ୍, ଗୋପାଳଗାଁ, ବାଲେଶ୍ୱର

(୧) ଗଳ୍ପ ସଂକଳନ- କାଳାନ୍ତର- ୧୯୭୨, ଆତ୍ମକଥା
(୨) ନିଜସ୍ୱ ଅଭିବ୍ୟକ୍ତି- ପ୍ରଜାତନ୍ତ୍ର- ୨୪- ୧୨-୧୯୯୦ ପୃ-୫
(୩) ପାଟଦେଈ ଗଳ୍ପ ସଂକଳନ- ପ୍ରକାଶକ- ବିଦ୍ୟାପୁରୀ- ପୃ-୧୫୪ (ପାଟଦେଈ ଗଳ୍ପ)




### ଅଟନ୍ତି ସେ ବୀଣାପାଣି

**ସୁବ୍ରତା ମହାନ୍ତି**

ବାଣୀରୁ ଯାହାର ଝରେ ଅମୃତ ପିୟୁଷ
ଅଟନ୍ତି ସେ ବୀଣାପାଣି,
ସରସ୍ୱତୀଙ୍କର ପରମ ଭକ୍ତ
କଲମରୁ ଝରୁଥାଏ ସମାଜକୁ ଦିଗ୍‌ଦର୍ଶନ ।

ମାନବବାଦୀ ଚିନ୍ତାଧାରାର
ନିଚ୍ଛକ ପ୍ରତିଛବି
ସଂସାରର ପ୍ରତ୍ୟେକ ସତ୍ତାକୁ ଉପଲବ୍ଧି କରିଥାନ୍ତି
ଅଟନ୍ତି ସେ ବୀଣାପାଣି ।

ନାରୀ ଜୀବନର ପ୍ରତିଟି ବେଦନାର ସ୍ୱରକୁ
ନିଜ ଲେଖନୀରେ ଶାଣିତ କରିଛନ୍ତି ତାଙ୍କ ସ୍ପନ୍ଦନରେ,
ଅଟନ୍ତି ସେ ବୀଣାପାଣି ।

ଅତିବଡି ଜଗନ୍ନାଥ ଦାସ ସମ୍ମାନ,
ଶାରଳା ସମ୍ମାନ, ବିଷୁବ ସମ୍ମାନ,
କାଦମ୍ବିନୀ ସାହିତ୍ୟ ସମ୍ମାନ,
ସାହିତ୍ୟ ଏକାଡେମୀ ସମ୍ମାନରେ ଭୂଷିତ,
'ପାଟଦେଇ' ଗଳ୍ପ ପାଇଁ
କେନ୍ଦ୍ର ସାହିତ୍ୟ ଏକାଡେମୀ
ସମ୍ମାନରେ ସମ୍ମାନିତ,
'କସ୍ତୁରି ମୃଗ' ଆଣି ଦେଇଥିଲା
ସାହିତ୍ୟ ଜଗତରେ ଭିନ୍ନ ସ୍ଥାନ ,
କଟକ 'ସତୀଚୌରା'ଠାରେ
ଅନ୍ତିମ ବିଦାୟ ନେଇ
ବାହୁଡିଲ ଆମ ସଭିଙ୍କୁ ଏକା କରି ଦେଇ,
ସଦା ମନ ମଧ୍ୟରେ ଉଙ୍କି ମାରୁଥିବ
ଆପଣଙ୍କ ଅଜସ୍ର ସାହିତ୍ୟ କୃତି,
ଅଟନ୍ତି ସେ ବୀଣାପାଣି ।

● କରଞ୍ଜିଆ, ଭୋଇସାହି,ବାଲେଶ୍ୱର
(ମୋ) ୯୧୨୮୧୨୨୮୨୦

## ପବିତ୍ର ପର୍ବ ଅକ୍ଷୟ ତୃତୀୟା

(ପୃଷ୍ଠା-୪ର ଅବଶିଷ୍ଟାଂଶ)

ପୂଜାପଣ୍ଡା ଆଜ୍ଞାମାଳ ଦେବା ପରେ ଝୁଲଣ ମଣ୍ଡପ ତଳେ ରହିବା ପାଲିଙ୍କିରେ ରାମକୃଷ୍ଣ ଓ ବିମାନରେ ଶ୍ରୀଦେବୀ, ଭୂଦେବୀ ଓ ମଦନମୋହନଙ୍କୁ ବିଜେ କରାଯାଏ । ବିଜେ କାହାଳୀ ବାଜିଲା ପରେ ବିମାନ ବଡୁମାନେ ଘଣ୍ଟ ଛତା ଓ କାହାଳୀ ସହ ପାଲିଙ୍କି ଓ ମଣିବିମାନକୁ ନେଇ ନରେନ୍ଦ୍ର ଚକଡ଼ାକୁ ଯାତ୍ରା କରନ୍ତି । ବାଟରେ ଶ୍ରୀମନ୍ଦିର ମୁଖ୍ୟ କାର୍ଯ୍ୟାଳୟ ସାମନାରେ ର ଅନୁକୂଳ ନୀତି ସକାଶେ ଅଟକି ରହନ୍ତି । ଏହାଙ୍କ ସହିତ ପଞ୍ଚ ମହାଦେବ ଯଥା ଯମେଶ୍ୱର, ମାର୍କଣ୍ଡେୟ, ଲୋକନା, କପାଳ ମୋଚନ ଓ ନୀଳକଣ୍ଠଙ୍କର ବିଜେ ପ୍ରତିମାମାନ ସ୍ୱ ସ୍ୱ ବିମାନରେ ବିଜେ କରି ନରେନ୍ଦ୍ର ପୁଷ୍କରିଣୀକୁ ଯାତ୍ରା କରନ୍ତି । ଏହି ପଞ୍ଚମହାଦେବଙ୍କୁ ନ୍ତପଞ୍ଚପାଣ୍ଡବ' କୁହାଯାଏ । ଶ୍ରୀମନ୍ଦିର ମୁଖ୍ୟ କାର୍ଯ୍ୟାଳୟ ସାମନାରେ ଦେଉଳ ପୁରୋହିତ ର ଅନୁକୂଳ ହୋମ କରନ୍ତି । ହୋମ ପରେ ମହାରଣା ମାନଙ୍କର ଶାଢ଼ିବନ୍ଧା କାର୍ଯ୍ୟ ହୁଏ । ତିନୋଟି କାଠଗଣ୍ଡିକୁ ପୂଜାପଣ୍ଡା ମାନେ ଶ୍ରୀଜୀଉଙ୍କ ତିନୋଟି ଆଜ୍ଞାମାଳ ଦିଅନ୍ତି। ଶ୍ରୀ ମନ୍ଦିର ବଳଦେବଜୀଉ ମନ୍ଦିରରେ କୃଷିର ଆରାଧ ଦେବ ହଳାୟୁଧ ରୋହିଣୀ ପୁତ୍ର ବଳରାମଙ୍କର ରେବତୀଙ୍କ ସହ ବିବାହୋତ୍ସବ ଅନୁଷ୍ଠିତ ହୋଇଥାଏ ଓ ଏହି ପୁଣ୍ୟ ଦିନ ଦିନ ପରଶୁରାମ ଓ ଜୟଦେବଙ୍କ ଜୟନ୍ତୀ ମଧ୍ୟ । ଏହି ପବିତ୍ର ଦିନରେ ବଦ୍ରୀନାଥ ଧାମ ଖୋଲା ଯିବାର ବିଧି ମଧ୍ୟ ରହିଛି। ଏହି ଦିନ ସ୍ୱର୍ଗରେ କୁବେର ଦେବତା ତାଙ୍କ ପଦ ଭାର ସମ୍ଭାଳି ଥିଲେ । ପୁରାଣ ବର୍ଣ୍ଣିତ ଅନୁସାରେ ସତ୍ୟ ଓ ତ୍ରେତୟା ଯୁଗର ଆରମ୍ଭ ଏହି ଦିନ ଆରମ୍ଭ ହୋଇଥିଲା ବୋଲି କିମ୍ବଦନ୍ତୀ ରହିଛି । ଏହି ପୁଣ୍ୟ ଦିବସରେ ବ୍ରହ୍ମା ଙ୍କ ପୁତ୍ର ଅକ୍ଷୟ ଜନ୍ମ ଲାଭ କରିଥିଲେ । ଏହି ଦିବସରେ ମହାଭାରତ ଯୁଦ୍ଧ ର ଅବସାନ ଘଟି ଥିଲା। ଏହି ଦିନ ଦୁଇ ବାଲ୍ୟ ବନ୍ଧୁ କୃଷ୍ଣ ଓ ସୁଦାମାଙ୍କ ର ଭେଟ ହୋଇ ଥିଲା ସର୍ବ ମୋଟରେ କହିବା କୁ ଗଲେ ଏହା ଠାରୁ ବଡ଼ ପବିତ୍ର ପୁଣ୍ୟ ଦିବସ ଓ ଶୁଭ ଅବସର ବର୍ଷକ ଭିତରେ ଆଉ କେଉଁ ସମୟ ନାହିଁ । ଏହି ଦିନରେ ଲୋକେ ନିଜ ନିଜ ଘରର ସମସ୍ତ ଶୁଭ କାର୍ଯ୍ୟ କରିଥାନ୍ତି, କାରଣ ସମସ୍ତଙ୍କର ବିଶ୍ୱାସ ଏଜି ଦିନ ଯେଉଁ ଶୁଭ କାର୍ଯ୍ୟ ହୁଏ ତାହା ମଝିରେ ଅଟକେ ନାହିଁ ଓ ସମସ୍ତ ଦେବା ଦେବୀଙ୍କର ଆଶିଷ ରହିଥାଏ।

+ଅରଙ୍ଗାବାଦ,ବରୀ, ଯାଜପୁର
ମୋ: ୯୯୩୮୯୦୬୦୭୦

## ଶ୍ୱଶୁର କାନ ହାଣିଲେ ଜ୍ୱାଇଁ

ନୀଳଗିରି, ୦୨/୦୫ (ନି.ପ୍ର): ବାଲେଶ୍ୱର ଜିଲ୍ଲା ନୀଳଗିରି ଥାନା ଅଧୀନ ଧୋବଶିଳା ଅଂଚଳରେ ଶ୍ୱଶୁର କାନକୁ ହାଣିଲା ଜ୍ୱାଇଁ । ପରେ ପରିବାର ଲୋକେ ଏକତ୍ରିତ ହୋଇ ନିର୍ଦ୍ଧୁମ ଛେଚି ତାଙ୍କୁ ଏକ ଗାଡ଼ିରେ ପକାଇ ଥାନାରେ ଦ୍ୱାରସ୍ଥ ପରେ ହସ୍‌ପିଟାଲରେ ଭର୍ତ୍ତି ହେବା ଘଟଣା ବେଶ୍ ଚର୍ଚ୍ଚାର ବିଷୟ ପାଲଟିଛି । ସୂଚନା ନୀଳଗିରି ଥାନା ଅଧୀନ ଧୋବଶିଳା ଅଂଚଳର ଗଣେଶ୍ୱର ମହାନ୍ତିଙ୍କ ଝିଅ ସବିତା କୁ ସେହି ଗ୍ରାମର ଦୈତାରି ମହାଳିକଙ୍କ ପୁଅ ଅରୁଣ ବିବାହ କରିଥିଲେ । ସବିତାକୁ ତାଙ୍କ ସ୍ୱାମୀ ଅରୁଣ ବାରମ୍ୱାର ନିର୍ଯ୍ୟାତନା ଦେଉଥିବା ବେଳେ ଏ ନେଇ ଅଭିଯୋଗ ହୋଇ ଆସୁଥିଲା । ଏପରିକି ଘଟଣାର ସମାଧାନ ମଧ୍ୟ ଥାନାରେ ହୋଇଥିଲା । ହେଲେ ଗତ ୨୩ ତାରିଖରେ ପୁଣି ଧମକ ଚମକ ଦେଇ ମାଡ଼ ମାରିବା ନେଇ ନୀଳଗିରି ଥାନାରେ ଅଭିଯୋଗ ହୋଇଥିଲା । ହେଲେ ପୋଲିସ କାର୍ଯ୍ୟାନୁଷ୍ଠାନ ନ ନେବାରୁ ଘଟଣା ଆଜି ଉଗ୍ର ରୂପ ନେଇଛି । ଅରୁଣ ଆସି ତାଙ୍କ ଶ୍ୱଶୁର ଘରେ ନିଶାସକ୍ତ ଅବସ୍ଥାରେ ପାଟିତୁଣ୍ଡ କରିବା ସହ ଏକ ଧାରୁଆ ଅସ୍ତ୍ରରେ ତାଙ୍କ ଶ୍ୱଶୁର କାନକୁ ହାଣି ଦେଇଥିଲା । ଫଳରେ ତାଙ୍କ ଶ୍ୱଶୁର ଗଣେଶ ପ୍ରସାଦ ବିକଳରେ ଗଡୁଥିବା ବେଳେ ତାଙ୍କ ପରିବାର ଲୋକେ ଜ୍ୱାଇଁଙ୍କୁ ବାନ୍ଧି ବେଶ୍ ଉତମ ମଧ୍ୟମ ଦେଇଥିଲେ । ତାଙ୍କୁ ଏକ ଗାଡ଼ିରେ ପକାଇ ଥାନାରେ ପହଂଚାଇଥିଲେ । ପୋଲିସ ଆଗେ ଯାଇ ଚିକିତ୍ସା ହୁଅ ପରେ ଆସ ବୋଲି କହିବା ପରେ ୨ଜଣଙ୍କର ସ୍ୱାସ୍ଥ୍ୟ ଅବସ୍ଥା ଗୁରୁତର ଥିବାରୁ ସେମାନଙ୍କୁ ହସପିଟାଲରେ ଭର୍ତ୍ତି କରାଯାଇଛି ।

## ବର୍ଦ୍ଧନପୁରରେ ନିଃଶୁଳ୍କ ମୋତିଆବିନ୍ଦୁ ଅସ୍ତ୍ରୋପଚାର ଶିବିର

ବାଲେଶ୍ୱର,୦୨/୦୫ (ନି.ପ୍ର): ବାଲେଶ୍ୱର ଲାୟନ୍ସ କ୍ଲବ, ବୁଲାଭାଇ ଆଗ୍ରୋ କେୟାର ଓ ଆରକେବି ପ୍ରଡକ୍ଟ ଡେଭେଲୋପମେଣ୍ଟର ମିଳିତ ସହଯୋଗରେ ଏକ ନିଃଶୁଳ୍କ ଚକ୍ଷୁ ପରୀକ୍ଷା ତଥା ଅସ୍ତ୍ରୋପଚାର ଶିବିର ସଦର ବ୍ଲକ ଅନ୍ତର୍ଗତ ବର୍ଦ୍ଧନପୁର ମଣିନାଗେଶ୍ୱର ବାତ୍ୟାଶ୍ରୟ ସ୍ଥଳ ପରିସରରେ ସୋମବାର ଅନୁଷ୍ଠିତ ହୋଇଯାଇଛି। ଡାକ୍ତର ପ୍ରିୟଦର୍ଶିନୀ ସାମନ୍ତ, ଡାକ୍ତର ଅରୂପ ଦେ, ଡାକ୍ତର ଶାନ୍ତି ବି ଦାସ, ଡାକ୍ତର ସଞ୍ଜୟ ମାଣିକ, ଡାକ୍ତର ଜୟନ୍ତ ନାୟକ ପ୍ରମୁଖ ଏଡି ଶିବିରରେ ଯୋଗଦେଇ ବର୍ଦ୍ଧନପୁର ସମେତ ଆଖପାଖ ଅଞ୍ଚଳର ୧୨୯ ଜଣଙ୍କ ଆଖି ପରୀକ୍ଷା କରିଥିଲେ। ଏଥିରୁ ଚିହ୍ନଟ ମୋତିଆବିନ୍ଦୁ ଥିବା ୩୪ ଜଣଙ୍କର ଚକ୍ଷୁ ଅସ୍ତ୍ରୋପଚାର କରାଯାଇଥିଲା। ଦୁର୍ଗାପ୍ରସନ୍ନ ମହାଳିକ, ଲୋକନାଥ ଶତପଥୀ, ଗୋପୀନାଥ ମହାକୁଡ଼ ପ୍ରମୁଖଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଆୟୋଜିତ ଶିବିରକୁ ଉଦୟ ରଞ୍ଜନ ପରିଡ଼ା, ବେଣୁଧର ମହାନ୍ତି ପ୍ରମୁଖଙ୍କ ସମେତ ସ୍ଥାନୀୟ ବାସିନ୍ଦା ପରିଚାଳନା କରିଥିଲେ।

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ ...

## ନିର୍ବାଚନ ରଣନୀତିକାର ....

କୌଣସି ଦଳ ପାଇଁ ପରାର୍ମଶଦାତା ନହୋଇ ହୁଏତ ନିଜର ଦଳ ଗଠନ କରିପାରନ୍ତି । ନିର୍ବାଚନ ରଣନୀତିକାର ପିକେ ଟୁଇଟ କରି ଯେଉଁ କଥା ଲେଖିଛନ୍ତି ସେଥିରୁ ଗୋଟେ କଥା ନିଶ୍ଚିତ କି ଖୁବ କମ ଦିନ ଭିତରେ କୌଣସି ବଡ ଘୋଷଣା କରିପାରନ୍ତି । କଂଗ୍ରେସ ସହ ଫାଟ ଦେଖାଯିବା ପରେ ଏବେ ନିଜ ନୂଆ ମିଶନ ମୁହାଁ ନିର୍ବାଚନୀ ରଣନୀତିକାର ପ୍ରଶାନ୍ତ କିଶୋର । ମନ ନ ମିଶିବାରୁ କଂଗ୍ରେସର ହାତ ଛାଡିଥିବା ପିକେ ଏବେ ପ୍ରତ୍ୟକ୍ଷ ରାଜନୀତିରେ ପାଦ ଦେବାକୁ ଯୋଜନା କରୁଛନ୍ତି । ସୋମବାର ସକାଳୁ ତାଙ୍କର ଗୋଟେ ଟୁଇଟ ଏହି ନୂଆ ସଙ୍କେତ ଦେଇଛି । ଟୁଇଟରୁ ଅନୁମାନ କରାଯାଉଛି ଯେ ପ୍ରଶାନ୍ତ ଖୁବ ଶିଘ୍ର ନୂଆ ରାଜନୈତିକ ଦଳ ଗଠନ କରି ପାରନ୍ତି । ଟୁଇଟରେ ପ୍ରଶାନ୍ତ ଲେଖିଛନ୍ତି ଯେ, ଗଣତନ୍ତ୍ର ସହ ଏବେ ସିଧାସଳଖ ସାମିଲ ହେବା ଏବଂ ଲୋକଙ୍କ ପାଇଁ କାର୍ଯ୍ୟନୀତି ପ୍ରସ୍ତୁତ କରିବାର ସମୟ ଆସିଛି । ପ୍ରକୃତ ମାଲିକ ହୋଇ ଜନତାଙ୍କ ନିକଟରେ ପହଁଚି ସେମାନଙ୍କ ସମସ୍ୟା ବୁଝିବା ପାଇଁ ସମୟ ଆସିଛି । ଏହି ନୂଆ ଯାତ୍ରା ବିହାରରରୁ ଆରମ୍ଭ ହେବ । ବିହାରରୁ ଆରମ୍ଭ ହେବାକୁ ଥିବା ପ୍ରଶାନ୍ତଙ୍କ ଏହି ନୂଆ ଅଭିଯାନର ନାଁ ରହିଛି ଜନ ସୁରାଜ ଅର୍ଥାତ ଲୋକଙ୍କ ପାଇଁ ସୁଶାସନ । କଂଗ୍ରେସ ସହ ସର୍ମ୍ପକ ତୁଟିବା ପରେ ଆଗକୁ ପ୍ରଶାନ୍ତଙ୍କ ଯୋଜନା କଣ ରହିବ ? ତାଙ୍କର ରାଜନୈତିକ ଭବିଷ୍ୟତ କେଉଁ ଦିଗକୁ ଯିବ ଏନେଇ କଳ୍ପନା ଲାଗି ରହିଥିଲା । ବର୍ତ୍ତମାନ ତାଙ୍କର ଏହି ଟୁଇଟ ଏହି ସସପେନ୍ସ ଉପରୁ ପର୍ଦ୍ଦା ଉଠାଇ ତାଙ୍କ ଆଗାମୀ ଯୋଜନା ସମ୍ବନ୍ଧରେ ସଙ୍କେତ ଦେଉଛନ୍ତି ପିକେ ।

## ବିଡିଓଙ୍କୁ ମାଡ ଅଭିଯୋଗରେ....

ଅଭିଯୋଗ କରିଛନ୍ତି ଦେବଗଡ ବିଧାୟକ ସୁବାସ ପାଣିଗ୍ରାହୀ। ଗିରଫ ହେବା ପରେ ସ୍ୱାସ୍ଥ୍ୟ ଜନିତ ସମସ୍ୟା ଦେଖାଦେଇଥିବାରୁ ବିଧାୟକ ସୁବାସ ପାରିଗ୍ରାହୀଙ୍କୁ ହସ୍ପିଟାଲରେ ଭର୍ତି କରାଯାଇଛି । ସେ କହିଛନ୍ତି ତାଙ୍କୁ କାହିଁକି ଏଭଳି ଗିରଫ କରାଗଲା କିଛି ବୁଝିପାରୁ ନାହାନ୍ତି । ମିଛଟାରେ ଏତଲା ଦିଆଯାଇ ଗିରଫ କରାଯାଇଛି । ବିଧାୟକ ଭାବେ ସବୁ ଅଫିସରଙ୍କୁ ପଚାରିବାର ଅଧିକାର ରହିଛି। ଯଦି ପ୍ରଶ୍ନ ପଚାରିଲେ ଗିରଫ କରାଯିବ, ତାହେଲେ ଉନ୍ନତିମୂଳକ କାମ କେମିତି ହେବ ? ଦେବଗଡ଼ ଜିଲ୍ଲାକୁ ଯେଉଁ ଟଙ୍କା ଆସୁଛି ହରିଲୁଟ ହେଉଛି । କହିଲେ ସେମାନେ ଆମକୁ ହତ୍ୟା ଧମକ ଦେବାକୁ ପଛାଉ ନାହାନ୍ତି। କୌଣସି ତଦନ୍ତ ନ କରି ବିଜେଡି ଚାପରେ ମୋତେ ଗିରଫ କରାଯାଇଛି ବୋଲି ଅଭିଯୋଗ କରିଛନ୍ତି ବିଧାୟକ ସୁବାସ ପାଣିଗ୍ରାହୀ। ଶନିବାର ତିଳେଇବଣି ବିଡିଓ କୃଷ୍ଣଚନ୍ଦ୍ର ଦଳପତି ଦେବଗଡ଼ ଥାନାରେ ବିଧାୟକ ସୁବାସ ଚନ୍ଦ୍ର ପାଣିଗ୍ରାହୀଙ୍କ ନାଁରେ ଅଭିଯୋଗ କରିଥିଲେ। ବିଡିଓ ଛେପିଲିପାଲି ପଂଚାୟତ ଅନ୍ତର୍ଗତ ଭାଲିଆଗୁଡ଼ି ଗାଁକୁ ହାଇକୋର୍ଟଙ୍କ ନିର୍ଦ୍ଦେଶକ୍ରମେ ଏକ ଯୁଗ୍ମ ତଦନ୍ତରେ ଯାଇଥିବା ବେଳେ ବିଧାୟକ ଓ ତାଙ୍କର ୧୦ରୁ ଅଧିକ ସହଯୋଗୀ ଏବଂ କର୍ମୀ ମିଶି ତାଙ୍କୁ ମରଣାନ୍ତକ ଆକ୍ରମଣ କରିଥିବା ସେ ତାଙ୍କ ଏତଲାରେ ଦର୍ଶାଇଥିଲେ।

## ରାଜ୍ୟରେ ପ୍ରତିଷ୍ଠା ହେବ....

ନରସିଂହପୁର ଏବଂ ବଡମ୍ବା, ଗଞ୍ଜାମ ଜିଲ୍ଲାର ସୋରଡା ଏବଂ ସୋନପୁର ଜିଲ୍ଲାର ରାମପୁର ଠାରେ ହେବ । ଏଗାରଟି ସ୍ଥାନରେ ସିଭିଲ ଜଜ କୋର୍ଟ (ଜୁନିଅର ଡିଭିଜନ) ସ୍ଥାପନ ହେବ । ଏଗୁଡିକ ବଲାଙ୍ଗିର ଜିଲ୍ଲାର ତୁଷରା, ଢେଙ୍କାନାଳ, ବାଲେଶ୍ୱର ଜିଲ୍ଲାର ସୋରୋ, ସିମୁଳିଆ, ବାହାନାଗା ଏବଂ ଜଳେଶ୍ୱର, ଯାଜପୁର ଜିଲ୍ଲାର ଚଣ୍ଡିଖୋଲ, ଦେବଗଡ ଜିଲ୍ଲାର ବାରକୋଟ, ଜଗତସିଂହପୁର ଜିଲ୍ଲାର ନାଉଗାଁ ଏବଂ କନ୍ଧମାଳ ଜିଲ୍ଲାର କେ.ନୂଆଗାଁ ଏବଂ ଖଜୁରୀପଡାରେ ପ୍ରତିଷ୍ଠା ହେବ । ଏଥି ସହିତ ମିଟି ମଧ୍ୟ ୧୦ଟି ବାଣିଜ୍ୟିକ ଅଦାଲତ ପ୍ରତିଷ୍ଠା ପାଇଁ ସ୍ଥିର କରିଛନ୍ତି । ଏଗୁଡିକ ମଧ୍ୟରେ କଟକ ସଦର, ଭୁବନେଶ୍ୱର, ପୁରୀରେ ଦୁଇଟି, ବାଲେଶ୍ୱର ସଦର, ବଲାଙ୍ଗିର ସଦର, କେନ୍ଦ୍ରାପଡା ସଦର, ଜୟପୁର, ରାଉରକେଲା ଏବଂ ଗୋଟିଏ ଲିଭ୍ ରିଜର୍ଭ ଅଦାଲତ ହେବ । ବୈଠକରେ ଏହିସବୁ ଅଦାଲତ ପ୍ରତିଷ୍ଠା ପାଇଁ ୨୧.୨୬ କୋଟି ଟଙ୍କାର ବଜେଟ୍‌କୁ ଅନୁମୋଦନ କରାଯାଇଛି । ଅତିରିକ୍ତ ଜିଲ୍ଲା ଓ ସେସନ ଅଦାଲତ ପାଇଁ ୫.୨୦ କୋଟି ଟଙ୍କା ମଞ୍ଜୁର ହୋଇଥିବାବେଳେ ସିଭିଲ ଜଜ୍ ଅଦାଲତ (ସିନିଅର ଡିଭିଜନ) ପାଇଁ ୩.୬୦କୋଟି, ସିଭିଲ ଜଜ୍ (ଜୁନିଅର ଡିଭିଜନ) ବାଣିଜ୍ୟିକ ଅଦାଲତ ପାଇଁ ୬.୩୦ କୋଟି ଟଙ୍କା ମଞ୍ଜୁର ହୋଇଛି । ଉଚ୍ଚ କ୍ଷମତା ସମ୍ପନ୍ନ କମିଟି ୪ଟି ବାଣିଜ୍ୟିକ ଅଦାଲତ ଭୁବନେଶ୍ୱର, କଟକ, ସମ୍ବଲପୁର ଏବଂ ବ୍ରହ୍ମପୁର ଠାରେ ପ୍ରତିଷ୍ଠାକୁ ଅନୁମୋଦନ କରିଥିବାବେଳେ ନୟାଗଡ ଜିଲ୍ଲାର ଓଡଗାଁ ଠାରେ ସିଭିଲ ଜଜ୍ କୋର୍ଟ (ସିନିଅର ଡିଭିଜନ) କୁ ଅନୁମୋଦନ କରାଯାଇଛି । ଓଡିଶା ହାଇକୋର୍ଟଙ୍କ ଅନୁମୋଦନ ପରେ ମଞ୍ଜୁରୀ ପାଇଥିବା ଏହି ଅଦାଲତ ପର୍ଯ୍ୟାୟ କ୍ରମେ ପ୍ରତିଷ୍ଠା ହେବ ବୋଲି ମନ୍ତ୍ରୀ ଶ୍ରୀ ଜେନା କହିଛନ୍ତି ।

## ୩୧ ରେ ବ୍ରଜରାଜନଗର....

ଏହାସହିତ ପ୍ରାର୍ଥୀଙ୍କୁ ଅତିକମରେ ୩ ଥର ନିଜର ଅପରାଧିକ କାର୍ଯ୍ୟକଳାପ ସମ୍ପର୍କିତ ତଥ୍ୟ ବିଜ୍ଞାପନ ମାଧ୍ୟମରେ ଭୋଟରଙ୍କୁ ଅବଗତ କରାଇବାକୁ ପଡ଼ିବ। ବ୍ରଜରାଜନଗର ଉପ-ନିର୍ବାଚନ ଲଢ଼ିବା ପାଇଁ ସ୍ୱର୍ଗତ କିଶୋର ମହାନ୍ତିଙ୍କ ପତ୍ନୀ ଅଲକା ମହାନ୍ତି ଆଶାୟୀ ଥିବା ବେଳେ ସ୍ୱାସ୍ଥ୍ୟମନ୍ତ୍ରୀ ନବ ଦାସଙ୍କ ଝିଅ ଦୀପାଳିଙ୍କ ନାଁ ମଧ୍ୟ ଆଲୋଚନା ହେଉଛି। ସୂଚନାଯୋଗ୍ୟ, ଗତ ଡିସେମ୍ବର ୩୦ ତାରିଖରେ ହୃଦ୍‌ଘାତ ଯୋଗୁ ବିଧାୟକ କିଶୋର ମହାନ୍ତିଙ୍କର ୬୪ ବର୍ଷ ବୟସରେ ପରଲୋକ ହୋଇଥିଲା।

## ମିତ୍ରପୁରସ୍ଥିତ ବ୍ଲୁ ଲେକ ପାଲଟିଛି ମରଣଯନ୍ତା

ନୀଳଗିରି, ୦୨/୦୫ (ନି.ପ୍ର): ମିତ୍ରପୁରସ୍ଥିତ ସିନ୍ଦୁରଗୌରା ଠାକୁରାଣୀ ନିକଟସ୍ଥ ଥିବା ବ୍ଲୁଲେକ ଏବେ ମରଣଯନ୍ତା ପାଲଟିଥିବା ବେଳେ ରବିବାର ଦିନ ସାଂଗମାନଙ୍କ ମେଳରେ ବେତନଟି ଅଚଂଳର କିଛି ଯୁବକ ସୌନ୍ଦର୍ଯ୍ୟ ଉପଭୋଗ କରିବାକୁ ଯାଇ ଗାଧୋଉ ଥିବା ବେଳେ ଜୈନିକ ଯୁବକର ଗୋଡ଼ ଖସିଯିବାରୁ ସେଠାରେ ସେ ବୁଡ଼ି ଯାଇଥିଲା । ପରେ ଉପସ୍ଥିତ ସାଂଗମାନେ ଶତଚେଷ୍ଟା ପରେ ବି ସାଂଗକୁ ଠାବ କରି ପାରି ନ ଥିଲେ । ଘଟଣା ପ୍ରଚାରିତ ହେବା ପରେ ନୀଳଗିରି ଅଗ୍ନିଶମ ବାହିନୀ ଘଟଣାସ୍ଥଳରେ ପହଂଚି ବହୁ ଖୋଜାଖୋଜି କଲାପରେ ବି ଯୁବକର ମୃତଦେହକୁ ଠାବ କରି ପାରି ନ ଥିଲେ । ପ୍ରାପ୍ତ ସୂଚନା ଅନୁଯାୟୀ ମୟୂରଭଂଜ ମୃତ ଦେହକୁ ଠାବ କରି ପାରି ନ ଥିଲେ । ପ୍ରାପ୍ତ ସୂଚନା ଅନୁଯାୟୀ ମୟୂରଭଂଜ ଜିଲ୍ଲା ବେତନଟୀ ଅଂଚଳର ୯ଜଣ ସାଂଗ ଉକ୍ତ ବ୍ଲୁଲେକ କୁ ବୁଲିବାକୁ ଆସିଥିବା ବେଳେ ଲେକରେ ଗାଧୋଉଥିବା ବେଳେ ବେତନଟି ଅଧିନସ୍ଥ ପାଇକପଡ଼ା ଗ୍ରାମର ବିଶ୍ୱଜିତ କଟାବ (୧୯) ଅସାବଧାନତା ଯୋଗୁଁ ଗୋଡ଼ ଖସିଯିବାରୁ ଗଭୀର ଲେକ ମଧ୍ୟକୁ ଚାଲିଯାଇଥିଲା । ବହୁ ବର୍ଷ ପୂର୍ବରୁ ଏଠାରେ ପଥର ଖାଦାନ କରାଯାଉଥିବା ବେଳେ ଏହାର ଗଭୀର ୨୦୦ଫୁଟରୁ ଅଧିକ ହୋଇଥିବା ବେଳେ ନୀଳ ଜରାଶି ଏହାରସୌନ୍ଦର୍ଯ୍ୟ କୁ ଦ୍ୱିଗୁଣିତ କରିଥିବା ବେଳେ ଏହାକୁ ଏକ ପର୍ଯ୍ୟଟନସ୍ଥଳୀର ମାନ୍ୟତା ଦେବା ପାଇଁ ତତ୍‌କାଳିନ ନୀଳଗିରି ଉପଜିଲ୍ଲାପାଳ ଅବୋଲି ନରଓ୍ୱେଣେ ବ୍ଲୁପ୍ରିଂଟ ପ୍ରସ୍ତୁତ କରିଥିଲେ । ତାଙ୍କ ବଦଳି ପରେ ଏହା କାର୍ଯ୍ୟକ୍ଷମ ହୋଇ ପାରି ନ ଥିଲା । ଗତବର୍ଷ ମଧ୍ୟ ଉକ୍ତ ବ୍ଲୁଲେକରେ ଜନୈକ ଯୁବକଙ୍କର ମୃତ୍ୟୁ ଘଟିଥିଲା । ଗତକାଲି ଯୁବକର ମୃତ ଦେହ ଠାବ କରାଯାଇ ପାରି ନ ଥିବା ବେଳେ ଆଜି ପ୍ରଶାସନ ପକ୍ଷରୁ ୧୭ଜଣ ଓଡ୍ରାଫ ଟିମ୍ ପହଂଚି ବହୁ ଖୋଜାଖୋଜି କଲା ପରେ ବି ଯୁବକର ମୃତ ଦେହ ଠାବ କରାଯାଇ ପାରି ନାହିଁ । ଫଳରେ ପରିବାର ଲୋକେ ଚିନ୍ତାରେ ପଡ଼ିଥିବା ବଳେ ପୁଅର ମଲା ମୁହଁକୁ ଦେଖିବା ପାଇଁ ଚାତକ ପରି ବ୍ଲୁ ଲେକ ନିକଟରେ ଅନାଇ ବସିଛନ୍ତି । ଅନ୍ୟପରେ ବ୍ଲୁଲେକେ ଚାରିପଟେ ପ୍ରଶାସନ ପକ୍ଷରୁ ନିରାପଦ ବ୍ୟବସ୍ଥା ନ ଥିବାରୁ ଏପରି ଅଘଟଣ ଘଟୁଥିବା ବେଳେ ନିରାପତା ବ୍ୟବସ୍ଥା ପାଇଁ ସାଧାରଣରେ ଦାବି ହୋଇଛି ।

## ଶିବସେନା ପକ୍ଷରୁ ଛତ୍ରପତି ଶିବାଜୀ ମହାରାଜଙ୍କ ୩୯୫ତମ ଜୟନ୍ତୀ ପାଳିତ




ବାଲେଶ୍ୱର, ୦୨/୦୫ (ନି.ପ୍ର): ବାଲେଶ୍ୱର ଶିବସେନା ପକ୍ଷରୁ ମହାନ୍ ଯୋଦ୍ଧା, ମହାନ୍ ବୀର ଛତ୍ରପତି ଶିବାଜୀ ମହାରାଜଙ୍କ ୩୯୫ତମ ଜୟନ୍ତୀ ଜିଲ୍ଲା କାର୍ଯ୍ୟାଳୟ ଠାରେ ପାଳିତ ହୋଇଯାଇଛି । ଏହି ଉତ୍ସବରେ ବିଶିଷ୍ଟ ସମାଜସେବୀ ଅଜୟ କୁମାର ବିଶ୍ୱାଳ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିବାବେଳେ, ଉତ୍ତର ଓଡ଼ିଶା ସମ୍ପର୍କ ପ୍ରମୁଖ ଅକ୍ଷୟ ଦାସ ସମ୍ମାନିତ ଅତିଥି ଭାବେ ଯୋଗଦାନ କରିଥିଲେ ଓ ଜିଲ୍ଲା ପ୍ରମୁଖ ପଦ୍ମଲୋଚନ ପତିଙ୍କ ସଭାପତିତ୍ୱ କରିଥିଲେ । ଛତ୍ରପତି ଶିବାଜୀ ମହାରାଜ ଏକ ଆଦର୍ଶ ରାଜା ଭାବେ ବିଶ୍ୱର ସର୍ବଶ୍ରେଷ୍ଠ ସ୍ଥାନ ଅଧିକାର କରିଥିଲେ, ଛତ୍ରପତିଙ୍କ ଶାସନ, ଅନୁଶାସନ, ଦର୍ଶନ ଆଦିର ଯୁବସମାଜପାଇଁ ପଥ ପ୍ରଦର୍ଶକ। ପ୍ରାତଃ ଭୋଜନ ପ୍ରଦାନ କରାଯିବା ସହ ଦିବସ ବ୍ୟାପୀ କାର୍ଯ୍ୟକ୍ରମ ମାନ ଅନୁଷ୍ଠିତ ହୋଇଥିଲା । ଏହି କାର୍ଯ୍ୟକ୍ରମରେ ଉପଦେଷ୍ଟା ପୂର୍ଣ୍ଣଚନ୍ଦ୍ର ବେହେରା, ଉପପ୍ରମୁଖ ମନୋରଞ୍ଜନ ପରିଡ଼ା, ଅରବିନ୍ଦ ଆଚାର୍ଯ୍ୟ, ରତନ ପାତ୍ର, ଫୁନା ମହାପାତ୍ର, କମଳାକାନ୍ତ ସ, ଗଙ୍ଗାଧର ବିନ୍ଧାଣୀ, ଯୋଗେନ୍ଦ୍ର ଦାସ, ଅବନ୍ତୀ ପରିଡ଼ା, ସୀତାରାଣୀ ଜେନା, ସୁଶାନ୍ତ ସ୍ୱାଇଁ, ଅତନୁ ଦାସ, ପଦ୍ମଲୋଚନ ଦଣ୍ଡ, ସୁରେଶ ଚନ୍ଦ୍ର ରଣା ପ୍ରମୁଖ ଉପସ୍ଥିତ ଥିଲେ ।

## ଓୟୁଜେର ବ୍ଲକ ସ୍ତରୀୟ ବୈଠକ ଅନୁଷ୍ଠିତ



ଲଙ୍ଗଳେଶ୍ୱର, ୦୨/୦୫ (ନି.ପ୍ର): ବାଲେଶ୍ୱର ଜିଲ୍ଲା ସିଂଲା ହାଇସ୍କୁଲ ପରିସରରେ ବସ୍ତା - ବାଲିଆପାଳ ବ୍ଲକ ର ଓୟୁଜେ ବାଲେଶ୍ୱର ଜିଲ୍ଲା ଶାଖା ପକ୍ଷରୁ ବ୍ଲକ ସ୍ତରୀୟ ବୈଠକ ଅନୁଷ୍ଠିତ ହୋଇ ଯାଇଛି। ବାଲେଶ୍ୱର ଜିଲ୍ଲା ଶାଖା ସଭାପତି ଗଙ୍ଗାଧର ରାଉତ ଏଥିରେ ଅଧକ୍ଷତା କରିଥିଲେ।ଏହି ଅବସରରେ ସାମ୍ବାଦିକ ଙ୍କ ସ୍ୱାସ୍ଥ୍ୟ ବୀମା, ସାମ୍ବାଦିକଙ୍କ ଉପରେ ହେଉଥିବା ବାରମ୍ବାର ଆକ୍ରମଣ ଉପରେ ସଭ୍ୟ ମାନେ ଉଦବେଗ ପ୍ରକାଶ କରିଥିଲେ। ଏ ସମ୍ପର୍କରେ ଜିଲ୍ଲା ଶାଖା ର ପ୍ରସ୍ତାବ କ୍ରମେ ରାଜ୍ୟ ସଙ୍ଘ ପକ୍ଷରୁ ସରକାରଙ୍କୁ ବିଭିନ୍ନ ଫୋରମ ରେ ଅବଗତ କରାଯାଉଛି ବୋଲି ସଭାପତି ଶ୍ରୀ ରାଉତ କହିଥିଲେ। ସମ୍ବାଦ ପତ୍ରର ବିକ୍ରେତା ମାନଙ୍କୁ ସରକାର ପରିଚୟ ପତ୍ର ପ୍ରଦାନ କରିଥିବାରୁ ସରକାରଙ୍କୁ ଧନ୍ୟବାଦ ଜଣାଯାଇଥିଲା।ଏଥି ସହିତ ଆଗାମୀ ଦିନରେ ସଙ୍ଘର ବିଭିନ୍ନ କାର୍ଯ୍ୟକ୍ରମ ସମ୍ପର୍କରେ ଆଲୋଚନା ହୋଇଥିଲା। ଓଡ଼ିଶା ସାମ୍ବାଦିକ ୟୁନିୟନ ରାଜ୍ୟରେ ଏକ ଅଗ୍ରଣୀ ସଂଗଠନ ହୋଇ ସାମ୍ବାଦିକ ମାନଙ୍କ ସମସ୍ୟା ଓ ସ୍ୱାର୍ଥ ସୁରକ୍ଷା ପାଇଁ ଅହରହ କାର୍ଯ୍ୟ କରୁଥିବାରୁ ରାଜ୍ୟ ସଭାପତି ପ୍ରସନ୍ନ କୁମାର ମହାନ୍ତିଙ୍କୁ ସଭ୍ୟ ମାନେ ଧନ୍ୟବାଦ ଜଣାଇଥିଲେ। ଏହି ବୈଠକରେ ସାମ୍ବାଦିକ ରଞ୍ଜନ ବେହେରା, ରବିରଞ୍ଜନ ତ୍ରିପାଠୀ, ରାଧା ଗୋବିନ୍ଦ ଦାସ, ଉମାକାନ୍ତ ମହାନ୍ତି, କମଳାକାନ୍ତ ଦାସ, ସତ୍ୟରଞ୍ଜନ ସାହୁ, ପ୍ରଶାନ୍ତ ସେନାପତି, ଜଗତ କୁମାର ଗିରି,ଭରତ ସାହୁ,ପ୍ରମୁଖ ଉପସ୍ଥିତ ଥିଲେ।

## ଆଇନ ମହାବିଦ୍ୟାଳୟ ଆଲୁମନି ସଂଘ




ବାଲେଶ୍ୱର, ୦୨/୦୫ (ନି.ପ୍ର): ବାଲେଶ୍ୱର ନୃତ୍ୟ ସଂଗୀତ କଳା ମନ୍ଦିର ପରିସରରେ ବାଲେଶ୍ୱର ଆଇନ ମହାବିଦ୍ୟାଳୟ ଆଲୁମନି ସଂଘ ପକ୍ଷରୁ ଗୁରୁବାର ସନ୍ଧ୍ୟାରେ ଆଇନଜୀବୀ ଦିବସ ପାଳିତ ହୋଇଯାଇଛି। ବରିଷ୍ଠ ଆଇନ ଜୀବୀ ତଥା ସଂଘର ସଭାପତି ବୈଲୋଚନ ଦାସଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମ ଆରମ୍ଭରେ ସଂଘର ପ୍ରତିଷ୍ଠାତା ସଭ୍ୟ ବିଭୁ ରଞ୍ଜନ ମିଶ୍ରଙ୍କ ବିୟୋଗରେ ୧ ମିନିଟ୍ ନିରବ ପ୍ରାର୍ଥନା କରାଯାଇଥିଲା। ମୁଖ୍ୟ ଅତିଥି ଭାବେ ବରିଷ୍ଠ ସାମ୍ବାଦିକ କୁଳମଣି ବାରିକ ଯୋଗଦେଇ ମଧୁବାବୁ ଓ ବାଲେଶ୍ୱରରର ସମ୍ପର୍କ ବାବଦରେ ଆଲୋକପାତ କରିଥିଲେ। ମୁଖ୍ୟବକ୍ତା ଭାବେ ପ୍ରମେୟ ବାଲେଶ୍ୱର ସଂସ୍କରଣ ମୁଖ୍ୟ ସତ୍ୟଶିବ ଦାସ ଯୋଗ ଦେଇ ମଧୁବାବୁଙ୍କ ସମାଗ୍ରିକ ଜୀବନ ଦର୍ଶନ ଉପରେ ବକ୍ତବ୍ୟ ଦେଇଥିଲେ। ସମ୍ମାନିତ ଅତିଥି କବି ପ୍ରଶାନ୍ତ ଦାସ, ବାଲେଶ୍ୱର ବାର ଆସୋସିଏସନ ବରିଷ୍ଠ ଆଇନଜୀବୀ ଜୟରାମ ଜେନା ଆଇନଜୀବୀଙ୍କ କର୍ତ୍ତବ୍ୟ ଉପରେ ବକ୍ତବ୍ୟ ରଖିଥିଲେ। ଅନ୍ୟତମ ଅତିଥି ଶିଳ୍ପପତି ଭଗବାନ ଦାସ ଖଣ୍ଡେଲୱାଲ ଆଇନ ପରିସରରେ ଲୋକଙ୍କୁ ନ୍ୟାୟ ଦେବା ପାଇଁ ଅଇନଜୀବୀଙ୍କୁ ପରାମର୍ଶ ଦେଇଥିଲେ। ସଂଘର ସମ୍ପାଦକ ସମାଜସେବୀ ସାଇରୁଲ ହକ୍ ସମ୍ପାଦକୀୟ ବିବରଣୀ ପାଠ କରିଥିଲେ। ଅନ୍ୟ ମାନଙ୍କ ମଧ୍ୟରେ ବରିଷ୍ଠ ଆଇନଜୀବୀ ରାଇମୋହନ ପଟ୍ଟନାୟକ, ତପନ କୁମାର ପତି, ରବୀନ୍ଦ୍ର ନାଥ ସ, ଅନୁପମା ରାଉତ, ଦୀପକ କୁମାର ଦାସ, ମନୋଜ କୁମାର ଖଟୁଆ, ପ୍ରତ୍ୟୁଷ କୁମାର ଜେନା, କାର୍ତ୍ତିକ କୁମାର ସି, ବିକ୍ରମ କେଶରୀ ମହାନ୍ତି, ସୁମନ୍ତ ମହାପାତ୍ର, ପ୍ରଭାତ ଖଣ୍ଡେଲୱାଲ, ସାରିଦ ଖାନ୍, ମମତା ବେହେରା, ଲକ୍ଷ୍ମୀଚନ୍ଦ୍ର ପଣ୍ଡା, ସିପ୍ରା ବାଜପେୟୀ, ବିଜୟ ମହାନ୍ତି, ରାମାକାନ୍ତ ପରିଡା, ଧୀରେନ୍ଦ୍ର ଜଟାନିଆ ପ୍ରମୁଖ ବକ୍ତବ୍ୟ ରଖିଥିଲେ। ଆଇନଜୀବୀ ସୁବାସ ଚନ୍ଦ୍ର ସାମନ୍ତ ଧନ୍ୟବାଦ ଅର୍ପଣ କରିଥିଲେ।

## ଓମ୍ ଶ୍ରୀ କମ୍ପ୍ୟୁଟର ସେଣ୍ଟରର ପୁରସ୍କାର ବିତରଣ ଉତ୍ସବ




ଉଦଳା, ୦୨/୦୫ (ନି.ପ୍ର): ସ୍ଥାନୀୟ ଓମ୍ ଶ୍ରୀ କମ୍ପ୍ୟୁଟର ସେଣ୍ଟର ତରଫରୁ ଏକ ପୁରସ୍କାର ବିତରଣ ଉତ୍ସବ ଚଳିତ ମଇ ମାସ ୧ ତାରିଖ ରବିବାର ଦିନ ଅନୁଷ୍ଠିତ ହୋଇଯାଇଛି । ଏହି ଅବସରରେ ଆଲୋଚନା ଚକ୍ର, ପୁରସ୍କାର ବିତରଣ ଓ ସମ୍ବର୍ଦ୍ଧନା ପ୍ରଦାନର ପର୍ବ ଅନୁଷ୍ଠିତ ହୋଇଥିଲା । ସଂସ୍କୃତ ଶିକ୍ଷକ ଅକ୍ଷୟ କୁମାର ଦାସ କାର୍ଯ୍ୟକ୍ରମରେ ସଭାପତି ଭାବରେ ଯୋଗଦେଇ ଓମ୍ ଶ୍ରୀ କମ୍ପ୍ୟୁଟର ସେଣ୍ଟରର ଆଜିର ଉତ୍ସବକୁ କେନ୍ଦ୍ର କରି ଏକ ସ୍ୱରଚିତ କବିତା ପାଠ କରିଥିଲେ । ଯାହାକି ସମସ୍ତଙ୍କ ମନକୁ ବେଶ୍ ଛୁଇଁଥିଲା । ଏହାପରେ କମ୍ପ୍ୟୁଟର ସେଣ୍ଟରର ନିର୍ଦ୍ଦେଶକ ଜୟନ୍ତୀ ବିଶ୍ୱାଳ ଉଦଳାରେ ଏହା ପ୍ରତିଷ୍ଠା ହେବା ଦିନ ଠାରୁ ଆଜି ପର୍ଯ୍ୟନ୍ତ ଦୀର୍ଘ ୫ ବର୍ଷର ସୁବିସ୍ତୃତ ଇତିହାସ ବର୍ଣ୍ଣନା କରିବା ସହିତ ଜୀବନ ବଞ୍ଚିବା ପାଇଁ ବର୍ତ୍ତମାନ କମ୍ପ୍ୟୁଟର ଶିକ୍ଷା ଜରୁରୀ ହୋଇ ପଡ଼ିଛି ବୋଲି ବ୍ୟକ୍ତ କରିଥିଲେ । ଉଦଳା ବିଜ୍ଞାପିତ ଅଞ୍ଚଳ ପରିଷଦର ନଗରପାଳ ପ୍ରମିଳା ପଣ୍ଡା, ସେବା ନିବୃତ ସେନା ଅଧିକାରୀ ରବୀନ୍ଦ୍ର ନାଥ ପଣ୍ଡା ଓ ଉଦଳା ଓକିଲ ସଂଘର ସଂପାଦକ ବସନ୍ତ କୁମାର ପରିଡ଼ା ଯଥାକ୍ରମେ ମୁଖ୍ୟ ଅତିଥି, ମୁଖ୍ୟ ବକ୍ତା ଓ ସମ୍ମାନିତ ଅତିଥି ଭାବରେ ଯୋଗଦେଇ ଆଗାମୀ ଦିନରେ ବ୍ୟାଙ୍କରେ ଟଙ୍କା ଦେଣନେଣ ଠାରୁ ଆରମ୍ଭ କରି ଅଦାଲତରେ ମକଦ୍ଦମା ଫାଇଲ କରିବା ପର୍ଯ୍ୟନ୍ତ ସବୁକିଛି କମ୍ପ୍ୟୁଟର ମାଧ୍ୟମରେ ହେବ, ତେଣୁ ସମସ୍ତଙ୍କ ପାଇଁ ଏହା ଶିଖିବା ଜରୁରୀ ବୋଲି ବ୍ୟକ୍ତ କରିଥିଲେ। ଏହାପରେ ଛାତ୍ରଛାତ୍ରୀ ମାନଙ୍କୁ ଅତିଥି ବୃନ୍ଦ ପୁରସ୍କାର ବିତରଣ କରିଥିଲେ । କାର୍ଯ୍ୟକ୍ରମକୁ ସଫଳ କରିବାରେ ସୁରେଶ୍ୱର ମହାନ୍ତ, ସୁବ୍ରତ କୁମାର ମହାନ୍ତି, ଖଗେଶ୍ୱର ବିଶ୍ୱାଳ, ଉତ୍ତମ ରାଉତ, ଯସ୍ମିନୀ ବିଶ୍ୱାଳ, ବ୍ରହ୍ମାନନ୍ଦ ନାୟକ, ସୌଭାଗ୍ୟ ରଂଜନ ନାୟକ ପ୍ରମୁଖ ସହଯୋଗ କରିଥିଲେ । କମ୍ପ୍ୟୁଟର ସେଣ୍ଟର ଅଧକ୍ଷ ଅନୀତା ବିଶ୍ୱାଳ ପ୍ରାରମ୍ଭରେ ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ପ୍ରଦାନ କରିଥିବା ବେଳେ ଦୀପକ ବିଶ୍ୱାଳ କାର୍ଯ୍ୟକ୍ରମର ଶେଷ ସ୍ପର୍ଶ ଦେଇଥିଲେ ।

## ଛାତ୍ରବୃତ୍ତି ପ୍ରଦାନ ଉତ୍ସବ



ଲଙ୍ଗଳେଶ୍ୱର, ୦୨/୦୫ (ନି.ପ୍ର): କଷାଫଳ ଭଗବାନ ଚନ୍ଦ୍ର ସରକାରୀ ଉଚ୍ଚ ବିଦ୍ୟାଳୟ ରେ ଆଜି ସ୍ୱର୍ଗତ ଶ୍ରୀପତି କର ଛାତ୍ରବୃତ୍ତି ପ୍ରଦାନ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଗତ ବର୍ଷ ନବମ ଶ୍ରେଣୀ ରେ ଅଧିକ ନମ୍ବର ରଖି ପ୍ରଥମ ଦ୍ୱିତୀୟ ଓ ତୃତୀୟ ସ୍ଥାନ ଅଧିକାର କରିଥିବା ତିନି ଛାତ୍ରୀଙ୍କୁ ବୃତ୍ତି ପ୍ରଦାନ କରାଗଲା।ଏଇ ବୃତ୍ତି ସ୍ୱର୍ଗତ ଶ୍ରୀପତି କର ଙ୍କ ସ୍ମୃତି ଉଦେଶ୍ୟ ରେ ଛାତ୍ରଛାତ୍ରୀଙ୍କୁ ପ୍ରୋତ୍ସାହିତ କରିବା ପାଇଁ ତାଙ୍କ ପୁତ୍ରମାନେ ପ୍ରଦାନ କଲେ। ବିଦ୍ୟାଳୟ ର ପ୍ରଧାନ ଶିକ୍ଷକ ଭୀମ ଚରଣ ସାହୁ ଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏଇ ଉତ୍ସବରେ ମୁଖ୍ୟ ଅତିଥି ଭାବେ ସ୍ଥାନୀୟ ସରପଞ୍ଚ ଜୟନ୍ତୀ ମଣି ଆଦେକ, ସମ୍ମାନିତ ଅତିଥିଭାବେ ସ୍ଥାନୀୟ ସମିତି ସଦସ୍ୟା ପ୍ରିୟଙ୍କା ଜେନା। ସ୍ୱର୍ଗତ କର ଙ୍କର ସୁପୁତ୍ର ସୁବ୍ରତ କର, ଶ୍ରୀପତି କର, ଆଲୁମିନି ସଦସ୍ୟ ମୁକୁନ୍ଦ ଆଦେକ ଯୋଗଦେଇ ଛାତ୍ରବୃତ୍ତି ବିଜେତା ତପସ୍ୱିନୀ ରଣା, ସୋନାଲି ମଣ୍ଡଳ,ସସ୍ମିତା ଘଡେଇ ଙ୍କୁ ପ୍ରଥମ ଦ୍ୱିତୀୟ ଓ ତୃତୀୟ ହାରରେ ୨୦ହଜାର,୧୦ହଜାର ଓ ୫ହଜାର ଅର୍ଥରାଶି ସହିତ ସାର୍ଟିଫିକେଟ ପ୍ରଦାନ କରି ଥିଲେ। ଛାତ୍ରୀମାନଙ୍କ ପରୀକ୍ଷା ଥିବାରୁ ତାଙ୍କ ଅବିଭାବକ ମାନେ ବୃତ୍ତି ଗ୍ରହଣ କରିଥିଲେ। ଶିକ୍ଷକ ଗୋପାଳ ଚନ୍ଦ୍ର ଦାସ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ଶିକ୍ଷକ ନିରଞ୍ଜନ ପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ। ଶିକ୍ଷକ ଘନଶ୍ୟାମ ମାରେଣ୍ଡି, ଶୁଭଶ୍ରୀ ସିଅଳ, ମିତା ରାଣୀ ଦାସ, ନିର୍ମଳା ଜେନା, ମାନସୀ ମହାପାତ୍ର, ବିଶ୍ୱପ୍ରକାଶ ଦାସ, ନିରଞ୍ଜନ ମାଝୀ, ଶରତ ବେହେରା, ସୌମ୍ୟରଂଜନ ନାୟକ, ଅଭୟ ପ୍ରସାଦ ଗିରି ପ୍ରମୁଖ ଉତ୍ସବ ପରିଚାଳନା କରିଥିଲେ।

## ନୀଳଗିରି ଟ୍ରକ ମାଲିକ ସଂଘରୁ ଅର୍ଥ ହରିଲୁଟ ଘଟଣାରେ ଥାନାରେ ମାମଲା

ନୀଳଗିରି, ୦୨/୦୫ (ନି.ପ୍ର): ୨୦୨୦ ମସିହା ଠାରୁ ନୀଳଗିରି ଟ୍ରକ ମାଲିକ ସଂଘର କରୋନା ମହାମାରି ଯୋଗୁଁ ନିର୍ବାଚନ ହୋଇ ପାିର ନ ଥିବା ବେଳେ ୨ବର୍ଷ ଧରି ଅସ୍ଥାୟୀ ସଭାପତି ସୁରଞ୍ଜନ ମହାପାତ୍ର ଓ ଅସ୍ଥାୟୀ ସମ୍ପାଦକ ଶାନ୍ତନୁ ବିଶ୍ୱାଳ, କୋଷାଧ୍ୟକ୍ଷ ଜଗବନ୍ଧୁ ବେହେରା ସଂଘର କାର୍ଯ୍ୟକୁ ତୁଲାଇ ଆସୁଥିବା ବେଳେ ଗତ ୨୯.୪.୨୦୨୨ ରିଖରେ ସୁରଞ୍ଜନ ମହାପାତ୍ର, ଶାନ୍ତନୁ ବିଶ୍ୱାଳ, ଜଗବନ୍ଧୁ ବେହେରା ପହଂଚି ଅଫିସ କର୍ମଚାରୀ ଭାଗିରଥି ଚୌଧୁରୀଙ୍କୁ ଅଫିସ ଆଲମିରାରେ ଥିବା ବ୍ୟାଙ୍କ ପାଶବୁକ , ଚେକବୁକ ଆଦି ଦେବା ପାଇଁ ଧମକ ଦେଇଥିଲେ । ମାତ୍ର କର୍ମଚାରୀ ଜଣକ କୌଣସି ମିଟିଂ ହୋଇ ନ ଥିବା ବେଳେ ମୁଁ ପାଶବୁକ୍, ଚେକ୍ ବହି ଦେଇ ପାରିବି ନାହିଁ ବୋଲି ମନା କରିବାରୁ ତିନିଜଣ ଜୋରଜବରଦସ୍ତ ଆଲମିରାର ଚାବି ନେଇ ପାଶ୍‌ବୁକ, ଚେକ୍‌ବୁକ୍ ନେଇ ଯାଇ ଅଶ୍ଳୀଳ ଭାଷାରେ ଗାଳିଗୁଲୋଜ କରିବା ସହ ଘଟଣା ବାବଦରେ କାହାରିକୁ କହିବୁ ନାହିଁ ବୋଲି ଧମକ ଦେଇଥିଲେ । ସେମାନେ ଗଲା ପରେ ଭାଗିରଥି ଚୌଧୁରୀ ପୂର୍ବତନ ସଭାପତି ଶିଶିର ରାଉତ ଓ ବର୍ତ୍ତମାନର ଅସ୍ଥାୟୀ ଉପ-ସଭାପତି ନିହାରରଂଜନ ମହାପାତ୍ର ଙ୍କୁ ଅବଗତ କଲାପରେ ଶେଷରେ ଘଟଣା ବାବଦରେ ଭଗିରଥି ଚୌଧୁରୀ ନୀଳଗିରି ଥାନାରେ ଅଭିଯୋଗ କରିଛନ୍ତି । ୫ଲକ୍ଷ ଟଙ୍କା ର ବ୍ୟାଙ୍କରୁ ଉଠାଣ ହୋଇଥିବା ବେଳେ ଉକ୍ତ ୫ଲକ୍ଷ ଟଙ୍କା ବ୍ୟାଙ୍କ ବହିକୁ ଫେରସ୍ତ କରା ନ ଗଲେ ଆତ୍ମହତ୍ୟା କରିବାକୁ ବାଧ୍ୟ ହେବୁ ବୋଲି ଅଭିଯୋଗରେ ଉଲ୍ଲେଖ କରିଛନ୍ତି । ଯେହେତୁ ଉକ୍ତ ୫ଲକ୍ଷ ଟଙ୍କା ମୋର ବ୍ୟକ୍ତିଗତ ହୋଇ ନ ଥିବା ବେଳେ ଏହାର ସଂଘର ଟଙ୍କା ବୋଲି ସ୍ୱୀକାର କରିଛନ୍ତି। ଉକ୍ତ ସମସ୍ତ ଅର୍ଥ ହରିଲୁଟ ଘଟଣାକୁ ଅସ୍ଥାୟୀ ସଭାପତି ସୁରଞ୍ଜନ ମହାପାତ୍ର ଖଣ୍ଡନ କରିଥିବା ବେଳେ ସଂଘରୁ ଟଙ୍କାଟିଏ ବେଆଇନ ଭାବେ ଖର୍ଚ୍ଚ କରାଯାଇ ନ ଥିବା ବେଳେ ସଂଘ ନାମରେ ଏକ ଜମି କ୍ରୟ କରାଯାଇଛି ବୋଲି ସୂଚନା ଦେବା ସହ ଟ୍ରକ ମାଲିକ ସଂଘ ପକ୍ଷରୁ ନୀଳଗିରି ମେଡିକାଲ ପରିସରରେ ୨ଟି କ୍ୟାବିନ ନିର୍ମାଣ, ସଜନାଗଡ଼ ଚଣ୍ଡି ମନ୍ଦିର ପରିସରରେ ସୌନ୍ଦର୍ଯ୍ୟକରଣ କରାଯାଇ ଥିବାର ପ୍ରକାଶ କରିଛନ୍ତି ।

# ବହୁ ପ୍ରତିକ୍ଷୀତ ଚାଲିଲା ଫାଷ୍ଟ ପାସେଞ୍ଜର

ଜଳେଶ୍ୱର, ୨/୫ (ନି.ପ୍ର): ଦୀର୍ଘ ୨୫ ମାସ ପରେ ଜନସାଧାରଣଙ୍କ ପ୍ରତୀକ୍ଷାର ଅବସାନ ଘଟାଇ ଆଜି ମଂଗଳବାର ଖଡଗପୁର-ଭୁବନେଶ୍ୱର ଫାଷ୍ଟ ପାସେଞ୍ଜର ଚଳାଚଳ ଆରମ୍ଭ କରିଛି । କିନ୍ତୁ କେନ୍ଦ୍ରୀୟ ଟିମ୍‌ର ଅନୁମୋଦନ କ୍ରମେ ଏହା ଚଳାଚଳ କରିଥିଲେ ମଧ୍ୟ ଏହା ପାସେଞ୍ଜର ଭଡା ବଦଳରେ ଏକ୍ସପ୍ରେସ ଭଡା ନିଆଯାଉଥିବାରୁ ବିଭିନ୍ନ ସ୍ଥାନରେ ଅସନ୍ତୋଷ ଦେଖାଦେଇଛି । ସମଗ୍ର ବିଶ୍ୱରେ ମହାମାରୀ କରୋନା ପାଦୁର୍ଭାବ ଯୋଗୁଁ ଜନଜୀବନ ବ୍ୟାହତ ହେବା ସହିତ ଗମନାଗମନ ଉପରେ ରୋକ ଲଗା ଯାଇଥିଲା । ଫଳରେ ଦେଶର ରେଳବାଇ ମନ୍ତ୍ରଣାଳୟର ରେଳ ଚଳାଚଳ ଠପ୍ ହୋଇ ଯାଇଥିଲା । କିନ୍ତୁ କରୋନାର ଭୟଙ୍କର ସଂକ୍ରମଣ କମିଥିବାରୁ ଟ୍ରେନ୍‌ଚଳାଚଳ ଆରମ୍ଭ କରିଥିଲେ ମଧ୍ୟ ପାସେଞ୍ଜର ଟ୍ରେନ୍ ଚଳାଚଳ ନେଇ ଦାବି ହୋଇ ଆସୁଥିଲା । ଚଳାଚଳ କରୁଥିବା ଟ୍ରେନ୍ ଗୁଡିକରେ ୩୫ ପ୍ରତିଶତ ଅଧିକ ଭଡା ନିଆଯିବା, ବରିଷ୍ଠ ନାଗରିକ, ମହିଳା, ଛାତ୍ରଛାତ୍ରୀ, ଅକ୍ଷମ ବ୍ୟକ୍ତଙ୍କ ଲାଗିଥିବା ସୁବିଧାସୁଯୋଗ ମିଳୁନଥିଲା । କିନ୍ତୁ ଏବେ ସ୍ୱାଭାବିକ ପରିସ୍ଥିତ ଆସିଥିଲେ ମଧ୍ୟ ପାସେଞ୍ଜର ଟ୍ରେନ ପ୍ରତି ରେଳବାଇ ଗୁରୁତ୍ୱ ଦେଉନଥିବାରୁ ବିଭିନ୍ନ ସମୟରେ ଆନ୍ଦୋଳନ ମୁଣ୍ଡ ଟେକିଥିଲା । ପୁଣି ରେଳ ଷ୍ଟେସନରେ ଅଣସଂରକ୍ଷିତ ଟିକଟ ମିଳୁନଥିବାରୁ ଲୋକେ ନାହିଁନଥିବା ଦୁର୍ଦ୍ଦଶାର ସମ୍ମୁଖୀନ ହେଉଛନ୍ତି । ଗତ କିଛିଦିନ ତଳେ ଏକ କେନ୍ଦ୍ରୀୟ ଟିମ୍ ଖଡଗପୁରରୁ ବାଲେଶ୍ୱର ମଧ୍ୟରେ ଥିବା ରେଳ ଷ୍ଟେସନ ପରିଦର୍ଶନ କରିଥିଲେ । ବିଭିନ୍ନ ସମୟରେ ବିଭିନ୍ନ ସଂଗଠନ ପକ୍ଷରୁ ପାସେଞ୍ଜର ଟ୍ରେନ୍ ଚଳାଚଳ ନେଇ ଦାବି କରାଯାଇଥିଲା । ଫଳରେ ରେଳ କର୍ତ୍ତୃପକ୍ଷ ଆଜିଠାରୁ ୧୮୦୨୧ ଓ ୧୮୦୨୨ ଖଡଗପୁର-ଖୋର୍ଦ୍ଧା-ଖଡଗପୁର ପାସେଞ୍ଜର ଟ୍ରେନ୍ ଚଳାଚଳ କରିଛି । ଭୋର ୪.୪୦ମି. ଏହି ଟ୍ରେନ୍‌ଟି ଖଡଗପୁର ଛାଡି ଜଳେଶ୍ୱରରେ ୫.୫୨ରେ ପହଞ୍ଚୁଥିବା ବେଳେ ଡାଉନ୍ ଟ୍ରେନ୍‌ଟି ୪.୪୫ରେ ଖୋର୍ଦ୍ଧାରୋଡ ଛାଡି ରାତି ୧୦.୦୭ମି. ଜଳେଶ୍ୱରରେ ପହଞ୍ଚିବ ବୋଲି ଆଜି ଏକ ବିଜ୍ଞାପ୍ତିରେ ପ୍ରକାଶ ପାଇଛି । କିନ୍ତୁ ଦୁଃଖ ଓ ପରିତାପର ବିଷୟ ଯାତ୍ରୀମାନେ ଜଳେଶ୍ୱରରୁ ଭୁବନେଶ୍ୱର ୪୨ଟଙ୍କା ଦେଉଥିବା ବେଳେ ୯୦ ଟଙ୍କା ଦେବାକୁ ବାଧ୍ୟ ହେଉଛନ୍ତି ।

# ବାଲେଶ୍ୱରରେ ଜିଲ୍ଲାସ୍ତରୀୟ ଆନ୍ତର୍ଜାତିକ ଶ୍ରମିକ ଦିବସ



ବାଲେଶ୍ୱର,୦୨/୦୫ (ନି.ପ୍ର): ବାଲେଶ୍ୱର ଜିଲା ପ୍ରଶାସନ, ଜିଲା ଶ୍ରମ କାର୍ଯ୍ୟାଳୟ ଏବଂ ଓଡ଼ିଶା କୋଠାବାଡି ଓ ଅନ୍ୟାନ୍ୟ ନିର୍ମାଣ ଶ୍ରମିକ କଲ୍ୟାଣ ପରିଷଦର ମିଳିତ ସହଯୋଗରେ ଜିଲାସ୍ତରୀୟ ଆନ୍ତର୍ଜାତିକ ଶ୍ରମିକ ଦିବସ ପାଳିତ ହୋଇଯାଇଛି । ସ୍ଥାନୀୟ ଗାନ୍ଧୀ ସ୍ମୃତି ଭବନରେ ଜିଲାପାଳ କେ.ସୁଦର୍ଶନ ଚକ୍ରବର୍ତ୍ତୀଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ବାଲେଶ୍ୱର ଲୋକସଭା ସାଂସଦ ପ୍ରତାପ ଚନ୍ଦ୍ର ଷଡଙ୍ଗୀ, ସଦର ବିଧାୟକ ସ୍ୱରୂପ କୁମାର ଦାସ, ରେମୁଣା ବିଧାୟକ ସୁଧାଂଶୁ ଶେଖର ପରିଡ଼ା, ଜିଲା ପରିଷଦ ସଭାପତି ନାରାୟଣ ଚନ୍ଦ୍ର ପ୍ରଧାନ, ଏଆଇଟିୟୁସି ରାଜ୍ୟ ଉପ-ସଭାପତି ଗୌରାଙ୍ଗ ପାଣିଗ୍ରାହୀ, ପ୍ରଭାଗୀୟ ଶ୍ରମ ଆୟୁକ୍ତ ଅଜୟ କୁମାର ପ୍ରଧାନ ପ୍ରମୁଖ ବରେଣ୍ୟ ଅତିଥି ଭାବେ ଯୋଗ ଦେଇ ଶ୍ରମିକ ଦିବସ ପାଳନର ଆଭିମୁଖ୍ୟ, ଶ୍ରମ ଆନ୍ଦୋଳନର ଇତିହାସ, ଶ୍ରମିକମାନଙ୍କ ସମସ୍ୟା, ଅଧିକାର, କର୍ତ୍ତବ୍ୟ, ଦେଶର ପ୍ରଗତିରେ ଶ୍ରମିକମାନଙ୍କ ଅବଦାନ, ସେମାନଙ୍କ ତ୍ୟାଗ, ଉତ୍ସର୍ଗୀକୃତ ସେବା ଓ ସେମାନଙ୍କ ପାଇଁ କାର୍ଯ୍ୟକାରୀ ହୋଇଥିବା ବିଭିନ୍ନ ଯୋଜନା ସମ୍ପର୍କରେ ବିସ୍ତୃତ ଆଲୋଚନା କରିଥିଲେ । ତେବେ ଶ୍ରମିକମାନଙ୍କ ପାଇଁ ରହିଥିବା ଯୋଜନା ସମ୍ପର୍କରେ ଯଥେଷ୍ଟ ସଚେତନତା ସୃଷ୍ଟି ସାଙ୍ଗକୁ ଶିଶୁଶ୍ରମିକ ପ୍ରଥାର ସମ୍ପୂର୍ଣ୍ଣ ବିଲୋପ ଉପରେ ଅତିଥିମାନେ ଗୁରୁତ୍ୱାରୋପ କରିଥିଲେ । ଅନ୍ୟପକ୍ଷରେ ଶ୍ରମିକମାନଙ୍କ ପାଇଁ ପ୍ରଣୀତ ଯୋଜନାର କାର୍ଯ୍ୟକାରିତା ସମ୍ପର୍କରେ ଗ୍ରାମାଞ୍ଚଳରେ ବ୍ୟାପକ ପ୍ରଚାର ପ୍ରସାର ଦିଗରେ ଯତ୍ନବାନ ହେବାକୁ ସେମାନେ କହିଥିଲେ । ଆନ୍ତର୍ଜାତିକ ଶ୍ରମିକ ଦିବସ ଅବସରରେ ଜିଲାର ୫୯୭ଜଣ ହିତାଧିକାରୀଙ୍କୁ ମୋଟ ୩୯ଲକ୍ଷ ୫୮ହଜାର ୬ଶହ ଟଙ୍କାର ଆର୍ଥିକ ସହାୟତା ପ୍ରଦାନ କରାଯାଇଥିଲା । ଏଥିରେ ୫୮୪ଜଣ ହିତାଧିକାରୀଙ୍କୁ ମୋଟ ୨୯ଲକ୍ଷ ୬୮ହଜାର ୬ଶହ ଟଙ୍କାର ଶିକ୍ଷା ସହାୟତା ପ୍ରଦାନ କରାଯାଇଥିବା ବେଳେ, ୪ଜଣ ହିତାଧିକାରୀଙ୍କୁ ୮ଲକ୍ଷ ଟଙ୍କାର ମୃତ୍ୟୁକାଳୀନ ସହାୟତା, ୪ଜଣ ହିତାଧିକାରୀଙ୍କୁ ୨୦ହଜାର ଟଙ୍କାର ଅନ୍ତ୍ୟେଷ୍ଟିକ୍ରିୟା ସହାୟତା, ୨ଜଣ ହିତାଧିକାରୀଙ୍କୁ ୨୦ହଜାର ଟଙ୍କାର ପ୍ରସୂତିକାଳୀନ ସହାୟତା ଏବଂ ୩ଜଣ ହିତାଧିକାରୀଙ୍କୁ ୧ଲକ୍ଷ ୫୦ହଜାର ଟଙ୍କାର ବିବାହ ସହାୟତା ପ୍ରଦାନ କରାଯାଇଛି । ସେହିପରି ୨୬୩ଜଣ ନିର୍ମାଣ ଶ୍ରମିକ ଏବଂ ଅଣସଙ୍ଗଠିତ କ୍ଷେତ୍ରରେ କାମ କରୁଥିବା ୨୫ଜଣଙ୍କୁ ପରିଚୟପତ୍ର ମଧ୍ୟ ପ୍ରଦାନ କରାଯାଇଥିଲା । ଆଜିର କାର୍ଯ୍ୟକ୍ରମରେ ଜିଲାର ବିଭିନ୍ନ ଅଞ୍ଚଳରେ କାର୍ଯ୍ୟରତ ଶ୍ରମିକଙ୍କ ସମେତ ବିଭିନ୍ନ ଶ୍ରମ ସଙ୍ଗଠନର କର୍ମକର୍ତ୍ତା, ବିଭାଗୀୟ ଅଧିକାରୀ ଓ କର୍ମଚାରୀମାନେ ଏଥିରେ ଉପସ୍ଥିତ ଥିଲେ । ବୃନ୍ଦାବନ ସେଠୀ ଶେଷରେ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ ।

# ମୟୂରଭଞ୍ଜ ଜିଲ୍ଲା ପ୍ରଶାସନ ପକ୍ଷରୁ ମଇ ମାସର ମିଳିତ ଜନ ଅଭିଯୋଗ ଶୁଣାଣୀ ଶିବିର କାର୍ଯ୍ୟସୂଚୀ

ବାରିପଦା, ୦୨/୦୫ (ନି.ପ୍ର): ସରକାରଙ୍କ ସାଧାରଣ ପ୍ରସାଶନ ଓ ସାଧାରଣ ଅଭିଯୋଗ ବିଭାଗ ନିର୍ଦ୍ଦେଶ କ୍ରମେ ମୟୂରଭଞ୍ଜ ଜିଲ୍ଲା ପ୍ରଶାସନ ପକ୍ଷରୁ ମଇ ମାସ ପାଇଁ ମିଳିତ ଜନ ଅଭିଯୋଗ ଶୁଣାଣୀ ଶିବିର କାର୍ଯ୍ୟକ୍ରମ ନିର୍ଦ୍ଧାରିତ ହୋଇଅଛି । ଜିଲ୍ଲାପାଳ ଓ ଆରକ୍ଷୀ ଅଧୀକ୍ଷକଙ୍କ ତତ୍ୱାବଧାନରେ ମିଳିତ ଜନ ଅଭିଯୋଗ ଶୁଣାଣୀ କାର୍ଯ୍ୟକ୍ରମ ଯଥାକ୍ରମେ ପ୍ରଥମ ସୋମବାର- ତା.୦୨.୦୫.୨୦୨୨ ରିଖରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସ୍ଥିତ ଫେସିଲିଟେସନ କେନ୍ଦ୍ର ବାରିପଦା, ଦ୍ୱିତୀୟ ସୋମବାର ତା.୦୯.୦୫.୨୦୨୨ରିଖରେ ବାମନଘାଟୀ ଉପଖଣ୍ଡ ରାଇରଙ୍ଗପୁର ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପ୍ରକୋଷ୍ଠ, ତୃତୀୟ ସପ୍ତାହର ତା ୧୭.୦୫.୨୦୨୨ରିଖ ମଙ୍ଗଳବାରଦିନ ପାଂଚପିଢ ଉପଖଣ୍ଡ କରଞ୍ଜିଆ ଉପ-ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପ୍ରକଷ୍ଠ, ଚତୁର୍ଥ ସୋମବାର- ତା.୨୩.୦୫.୨୦୨୨ ରିଖରେ କପ୍ତିପଦା ଉପଖଣ୍ଡ ଉଦଳା ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପ୍ରକୋଷ୍ଠ ଏବଂ ପଂଚମ ସପ୍ତାହ ତା.୩୧.୦୫.୨୦୨୨ରିଖରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଫେସିଲିଟେସନ୍ କେନ୍ଦ୍ର ଠାରେ ଯଥାକ୍ରମେ ସକାଳ ୮ ଘଟିକା ଠାରୁ ମଧ୍ୟାହ୍ନ ୧୨ ଘଟିକା ସମୟରେ ଅନୁଷ୍ଠିତ ହେବ । ଉକ୍ତ ମିଳିତ ଜନ ଅଭିଯୋଗ ଶୁଣାଣୀ କାର୍ଯ୍ୟକ୍ରମରେ ସମସ୍ତ ଜିଲ୍ଲାସ୍ତରୀୟ ଅଧିକାରୀ ଏବଂ ସଂପୃକ୍ତ ଉପଖଣ୍ଡର ଉପଜିଲ୍ଲାପାଳ, ବିଡିଓ, ତହସିଲଦାର, ସିଡିପିଓ, ଉପଖଣ୍ଡ ସ୍ତରୀୟ ସମସ୍ତ ଅଧିକାରୀ ଏବଂ ଲାଇନ ବିଭାଗର ଅଧିକାରୀମାନେ ଉପସ୍ଥିତ ରହିବାକୁ ଜିଲ୍ଲା ପ୍ରଶାସନ ପକ୍ଷରୁ ନିର୍ଦ୍ଦେଶ ଦିଆଯାଇଛି । ଉକ୍ତ ଧାର୍ଯ୍ୟ ତାରିଖ ଓ ସ୍ଥାନରେ ଅନୁଷ୍ଠିତ ହେବାକୁଥିବା ମିଳିତ ଜନ ଅଭିଯୋଗ ଶୁଣାଣୀ ଶିବିର କାର୍ଯ୍ୟକ୍ରମରେ ସଂପୃକ୍ତ ଅଚଂଳର ଜନ ସାଧାରଣ ନିଜର ବ୍ୟକ୍ତିଗତ ଓ ସାମୁହିକ ସମସ୍ୟା ସଂପର୍କୀତ ଅଭିଯୋଗ ଲିଖିତ ଅଥବା ମୌଖିକ ଭାବେ ଶିବିରରେ ଉପସ୍ଥିତ ରହି ଜଣାଇ ପାରିବେ ।

# ନେହେରୁ ଯୁବ ପ୍ରତିଷ୍ଠାନର ୫୦ତମ ସୁବର୍ଣ୍ଣ ଜୟନ୍ତୀ ଉତ୍ସବ ପାଳିତ



ଭୁବନେଶ୍ୱର, ୦୨/୦୫ (ନି.ପ୍ର): ରାଜ୍ୟର ଅଗ୍ରଣୀ ଯୁବ ଓ ସାଂସ୍କୃତିକ ଅନୁଷ୍ଠାନ ନେହେରୁ ଯୁବ ପ୍ରତିଷ୍ଠାନ ୫୦ତମ ସୁବର୍ଣ୍ଣ ଜୟନ୍ତୀ ଉତ୍ସବ ଅନୁଷ୍ଠାନ ପରିସରରେ ପାଳିତ ହୋଇଯାଇଛି । ଏଥିପୂର୍ବରୁ ୨୮ତାରିଖରୁ ମେ ୨ ତାରିଖ ପର୍ଯ୍ୟନ୍ତ ବିଭିନ୍ନ ପ୍ରକାର କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ୨୮ତାରିଖରେ ଅନୁଷ୍ଠାନର ପ୍ରତିଷ୍ଠାତା ବିଶିଷ୍ଟ ସମାଜସେବୀ ସ୍ୱର୍ଗତ ବୈକୁଣ୍ଠ ନାଥ ମିଶ୍ରଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରାଯିବା ସହ ଅଖଣ୍ଡ ଦୀପ ପ୍ରଜ୍ୱଳନ, ସନ୍ଧ୍ୟାରେ ସପ୍ତମ ସ୍ମୃତିସଭା ଅନୁଷ୍ଠିତ ହୋଇଥିଲା । ସେହିପରି ୨୯ ତାରିଖ ଏଏସ୍‌ଜି ଓ ସିଓ୍ୱାଇପିଓଟି ଦ୍ୱାରା ଚକ୍ଷୁ, ମଧୁମେହ, ରକ୍ତ ପରୀକ୍ଷଣ, ଦନ୍ତ, ଇସିଜିଂ ମାଗଣାରେ ଅନୁଷ୍ଠିତ ହୋଇଥିଲା । ୩୦ ତାରିଖରେ ନମୋଃ ସହଯୋଗରେ ନୂଆଗାଁସ୍ଥ ଶ୍ରୀକୃଷ୍ଣ ଆନନ୍ଦ ବୃଦ୍ଧାଶ୍ରମଠାରେ ଆନନ୍ଦ ଉତ୍ସବର ଏକ ସନ୍ଧ୍ୟା ଅନୁଷ୍ଠିତ ହୋଇଥିଲା । ମେ ୧ ତାରିଖ ଅପରାହ୍ନରେ ନେହେରୁ ଯୁବ ପ୍ରତିଷ୍ଠାନ ପରିସରରେ ମହିଳା ଓ ଛାତ୍ରୀମାନଙ୍କ ମଧ୍ୟରେ ଫୁଲଗୁନ୍ଥା ପ୍ରତିଯୋଗିତା ହୋଇଥିଲା । ୨ ତାରିଖ ଅପରାହ୍ନରେ ସାଥୀ ଅନୁଷ୍ଠାନ ପକ୍ଷରୁ ଅଭିଜ୍ଞ ଡ଼ାକ୍ତରମାନଙ୍କ ଦ୍ୱାରା ୨୦ ଟଙ୍କାରେ ଡ଼ାକ୍ତରୀ ପରାମର୍ଶ ଦିଆଯାଇଥିଲା ଓ ପଞ୍ଜିକରଣ କରିଥିବା ବ୍ୟକ୍ତିବିଶେଷ ମାନେ ରିହାତି ମୂଲ୍ୟରେ ଔଷଧ କ୍ରୟ କରିପାରିବେ । ଅପରାହ୍ନ ୪ଟାରେ କୁନି କୁନି ପିଲାମାନଙ୍କ ମଧ୍ୟରେ ଆଧୁନିକ ନୃତ୍ୟ ପ୍ରତିଯୋଗିତା ଅନୁଷ୍ଠିତ ହେବ ।

# ପ୍ରତାପପୁର ପଞ୍ଚାୟତରେ ଜିଲ୍ଲାପରିଷଦ ପାଣ୍ଠି ବାଟମାରଣା ଅଭିଯୋଗ

ବାଲିଆପାଳ, ୦୨/୦୫ (ନି.ପ୍ର): ବାଲିଆପାଳ ବ୍ଲକ ଅନ୍ତର୍ଗତ ୨୩ ନମ୍ବର ଜୋନ ପ୍ରତାପପୁର ପଞ୍ଚାୟତରେ ଜିଲ୍ଲାପରିଷଦ ପାଣ୍ଠି ବାଟମାରଣା ହୋଇଥିବା ନେଇ ବିଡିଓ ଙ୍କ ନିକଟରେ ପଞ୍ଚାୟତବାସୀ ଅଭିଯୋଗ କରିଛନ୍ତି । କାମ ନହୋଇ ଦୁଇଟି କାମର ଅଢେଇଲକ୍ଷ ଟଙ୍କାର ବିଲ ଉଠାଇନିଆଯାଇଛି । ଅଭିଯୋଗ ମୁତାବକ ପ୍ରତାପପୁର ପଂଚାୟତରେ ଜିଲାପରିଷଦ ପାଣ୍ଠିରୁ ନାରାୟଣ ଦେବନାଥ ଛକଠାରୁ ଲକ୍ଷ୍ମୀକାନ୍ତ ଦେବନାଥ ଘର ପର୍ଯ୍ୟନ୍ତ କଂକ୍ରିଟ ରାସ୍ତା ନିର୍ମାଣ ପାଇଁ ୧ ଲକ୍ଷ ଟଙ୍କା ଏବଂ ପ୍ରତାପପୁର ଗୋପୀନାଥ ବେହେରା ଛକ ଠାରୁ ଲକ୍ଷ୍ମୀଧର ଦେବ ନାଥ ପର୍ଯ୍ୟନ୍ତ କଂକ୍ରିଟ ରାସ୍ତା ନିର୍ମାଣ ପାଇଂ ୧ ଲକ୍ଷ ୫୦ ହଜାର ଟଙ୍କା ବ୍ୟୟ ଅଟକଳ ହୋଇଥିଲା । ତେବେ ଉକ୍ତ ଦୁଇଟି ପ୍ରକଳ୍ପର କାର୍ଯ୍ୟ ନ ହୋଇ ତାର ଫାଇନାଲ ବିଲ ଗତ ୧୫/୩/୨୦୨୨ରିଖରେ ଉଠାଯାଇଥିବା ଜାଣିବାକୁ ମିଳିଛି । ଏହା ଜାଣିବା ପରେ ଗ୍ରାମବାସୀ ଗତ ୨୭/୪/୨୨ରେ ସୂଚନା ଅଧିକାର ଆଇନ ବଳରେ ତଥ୍ୟ ମଗାଯାଇଛି । ଏହା ଜାଣିପାରି ଏବେ ଟଙ୍କା ହଡପ କରିଥିବା ବ୍ୟକ୍ତିମାନେ ରାତିଅଧିଆ ଉକ୍ତ ସ୍ଥାନରେ କାର୍ଯ୍ୟ କରିବା ପାଇଁ ଯୋଜନା ଚଳାଇଛନ୍ତି । ତେଣୁ ଏହି ଘଟଣାର ସରଜମିନ ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ପଂଚାୟତର ପୂର୍ବତନ ସରପଂଚ ଅନନ୍ତ ଜେନା,ମାନସ ସାହୁ,ଭାଗବତ ବିଶ୍ୱାଳ,ଚିତ ଦାସ ସମେତ ବହୁ ପଂଚାୟତ ବାସୀ ବାଲିଆପାଳ ବିଡିଓଙ୍କ ନିକଟରେ ଲିଖିତ ଅଭିଯୋଗ କରିଛନ୍ତି । ଏହି କାର୍ଯ୍ୟ ଦାୟିତ୍ୱରେ ଥିବା କନିଷ୍ଠ ଯନ୍ତ୍ରୀ ସୁବଳ ମଲ୍ଲିକଙ୍କ ପଚାରିବାରୁ ଉକ୍ତ କାର୍ଯ୍ୟ ଦୁଇଟି ସେହି ସ୍ଥାନଠାରୁ କିଛି ଦୂରରେ ହୋଇଥିବା କହିଛନ୍ତି । ବିଡିଓ ଦୀପକ କୁମାର ଦାସ ଘଟଣା ତଦନ୍ତ ପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି କହିଛନ୍ତି ।

# ଶିକ୍ଷକ, ଶ୍ରମିକ, କର୍ମଚାରୀ ସମନ୍ୱୟ ସମିତି ପକ୍ଷରୁ ଶ୍ରମିକ ଦିବସ ପାଳିତ



ଜଳେଶ୍ୱର, ୦୨/୦୫ (ନି.ପ୍ର): ବିଶ୍ୱ ଶ୍ରମିକ ଦିବସ ପରିପ୍ରେକ୍ଷୀରେ ଶିକ୍ଷକ, ଶ୍ରମିକ, କର୍ମଚାରୀ ସମନ୍ୱୟ ସମିତି ପକ୍ଷରୁ ଶ୍ରମିକ ଦିବସ ପାଳିତ ହୋଇ ଯାଇଛି । ବାଲେଶ୍ୱର ଜିଲାର ଜଳେଶ୍ୱର ବ୍ଲକ ସ୍ଥିତ ଜୀବନବୀମା ପରିସରରେ 'ଶ୍ରମିକ ଦିବସ ଓ ସାମ୍ପ୍ରତିକ ସମୟ' ଶୀର୍ଷକ ଆଲୋଚନା ଚକ୍ର ଅନୁଷ୍ଠିତ ହୋଇ ଯାଇଛି । ଏଥିରେ ସମିତିର ସଂପାଦକ ଦିଲ୍ଲିପ ଗିରି ଅଧ୍ୟକ୍ଷତା କରିଥିଲେ । ବରିଷ୍ଠ ଶିକ୍ଷକ ନେତା ସୁରେନ୍ଦ୍ର ଜେନା, ଓଷ୍ଟାର ପୂର୍ବତନ ସଂପାଦକ ଅକ୍ଷୟ ମିଶ୍ର, ସର୍ବଭାରତୀୟ ଶିକ୍ଷକ ନେତା ଇନ୍ଦୁମାଧବ ମହାନ୍ତି ଏବଂ ସମିତିର ସଭାପତି ଜୀବନବିମା ଉନ୍ନୟନ ଅଧିକାରୀ ଅଜିତ୍ ଦାସ ପ୍ରମୁଖ ଯୋଗଦେଇ ଆଜିବି ଶ୍ରମିକ ଅବହେଳିତ ଓ ଜର୍ଜରିତ ବୋଲି କହିଥିଲେ । ଅନ୍ୟମାନଙ୍କ ମଧ୍ୟରେ ସିତାଂଶୁ ସେନାପତି, ଦିପ୍ତିମାନ ଆଚାର୍ଯ୍ୟ, ଜିତାଂଶୁ ନନ୍ଦି, ଡ. ଲଳିତରଂଜନ ସେନାପତି, ବଂଶୀଧର ବାରିକ, ରାଜାରାମ କରଶର୍ମା, ଭାଗବତ ପରିଡା, ଡ. ଶ୍ୟାମାଚରଣ ଦାସ, ରତନ ଦାସ, ଦିଲ୍ଲିପ ପରିଡା, ସୁନିଲ ନାୟକ, ରବିନ୍ଦ୍ର ବାରିକ, ଇଷାନୀ ଷଡଙ୍ଗୀ, ମମି ପଣ୍ଡା, ସବିତା ସାହୁ, ସବିତା ଭୂୟାଁ, ବିଭୁତି ଦାସ, ରଜତ ଦାସ, ଅପର୍ଣ୍ଣା ଚୌଧୁରୀ, ଯତୀନ ଜେନା, ଗଣେଷ ପାତ୍ର, କପିଳେଶ୍ୱର ମହାନ୍ତି, ପଲ୍ଟୁ ଦାସ, ସିଦ୍ଧେଶ୍ୱର ତ୍ରିପାଠୀ, ଗଗନ ପରିଡା, ସୁକୁମାର ରଣା, କେଶବ ପରିଡା, ସ୍ମାନ୍ତ ପରିଡା, ଜ୍ୟୋତିଷ କର ପ୍ରମୁଖ ଯୋଗ ଦେଇ ବକ୍ତବ୍ୟ ପ୍ରଦାନ କରିଥିଲେ । ସକାଳେ ବିଭିନ୍ନ ଟ୍ରେଡ୍ ୟୁନିୟନ ପକ୍ଷରୁ ଲାଲ ପତାକା ଉତ୍ତୋଳନ କରାଯାଇଥିଲା । ମନୋରଂଜନ ଦାସ ମଂଚ ଆହ୍ୱାନ କରିଥିବା ବେଳେ ଡ. ଅଜିତ୍ ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ । ଅନୁରୂପ ଭାବେ ରାଇବଣିଆସ୍ଥିତ ବାସନ୍ତୀ ପଡିଆ ଠାରେ ନିଖିଳ ଓଡିଶା ଅଙ୍ଗନଓ୍ୱାଡି କର୍ମୀ ସଂଘ, କଳା ଓ କଳାକାର ବିକାଶ ପରିଷଦ, ଖଟିଖିଆ ମୁଲିଆ, ଶ୍ରମିକ, କୃଷକ ମାନଙ୍କ ପକ୍ଷରୁ ବିଶ୍ୱ ଶ୍ରମିକ ଦିବସ ପାଳିତ ହୋଇ ଯାଇଛି । ଅଙ୍ଗନଓ୍ୱାଡି କର୍ମୀ ସଂଘ ସଭାନେତ୍ରୀ ଲକ୍ଷ୍ମୀପ୍ରିୟା ଦାସ ଓ କଳାକାର ବିକାଶ ପରିଷଦର ସଭାପତି ଚନ୍ଦ୍ରମୋହନ ରାଉଳ ମିଳିତଭାବେ ପତାକା ଉତ୍ତୋଳନ କରିଥିଲେ । ରକ୍ତଦାତାସଂଘ ସଭାପତି କମଳ ଚକ୍ରବର୍ତ୍ତୀ ଓ କଳାକାର ସଂଘ ରାଜ୍ୟ ନେତା ମନୋରଂଜନ ଦାସ ପ୍ରମୁଖ ଯୋଗ ଦେଇ ଶୋଷିତ ଓ ନିଷ୍ପେଶିତ ଶ୍ରମିକଙ୍କ ବହୁବିଧା ସମସ୍ୟା ସଂପର୍କରେ ବକ୍ତବ ପ୍ରଦାନ କରିଥିଲେ । ଅନ୍ୟ ମାନଙ୍କ ମଧ୍ୟରେ କଳ୍ପନା ଦେ, ମମତା ଦାସମହାପାତ୍ର, ତଅପ୍ତିରାଣୀ ମହାନ୍ତି, ସ୍ୱାଗତିକା ଜେନା, ଦୀପାନିତା ପଟନାୟକ, ସୁମିତ୍ରା କୁଇଲା, ଚମ୍ପାବତୀ ନାଗ, ସୁଚିତ୍ରା ଆସ, ଝରଣା ସାହୁ, ଶ୍ରୀନିବାସ ଦାସମହାପାତ୍ର, ଗୌରାଙ୍ଗ ପାଳ, ଶ୍ରୀପତି ଘୋଷ, ବାସୁଦେବ ଦାସ, ପୁନିଲ ସିଂ, ଉଦୟ ସାହୁ, ହାଡିବନ୍ଧୁ ବେହେରା, ବିଭିଷଣ ବର୍ଷାଳ, ମୃତ୍ୟୁଞ୍ଜୟ ଜେନା, ଜଗନ୍ନାଥ ପାତ୍ର, ଲକ୍ଷ୍ମୀକାନ୍ତ ରଣା, ରବିନ୍ଦ୍ର ଭୂୟାଁ, ଭାସ୍କର ଦଣ୍ଡପାଟ, ବରେନ୍ଦ୍ର ନାୟକ ପ୍ରମୁଖ୍ ବହୁ ବ୍ୟକ୍ତି ଯୋଗ ଦେଇ ବକ୍ତବ୍ୟ ପ୍ରଦାନ କରିଥିଲେ । ଗୀତାରାଣୀ ଘୋଷ ଧନ୍ୟବାଦ ଅର୍ପଣ କରିଥିଲେ ।

## ଦ୍ରୁତ ଓ ବେପରୱା ଗାଡ଼ିଚାଳନା ନେଇ କାର୍ଯ୍ୟାନୁଷ୍ଠାନ ଦାବି

ବାଲେଶ୍ୱର,୦୨/୦୫ (ନି.ପ୍ର): ସଡ଼କ ଦୁର୍ଘଟଣାରେ ମୃତ ବରିଷ୍ଠ ଆଇଜନୀବୀ ପଞ୍ଚାନନ ପରିଡ଼ାଙ୍କ ବିୟୋଗରେ ଜିଲା ବାର ଆସୋସିଏସନ ପକ୍ଷରୁ ଗଭୀର ଶ୍ରଦ୍ଧାଞ୍ଜଳି ପ୍ରଦାନ ସହ ଶୋକସନ୍ତପ୍ତ ପରିବାର ବର୍ଗଙ୍କୁ ସମବେଦନା ଜ୍ଞାପନ କରାଯାଇଛି । ଅୟୋଜିତ କାର୍ଯ୍ୟକ୍ରମରେ ଓକିଲ ସଙ୍ଘର ସଭାପତି ମନୋଜ କୁମାର ନାୟକ, ସମ୍ପାଦକ ସସ୍ମିତ କୁମାର ନନ୍ଦୀଙ୍କ ସମେତ ପୁରୁଷୋତ୍ତମ ବିଶ୍ୱାଳ, ସୁଧାଂଶୁ ଦାସ, ପ୍ରଭାତ ଦାସ, ନିରଞ୍ଜନ ପରିଡ଼ା, ଉର୍ମିଳା ମାଝୀ, ଜିତେନ୍ଦ୍ର ଉପାଧ୍ୟାୟ, ଅଭିଜିତ ପଣ୍ଡା, ଜ୍ୟୋତ୍ସ୍ନା ମହାନ୍ତି, ବିଜ୍ଞ କେଶରୀ ଦେଓ, ରଘୁନାଥ ମହାଳିକଙ୍କ ସମେତ ବହୁ ବରିଷ୍ଠ ଆଇନଜୀବୀ ଯୋଗଦେଇ ସ୍ୱର୍ଗତ ପରିଡ଼ାଙ୍କ ଜୀବନାଦର୍ଶ ସମ୍ପର୍କରେ ସ୍ମୃତିଚାରଣ କରିଥିଲେ । ସମସ୍ତେ ନିରବ ପ୍ରାର୍ଥନା ସହ ଦିବଂଗତ ଆତ୍ମା ପ୍ରତି ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ । ତେବେ ଶ୍ରୀ ପରିଡ଼ାଙ୍କ ଅକାଳ ବିୟୋଗକୁ ନେଇ ବେପରୱା ଗାଡ଼ି ଚାଳନାକୁ ଦାୟୀ କରିଛି ଓକିଲ ସଂଘ । ପ୍ରାତଃ ଭ୍ରମଣ ବେଳେ ସ୍ଥାନୀୟ ସମଲପୁର ଛକଠାରେ ଦ୍ରୁତ ଓ ବେପରୱା ଗାଡ଼ି ଚଳନା ଯୋଗୁଁ ଏକ କାର ଧକ୍କାରେ ତାଙ୍କର ଜୀବନ ଯାଇଥିବା ଶୋକସଭାରେ ଉପସ୍ଥିତ ଓକିଲମାନେ ଆରୋପ ଉଠାଇଛନ୍ତି ।

## ଦୁର୍ଘଟଣାରେ ଆଇନଜୀବୀଙ୍କ ମୃତ୍ୟୁ

ବାଲେଶ୍ୱର,୦୨/୦୫ (ନି.ପ୍ର): 'ଦଳିତ ବାର୍ତ୍ତା'ର ସମ୍ପାଦକ ବରିଷ୍ଠ ଆଇନଜୀବୀ ପଞ୍ଚାନନ ପରିଡ଼ାଙ୍କର ସଡ଼କ ଦୁର୍ଘଟଣାରେ ସୋମବାର ସକାଳେ ପରଲୋକ ହୋଇଯାଇଛି । ସବୁଦିନ ଭଳି ଆଜି ସକାଳ ପ୍ରାୟ ୫ଟା ବେଳେ ସେ ଅଙ୍ଗାରଗଡ଼ିଆ ବାସଭବନରୁ ବାହାରି ପ୍ରାତଃ ଭ୍ରମଣରେ ଯାଉଥିବା ସମୟରେ ଶିଳ୍ପାଞ୍ଚଳ ଥାନା ଅନ୍ତର୍ଗତ ସମଲପୁର ଛକଠାରେ ଦ୍ରୁତଗତିରେ ଆସୁଥିବା ଏକ କାର ତାଙ୍କୁ ପଛପଟରୁ ଧକ୍କା ଦେଇଥିଲା । ସେ ତଳେ ପଡ଼ିଯିବା ସହ ପିଚୁରେ ତାଙ୍କର ମୁଣ୍ଡ ଓ ଛାତିରେ ଶକ୍ତ ଆଘାତ ଲାଗିବା ସହ ପ୍ରବଳ ରକ୍ତଶ୍ରାବ ହୋଇଥିଲା । ସ୍ଥାନୀୟ ଲୋକେ ତାଙ୍କୁ ସଙ୍ଗେ ସଙ୍ଗେ ଜିଲା ମୁଖ୍ୟ ଚିକିତ୍ସାଳୟକୁ ଆଣିଥିଲେ ବି ଡାକ୍ତର ଏଠାରେ ଶ୍ରୀ ପରିଡ଼ାଙ୍କୁ ମୃତ ଘୋଷଣା କରିଥିଲେ । ଶିଳ୍ପାଞ୍ଚଳ ଥାନା ପୁଲିସ ଘଟଣାସ୍ଥଳରେ ପହଞ୍ଚିବା ବେଳକୁ ଦୁର୍ଘଟଣା ଘଟାଇଥିବା କାର ସେଠାରୁ ଉଭାନ ହୋଇଯାଇଥିଲା । ଅନ୍ୟପକ୍ଷରେ ବ୍ୟବଚ୍ଛେଦ ପରେ ମୃତଶରୀରକୁ ପୁଲିସ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି । ତାଙ୍କର ଅକାଳ ବିୟୋଗରେ ବିଭିନ୍ନ ମହଲରୁ ଶୋକ ପ୍ରକାଶ ପାଇଛି ।

# କପ୍ତିପଦାରେ ଆନ୍ତର୍ଜାତୀକ ଶ୍ରମିକ ଦିବସ ପାଳିତ



ଉଦଳା, ୦୨/୦୫ (ନି.ପ୍ର): ଅଖିଳ ଭାରତ ଗଣତାନ୍ତ୍ରିକ ମହିଳା ସଂଗଠନ ତରଫରୁ କପ୍ତିପଦା ସ୍ଥିତ କଲ୍ୟାଣ ମଣ୍ଡପ ପରିସରରେ ଚଳିତ ମଇ ୧ ତାରିଖ ରବିବାର ଦିନ ଆନ୍ତର୍ଜାତିକ ଶ୍ରମିକ ଦିବସ ପାଳିତ ହୋଇଯାଇଛି । ଏହି ଅବସରରେ ସଂଗଠନର ଉପଦେଷ୍ଟା ସାମାଜିକ କର୍ମୀ ମନମୋହନ ମିଶ୍ରଙ୍କ ଅଧ୍ୟକ୍ଷତାରେ ଏକ ଆଲୋଚନା ଚକ୍ର ଅନୁଷ୍ଠିତ ହୋଇଥିଲା । ଆଲୋଚକ ଭାବରେ ନାଗାଲାଣ୍ଡ ବିଶ୍ୱବିଦ୍ୟାଳୟର ପ୍ରଫେସର ସୁବାସ ନାୟକ, ବାଲେଶ୍ୱର ଓକିଲ ସଂଘର ସଭାପତି ମନୋଜ ନାୟକ, ମିଳିତ ଓଡ଼ିଶା ନିଶାନିବାରଣ ଅଭିଯାନର ରାଜ୍ୟ କମିଟି ସଦସ୍ୟ ଅର୍ଜୁନ ଚରଣ ସାମନ୍ତ, ଷ୍ଟାଲିନ୍ ମିଶ୍ର ପ୍ରମୁଖ ଯୋଗଦେଇ ଶ୍ରମ ଦେଇ ଯିଏ ମଜୁରୀ ପାଏ ତାହାଙ୍କୁ ଶ୍ରମିକ କୁହାଯାଉଥିବାବେଳେ ସରକାରୀ ନୀତି କିଭଳି ଶ୍ରମିକଙ୍କର ମଜୁରୀ କାଟ କରିବା, ଚୁକ୍ତିଭିତ୍ତିକ ନିଯୁକ୍ତି, ବେରୋଜଗାରୀ ସୃଷ୍ଟି କରିବା ସର୍ବୋପରି ମୟୂରଭଞ୍ଜ ଜିଲ୍ଲାରେ ମାତ୍ର ସାତ ଭାଗ ଲୋକ ୯୩ ଭାଗ ଲୋକଙ୍କ ଭାଗ୍ୟ ନିୟନ୍ତା ସାଜି ସମସ୍ତ ସରକାରୀ ସହାୟତାକୁ ଚଳୁ କରୁଛନ୍ତି ବିସ୍ତୃତ ବର୍ଣ୍ଣନା କରିବା ସହିତ ମଦ ପ୍ରସାରଣ ସରକାର ନୀତିରେ ପରିଣତ କରି ଯୁବ ସମାଜକୁ ଦିଗଭ୍ରଷ୍ଟ କରି ଆନ୍ଦୋଳନକୁ ଚାପି ଦିଆଯାଉଛି ବୋଲି ବ୍ୟକ୍ତ କରିଥିଲେ । ଶତ୍ରୁଘ୍ନ ମହାନ୍ତି ପାରମ୍ଭରେ ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ପ୍ରଦାନ କରିବା ସହିତ କାର୍ଯ୍ୟକ୍ରମର ଶେଷ ସ୍ୱର୍ଶ ଦେଇଥିଲେ ।

# ପ୍ରବାଚକ ଭାଗବତ ପଣ୍ଡା ପାଇଲେ ବୈଷ୍ଣବ ସାହୁ ସ୍ମୃତି ସମ୍ମାନ



ବାରିପଦା, ୦୨/୦୫ (ନି.ପ୍ର): ମାନସ ରତ୍ନ ବୈଷ୍ଣବ ସାହୁ ସ୍ମୃତି ସଂସଦ, କଟକ ତରଫରୁ ନିଖିଳ ଉତ୍କଳ ପ୍ରବକ୍ତା ପରିଷଦ ଦ୍ୱାରା ଆୟୋଜିତ ମଙ୍ଗଳାବାଗ ନିକଟସ୍ଥ ମୋହନ ମଣ୍ଡପଠାରେ ସ୍ୱର୍ଗତଃ ସାହୁଙ୍କ ପ୍ରଥମ ଶ୍ରାଦ୍ଧ ବାର୍ଷିକି ଅବସରରେ ଅନୁଷ୍ଠିତ ସ୍ମୃତି ସଭାରେ ଓଡ଼ିଶାର ପୁରପଲ୍ଲୀରେ ହରିକଥାରେ ବୈଚାରିକ ପ୍ଲାବନ ସୃଷ୍ଟି କରିଥିବା ବିଶିଷ୍ଟ ପ୍ରବାଚକ ଭାଗବତ ପଣ୍ଡାଙ୍କୁ ବୈଷ୍ଣବ ସାହୁ ସ୍ମୃତି ସମ୍ମାନ - ୨୦୨୨ ପ୍ରଦାନ କରାଯାଇଛି । ଏହି ଅବସରରେ ଆୟୋଜିତ ସଭାରେ ବିଧାୟକ ତଥା ପ୍ରାକ୍ତନ ମନ୍ତ୍ରୀ ଶଶୀଭୂଷଣ ବେହେରା ମୁଖ୍ୟ ଅତିଥି, ସଂସ୍କୃତିବିତ୍ ନିରଞ୍ଜନ ସାହୁ, ବିଶିଷ୍ଟ ଲେଖକ, ସ୍ତମ୍ଭକାର ତଥା ବରିଷ୍ଠ ସାମ୍ବାଦିକ ଅରୁଣ କୁମାର ପଣ୍ଡା ଏବଂ ଅବସରପ୍ରାପ୍ତ ବିଚାରପତି ଜଷ୍ଟିସ ମନୋରଂଜନ ମହାନ୍ତି ପ୍ରମୁଖ ସମ୍ମାନୀତ ଅତିଥିଭାବେ ଯୋଗ ଦେଇ ଶ୍ରୀ ପଣ୍ଡାଙ୍କୁ ମାନପତ୍ର, ଉପଢୌକନ ଓ ପୁଷ୍ପମାଲ୍ୟ ଦେଇ ସମ୍ବର୍ଦ୍ଧିତ କରିଥିଲେ । ପ୍ରବକ୍ତା ପରିଷଦର ସଭାପତି ପଣ୍ଡିତ ପଦ୍ମନାଭ ତ୍ରିପାଠୀ, ରାଜ୍ୟ ସଂଯୋଜକ ସ୍ୱାମୀ ତ୍ରିଲୋକେଶ୍ୱର ଭାରତୀ ତଥା ସାଧାରଣ ସମ୍ପାଦକ ପଣ୍ଡିତ ପ୍ରମୋଦ କୁମାର ପଣ୍ଡା ପ୍ରମୁଖ ଶ୍ରୀ ପଣ୍ଡାଙ୍କୁ ଏହି ଅବସରରେ ଶୁଭେଚ୍ଛା ପ୍ରଦାନ କରି ଆଗାମୀ ଦିନରେ ପୂଣ୍ୟଭୂମି ଉତ୍କଳ ତଥା ଉତ୍କଳ ବାହାରେ ଶ୍ରୀମଦ୍ ଭାଗବତ, ଶ୍ରୀମଦ୍ ଭଗବତ ଗୀତା, ରାମାୟଣ ତଥା ଜଗନ୍ନାଥ ସଂସ୍କୃତି ସମ୍ୱଳିତ ପ୍ରବଚନ ପ୍ରଦାନ କରି ଉତ୍କଳୀୟ ଧର୍ମୀୟ ସଂସ୍କୃତିର ପ୍ରଚାର ଓ ପ୍ରସାର ପାଇଁ ନିରନ୍ତର ଉଦ୍ୟମ କରିବାକୁ ପରାମର୍ଶ ଦେଇଥିଲେ । ପ୍ରକାଶ ଥାଉକି ପ୍ରବାଚକ ଶ୍ରୀ ପଣ୍ଡା ପୂର୍ବରୁ ଶିକ୍ଷା କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ରାଜ୍ୟପାଳ ପୁରସ୍କାର, ରାଷ୍ଟ୍ରପତି ପୁରସ୍କାର, ପରିବେଶ କ୍ଷେତ୍ରରେ ପ୍ରକୃତି ବନ୍ଧୁ ପୁରସ୍କାର ସହିତ ତାଙ୍କର ଆଧାତ୍ମିକ ପ୍ରବଚନ ପାଇଁ 'ମାନସ ଶେଖର' ଓ 'ଭାଗବତ ଭୂଷଣ ' ପ୍ରଭୃତି ବହୁ ଉପାଧି ଏବଂ ଓଡ଼ିଶାର ବିଭିନ୍ନ ସାରସ୍ୱତ ସଂଗଠନ ତରଫରୁ ବହୁ ମାନପତ୍ର ଓ ସମ୍ବର୍ଦ୍ଧନା ଲାଭ କରି ଭଞ୍ଜମାଟିର ଗୌରବ ବର୍ଦ୍ଧନ କରିଛନ୍ତି । ତାଙ୍କର ଏହି ସମ୍ମାନ ଲାଭ ପାଇଁ ବାରିପଦାର ବହୁ ଶୁଭେଚ୍ଛୁ ତାଙ୍କୁ ଅଭିନନ୍ଦନ ଜ୍ଞାପନ କରିଛନ୍ତି ।

# ବସ୍ତାରେ ସଙ୍ଗୀତଜ୍ଞ ପ୍ରଫୁଲ୍ଲ କରଙ୍କ ଶ୍ରଦ୍ଧାଞ୍ଜଳି ସଭା



ବସ୍ତା, ୦୨/୫(ନିପ୍ର) : ବସ୍ତା ବିବେକାନନ୍ଦ ଶିକ୍ଷାକେନ୍ଦ୍ର ସଭାଗୃହରେ ରବିବାର ଅପରାହ୍ନରେ ସଙ୍ଗୀତ ଜଗତର ଦ୍ରୋଣାଚାର୍ଯ୍ୟ , କଣ୍ଠଶିଳ୍ପୀ, ଗୀତିକାର ପଦ୍ମଶ୍ରୀ ପ୍ରଫୁଲ୍ଲ କରଙ୍କ ବିୟୋଗରେ ବସ୍ତା ଠାରେ ଏକ ସ୍ମୃତି ସଭା ଅନୁଷ୍ଠିତ ହୋଇଯାଇଅଛି । ତାଙ୍କ ପ୍ରତି ଓଡିଶା ବାସୀଙ୍କ ଭଲପାଇବା ସଂଗୀତ ଅନୁରାଗିଙ୍କ ପାଇଁ ତାଙ୍କ ସ୍ଥାନ ଅପୁରଣିୟ ହୋଇ ରହିଗଲା ବୋଲି ଉପସ୍ଥିତ ଅତିଥିମାନେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି ଅର୍ପଣ କରି ମତବ୍ୟକ୍ତ କରିଥିଲେ । ଏହି ଉପଲକ୍ଷେ ଶିକ୍ଷା କେନ୍ଦ୍ର ପରିସରରେ ବସ୍ତା ସାହିତ୍ୟ ସଂସ୍କୃତି କଳା ପରିଷଦ ତରଫରୁ ଆୟୋଜିତ ଏହି ସଭାରେ ବକ୍ତାମାନେ ତାଙ୍କ ସଙ୍ଗୀତ ଜୀବନର ବିଭିନ୍ନ ଦିଗ ବିଷୟରେ ବିଶ୍ଳେଷଣ କରିବା ସହ ଓଡିଆ ଚଳଚ୍ଚିତ୍ର ରେ ତାଙ୍କର ଅବଦାନ କୁ ଆଲୋକପାତ କରିଥିଲେ । ଅକ୍ଷୟ ମହାନ୍ତିଙ୍କ ପରେ ପ୍ରଫୁଲ୍ଲ କରଙ୍କ ବିଦାୟ ଏକ ଯୁଗର ଅବସାନ ବୋଲି ରାଜ୍ୟ ସାଧାରଣ ସମ୍ପାଦକ ତଥା ସମାଜସେବୀ ଶ୍ୟାମାପ୍ରସାଦ ବେହେରା ଭାବୋ ବିହୋଳ ହୋଇ ମତପ୍ରକାଶ କହିଥିଲେ । ଏହିଅବସରରେ ସାହିତ୍ୟ ଏକାଡେମୀ ପୁରସ୍କୃତ ବୀଣାପାଣି ମହାନ୍ତିଙ୍କୁ ବକ୍ତାମାନେ ସ୍ମୃତି ତର୍ପଣ କରିଥିଲେ । କଣ୍ଠଶିଳ୍ପୀ ମାନେ ପ୍ରଫୁଲ୍ଲ କର ସଙ୍ଗୀତ ପରିବେଷଣ କରିବାସହ କବିମାନେ ତାଙ୍କ ଉଦ୍ଦେଶ୍ୟ ରେ ସ୍ୱରଚିତ କବିତା ପାଠ କରିଥିଲେ । ଜୟନ୍ତ ପାଣିଗ୍ରାହୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମ ରେ ଅରୁଣ କୁମାର ଦାସ, କୁମୁଦ ଗିରି, ରାମଚନ୍ଦ୍ର ଦେବ, ବିରାଜ ସିଂହ ଦେଓ, ବିକର୍ତନ କବି, ଜୟନ୍ତୀ ବେହେରା, ପ୍ରଶାନ୍ତ ଦସ, ଶୁଭଶ୍ରୀ ପରିଡା, ରଜନୀ ବାରିକ, ସୁଶାନ୍ତ ପ୍ରଧାନ ପ୍ରମୁଖ ବକ୍ତବ୍ୟ ରଖିଥିଲେ । ସମ୍ପାଦକ ବିଜୟ ପରିଡା ଧନ୍ୟବାଦ ଅର୍ପଣ କରିଥିଲେ ।


❒ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: ସୃଷ୍ଟିଧର ପରିଡ଼ା
❒ ସଂପାଦିକା : ସୈରିନ୍ଧ୍ରୀ ସାହୁ

Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001, Phone No- (06782) 263704

❒ Managing & Executive Editor : Srustidhar Parida
❒ Editor: Sairindhree Sahoo